

ଅନାବଶ୍ୟକ କେଶରୁ ମୁକ୍ତ ପାଇବାକୁ ଚାହୁଁଛନ୍ତି କି ?

ପୃଷ୍ଠା-୬



EXPRESSES THE TRUTH

ପ୍ରକାଶ କରେ କେବଳ ସତ୍ୟ

/Odisha Sandesh

# ଓଡ଼ିଶା ସନ୍ଦେଶ

Weekly ସାପ୍ତାହିକ

RNI NO : ODIODI/2006/19914

ODISHA SANDESH

Website : www.odishasandesh.in

E-mail:odishasandesh.news@gmail.com


ସରି ଆସୁଛି ଦାଦାଙ୍କ ବେଳକାଳ

ପୃଷ୍ଠା-୭




● ବର୍ଷ- ୧୬ ● ସଂଖ୍ୟା-୨୧● ଭୁବନେଶ୍ୱର ● ଫେବୃଆରୀ ୭-୧୩,୨୦୨୨ ● ପୃଷ୍ଠା -୮● ମୂଲ୍ୟ- ୩.୦୦ ଟଙ୍କା ● Vol -16 ● Issue - 21● Bhubaneswar ● February7-13, 2022 ● Page- 8 ● ₹ .3.00


# ଦୁଃଖ ପ୍ରକାଶ ପାଇଁ ମୋ ପାଖରେ ଭାଷା ନାହିଁ: ମୋଦୀ



ଲତା ମଙ୍ଗେସକରଙ୍କୁ ଶ୍ରଦ୍ଧାଞ୍ଜଳି ଜଣାଉଛନ୍ତି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି

ନୂଆଦିଲ୍ଲୀ: ଦୁଃଖ ପ୍ରକାଶ ପାଇଁ ମୋ ପାଖରେ ଭାଷା ନାହିଁ। ଦୟାଳୁ ଓ ସ୍ନେହୀ ଲତା ଦିଦି ଆମକୁ ଛାଡି ଚାଲିଗଲେ।ତାଙ୍କ ବିୟୋଗରେ ଯେଉଁ ଶୂନ୍ୟତା ସୃଷ୍ଟିହେଲା ତାହା ପୂରଣ କରି ହେବ ନାହିଁ ବୋଲି ଭାରତୀୟ ସଂଗୀତର କିମ୍ବଦନ୍ତୀ ଲତା ମଙ୍ଗେସକରଙ୍କ ବିୟୋଗରେ ଶୋକାଭିଭୂତ ହୋଇ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ କହିଛନ୍ତି।

ଲତାଙ୍କ ବିୟୋଗରେ ଶୋକ ବ୍ୟକ୍ତ କରି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଟୁଇଟ୍ କରି କହିଛନ୍ତି: ଲତା ଦିଦିଙ୍କ ଗୀତ ଭିନ୍ନଭିନ୍ନ ଆବେଗର ପରିପ୍ରକାଶ କରେ। ଭାରତୀୟ ଚଳଚ୍ଚିତ୍ର ଜଗତ୍‌ର କ୍ରମବିବର୍ତ୍ତନକୁ ସେ ଦଶନ୍ଧି ଦଶନ୍ଧି ଧରି ଅତି ନିକଟରୁ ଦେଖି ଆସିଥିଲେ। ସିନେମା ବ୍ୟତିରେକେ, ଭାରତର ଅଭିବୃଦ୍ଧି ନିମନ୍ତେ ତାଙ୍କର ଖୁବ୍ ଆବେଗ ଥିଲା। ଶକ୍ତିଶାଳୀ ଓ ବିକଶିତ ଭାରତ ଦେଖିବାକୁ ସେ ସଦାସର୍ବଦା ଇଚ୍ଛୁକ ଥିଲେ। ଆଗାମୀ ପିଢ଼ି ତାଙ୍କୁ ଭାରତୀୟ ସଂସ୍କୃତି ପ୍ରତି ଜଣେ ପ୍ରତିବଦ୍ଧା ଭାବେ ସ୍ମରଣ କରିବେ, ଯାହାଙ୍କ ସୁଲଳିତ ସ୍ୱର ଜନସାଧାରଣଙ୍କୁ ମନ୍ତ୍ରମୁଗ୍ଧ କରାଇବାରେ ଅତୁଳନୀୟ ସାମର୍ଥ୍ୟ ଥିଲା ବୋଲି ସେ କହିଛନ୍ତି।

ରାଷ୍ଟ୍ରପତି ରାମନାଥ କୋବିନ୍ଦ ମଧ୍ୟ ପ୍ରଖ୍ୟାତ ଗାୟିକା ଲତା ମଙ୍ଗେସ୍କର୍‌ଙ୍କ ➲ପୃଷ୍ଠା-୭ ଦେଖନ୍ତୁ

## ଲତାଙ୍କ ବିୟୋଗରେ ୨ ଦିନିଆ ରାଷ୍ଟ୍ରୀୟ ଶୋକ ଘୋଷଣା

ନୂଆଦିଲ୍ଲୀ: ସ୍ୱର ସମ୍ରାଜ୍ଞୀ ଲତା ମଙ୍ଗେସକର୍ ଙ୍କ ନିଧନ ଘଟିଛି । ସାରା ବିଶ୍ୱ ତାଙ୍କ ବିୟୋଗରେ ମ୍ରିୟମାଣ ହୋଇପଡିଛି । ତେବେ ତାଙ୍କ ବିୟୋରେ ୨ ଦିନ ଅର୍ଦ୍ଧନମିତ ରହିବ ଜାତୀୟ ପତାକା । କେନ୍ଦ୍ର ସରକାରଙ୍କ ପକ୍ଷରୁ ୨ ଦିନିଆ ରାଷ୍ଟ୍ରୀୟ ଶୋକ ପାଳନ କରାଯିବା ନେଇ ଘୋଷଣା କରାଯାଇଛି । ସୂଚ଼ନାଯୋଗ୍ୟ, ଗତ ରବିବାର ସକାଳ ୮ଟା ୧୨ ମିନିଟ୍ ରେ ଲତା ମଙ୍ଗେସକର୍ ଙ୍କ ଦେହାନ୍ତ ହୋଇଛି । ମୁମ୍ବାଇର ବ୍ରିଚ୍ କ୍ୟାଣ୍ଡି ହସ୍ପିଟାଲରେ ସେ ଦୀର୍ଘ ଦିନ ଧରି ଚ଼ିକିତ୍ସିତ ହୋଇ ଆସୁଥିଲେ । ତେବେ ଆଜି ସେ ଆଖି ବୁଜିଛନ୍ତି । ବର୍ତ୍ତମାନ ହସ୍ପିଟାଲ ସାମନାରେ କଡା ସୁରକ୍ଷା ବ୍ୟବସ୍ଥା କରାଯାଇଛି । ଗତକାଲି ତାଙ୍କ ସ୍ୱାସ୍ଥ୍ୟାବସ୍ଥା ବିଗିଡିବାରୁ ଭେଣ୍ଟିଲେଟର୍ ରେ ରଖାଯାଇଥିଲା । ପ୍ରାୟ ୨୯ ଦିନ ଧରି ତାଙ୍କୁ ଭେଣ୍ଟିଲେଟର୍ ରେ ରଖାଯାଇଥିଲା ।



## ସଙ୍ଗୀତ ହିଁ ତାଙ୍କୁ ଅନନ୍ତକାଳ ପାଇଁ ବଞ୍ଚାଇ ରଖିବ: ନବୀନ



ଭୁବନେଶ୍ୱର,(ସଂଦେଶ ବ୍ୟୁରୋ): ସ୍ୱର ସମ୍ରାଜ୍ଞୀ ଲତା ମଙ୍ଗେସକରଙ୍କ ବିୟୋଗରେ ଓଡିଶାର ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଗଭୀର ଶୋକ ପ୍ରକାଶ କରିଛନ୍ତି। ସେ ନିଜର ଟୁଇଟରରେ ଲେଖିଛନ୍ତି, କିମ୍ବଦନ୍ତୀ ଗାୟିକା ଲତା ମଙ୍ଗେସକରଙ୍କ ପରଲୋକ ବିଷୟରେ ଜାଣି ଗଭୀର ଦୁଃଖିତ। 'ମେଲୋଡି କୁଇନ୍ ଅଫ୍ ଇଣ୍ଡିଆ' ➲ପୃଷ୍ଠା-୭ ଦେଖନ୍ତୁ

# ଉତ୍କଳଗୌରବ ମଧୁସୂଦନଙ୍କୁ ଶ୍ରଦ୍ଧାଞ୍ଜଳି ଜଣାଇଲେ ମୁଖ୍ୟମନ୍ତ୍ରୀ



ଭୁବନେଶ୍ୱର ,(ସଂଦେଶ ବ୍ୟୁରୋ): ଉତ୍କଳଗୌରବ ମଧୁସୂଦନ ଦାସଙ୍କ ଶ୍ରାଦ୍ଧବାର୍ଷିକୀ ଅବସରରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଉତ୍କଳଗୌରବ ମଧୁସୂଦନ ଦାସଙ୍କ ପ୍ରତିମୂର୍ତ୍ତିରେ ପୁଷ୍ପମାଲ୍ୟ ଅର୍ପଣ କରିଛନ୍ତି। ଏହାସହ ଗଭୀର ଶ୍ରଦ୍ଧାଞ୍ଜଳି ଜ୍ଞାପନ କରିଛନ୍ତି। ଉତ୍କଳଗୌରବ ମଧୁସୂଦନ ଦାସ ସ୍ୱତନ୍ତ୍ର ଉତ୍କଳ ପ୍ରଦେଶ ଗଠନର ଅନ୍ୟତମ ପୁରୋଧା ଏବଂ ଓଡିଆ ଜାତିର ସ୍ୱାଭିମାନ। ମଧୁସୂଦନ ଦାସ ବିଖଣ୍ଡିତ ଓଡିଶାକୁ ଏକତ୍ର କରି ବ୍ରିଟିଶ ସରକାରଙ୍କ ପାଖରୁ ଓଡିଶାର ହୃଦଗୌରବ ଫେରାଇ ଆଣିବାକୁ ସ୍ୱପ୍ନ ଦେଖିଥିଲେ। ତାଙ୍କର ଉଦ୍ୟମରେ ହିଁ ସ୍ୱତନ୍ତ୍ର ଉତ୍କଳ ପ୍ରଦେଶ ଗଠନ ସାକାର ହୋଇଥିଲା। ୧୮୪୮ ମସିହା ଏପ୍ରିଲ ୨୮ ତାରିଖରେ କଟକରୁ ୨୦ କିଲୋମିଟର ଦୂର ସତ୍ୟଭାମାପୁର ଗ୍ରାମରେ ମଧୁସୂଦନ ଦାସ ଜନ୍ମଗ୍ରହଣ କରିଥିଲେ। ➲ପୃଷ୍ଠା-୭ ଦେଖନ୍ତୁ

## ଉତ୍କଳଗୌରବ ମଧୁସୂଦନ ଦାସଙ୍କ ତିରୋଧାନ ଦିବସରେ ବାଚସ୍ପିତଙ୍କ ଶ୍ରଦ୍ଧାଞ୍ଜଳି





ଭୁବନେଶ୍ୱର,(ସଂଦେଶ ବ୍ୟୁରୋ): ଉତ୍କଳଗୌରବ ମଧୁସୂଦନ ଦାସଙ୍କ ୮୮ତମ ତିରୋଧାନ ଦିବସରେ ବିଧାନସଭା ତରଫରୁ ଶ୍ରଦ୍ଧାଞ୍ଜଳି ଜ୍ଞାପନ କରାଯାଇଛି। ଏହି ଉପଲକ୍ଷେ ବିଧାନସଭା ପରିସରରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବରେ ବାଚସ୍ପତି ଡ. ସୂର୍ଯ୍ୟନାରାୟଣ ପାତ୍ର ଏବଂ ସମ୍ମାନିତ ଅତିଥି ଭାବେ ଜଳସମ୍ପଦ, ସୂଚନା ଓ ଲୋକସମ୍ପର୍କ ମନ୍ତ୍ରୀ ରଘୁନନ୍ଦନ ଦାସ, ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତିକରଣ ମନ୍ତ୍ରୀ ଅଶୋକ ଚନ୍ଦ୍ର ପଣ୍ଡା ଯୋଗଦେଇ ମଧୁବାବୁଙ୍କ ପ୍ରତିମୂର୍ତ୍ତିରେ ପୁଷ୍ପମାଲ୍ୟ ଅର୍ପଣ କରିଥିଲେ ଏବଂ ଶ୍ରଦ୍ଧାସୁମନ ଜ୍ଞାପନ କରିଥିଲେ। ବାଚସ୍ପତି ଡ. ପାତ୍ର ମଧୁବାବୁଙ୍କୁ ଶତାବ୍ଦୀର ସୂର୍ଯ୍ୟ ରୂପେ ଅଭିହିତ କରି ଉତ୍କଳ ପ୍ରଦେଶ ଗଠନରେ ତାଙ୍କ ଅନବଦ୍ୟ ଭୂମିକା ଉପରେ ଆଲୋକପାତ କରିଥିଲେ। ସୂଚନା ଓ ଲୋକସମ୍ପର୍କ ମନ୍ତ୍ରୀ ରଘୁନନ୍ଦନ ଦାସ ଏବଂ ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତିକରଣ ମନ୍ତ୍ରୀ ଅଶୋକ ଚନ୍ଦ୍ର ପଣ୍ଡା ମଧୁବାବୁ ଓଡ଼ିଆଙ୍କ ପ୍ରାଣସ୍ପନ୍ଦନରେ ଚିରକାଳ ପାଇଁ ରହିବେ ବୋଲି ମତ ଦେଇଥିଲେ। ସମସ୍ତ କାର୍ଯ୍ୟକ୍ରମକୁ ବିଧାନସଭା ସଚିବ ଦାଶରଥୀ ଶତପଥୀ ସୁପରିଚାଳନା କରିଥିଲେ। କାର୍ଯ୍ୟକ୍ରମକୁ ବିଧାନସଭା ଯୁଗ୍ମ ନିର୍ଦ୍ଦେଶକ ଶିବ ପଟ୍ଟନାୟକ ସଂଯୋଜନା କରିଥିଲେ। ସାମାଜିକ ସାଂସ୍କୃତିକ ଅନୁଷ୍ଠାନ ଶାଶ୍ୱତୀର କଳାକାରମାନେ ଦେଶାତ୍ମବୋଧ ସଂଗୀତ ପରିବେଷଣ କରିଥିଲେ।

# ଲତାଙ୍କୁ ଶ୍ରଦ୍ଧାଞ୍ଜଳି ଜ୍ଞାପନ କଲେ କେନ୍ଦ୍ରମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ



ଭୁବନେଶ୍ୱର,(ସଂଦେଶ ବ୍ୟୁରୋ): ସ୍ୱର ସାମ୍ରାଜ୍ଞୀ ଲତା ମଙ୍ଗେଶକରଙ୍କ ବିୟୋଗରେ ରାଜ୍ୟ ସଭାପତି ଶ୍ରୀ ସମୀର ମହାନ୍ତି ଗଭୀର ଶୋକବ୍ୟକ୍ତ କରିବା ସହ ରାଜ୍ୟ କାର୍ଯ୍ୟାଳରେ ଅନୁଷ୍ଠିତ ଶ୍ରଦ୍ଧାଞ୍ଜଳୀ କାର୍ଯ୍ୟକ୍ରମରେ ତାଙ୍କ ଫଟୋଚିତ୍ରରେ ପୁଷ୍ପାର୍ଘ୍ୟ ପ୍ରଦାନ ପୂର୍ବକ ଶ୍ରଦ୍ଧାଞ୍ଜଳୀ ଅର୍ପଣ କରିଥିଲେ । ଏହି ଅବସରରେ କେନ୍ଦ୍ର ରେଳ ଏବଂ ସୁଚନା ଓ ପ୍ରଯୁକ୍ତି ମନ୍ତ୍ରୀ ଶ୍ରୀ ଅଶ୍ୱିନୀ ବୈଷ୍ଣବ ମଧ ଉପସ୍ଥିତ ରହି ଶ୍ରଦ୍ଧାଞ୍ଜଳୀ ଜ୍ଞାପନ କରିଥିଲେ । ସଂଗୀତ ଦୁନିଆକୁ ଲତା ଦିଦିଙ୍କ ଅବଦାନ ଚିର ସ୍ମରଣୀୟ । ଲତା ଦିଦି ଆମ ହୃଦୟରେ ଯୁଗେ ଯୁଗେ ରହିବେ । ତାଙ୍କ ବିୟୋଗକୁ ଶବ୍ଦରେ ବର୍ଣ୍ଣନା କରିହେବ ନାହିଁ। ସଂଗୀତ ଜଗତ ପାଇଁ ଏକ ଅପୁରଣୀୟ କ୍ଷତି । ମହାପ୍ରଭୁ ଶ୍ରୀ ଜଗନ୍ନାଥଙ୍କ ନିକଟରେ ସ୍ୱର୍ଗତଃ ଲତା ମଙ୍ଗେଶକରଙ୍କ ପରଲୋକଗତ ଆତ୍ମାର ସଦ୍‌ଗତି କାମନା କରିବା ସହିତ ତାଙ୍କର ଶୋକସନ୍ତପ୍ତ ପରିବାରବର୍ଗଙ୍କ ପ୍ରତି ରାଜ୍ୟ ବିଜେପି ତରଫରୁ ଶ୍ରୀ ମହାନ୍ତି ଓ କେନ୍ଦ୍ରମନ୍ତ୍ରୀ ଶ୍ରୀ ବୈଷ୍ଣବ ସମବେଦନା ଜ୍ଞାପନ କରିଛନ୍ତି । ଏହି ଶ୍ରଦ୍ଧାଞ୍ଜଳୀ କାର୍ଯ୍ୟକ୍ରମରେ ପାର୍ଟିର ବହୁ କାର୍ଯ୍ୟକର୍ତା ଉପସ୍ଥିତ ରହି ଶ୍ରଦ୍ଧାଞ୍ଜଳି ଜ୍ଞାପନ କରିଛନ୍ତି ।

## 'ଆତ୍ମନିର୍ଭର ଅର୍ଥବ୍ୟବସ୍ଥା' ଆର୍ଥିକ ଅଭିବୃଦ୍ଧି ସହ ଓଡ଼ିଶାବାସୀଙ୍କ ପାଇଁ ରୋଜଗାର ସୃଷ୍ଟି କ୍ଷେତ୍ରରେ ବହୁ ସହାୟକ ହେବ: ଅଶ୍ୱିନୀ




ଭୁବନେଶ୍ୱର,(ସଂଦେଶ ବ୍ୟୁରୋ): ଓଡିଶା ପାଇଁ ପ୍ରଧାନମନ୍ତ୍ରୀ ଶ୍ରୀ ନରେନ୍ଦ୍ର ମୋଦିଙ୍କ ହୃଦୟରେ ବିଶେଷ ସ୍ଥାନ ରହିଛି । ଓଡିଶା ମାଟିର ଋଣ ଶୁଝାଇବା ଏବଂ ପ୍ରଧାନମନ୍ତ୍ରୀଙ୍କ ପୂର୍ବୋଦୟ ମିଶନର ସ୍ୱପ୍ନକୁ ସାକାର କରିବା ଏବଂ ସାଢେ ୪କୋଟି ଓଡିଆଙ୍କ ବିକାଶ ପାଇଁ କାର୍ଯ୍ୟ କରିବା ଆମର ମୁଳ ଲକ୍ଷ୍ୟ । ଅତୀତରେ ଓଡିଶାର ବିକାଶ ପାଇଁ ଆବଶ୍ୟକୀୟ କେନ୍ଦ୍ରୀୟ ଆର୍ଥିକ ଅନୁଦାନ ମିଳୁ ନଥିଲା । ମାତ୍ର ଆଜି ଯାହା ଦାବି କରାଯାଉଛି ତାହାଠୁ ଅଧିକ ମିଳୁଛି। ଉଦାହରଣ ସ୍ୱରୂପ, ୟୁପିଏ ଶାସନ କାଳରେ ୨୦୧୪ ମସିହା ପର୍ଯ୍ୟନ୍ତ ଓଡିଶା ରାଜ୍ୟକୁ ରେଳ ବିଭାଗ ପାଇଁ ହାରାହାରି ମାତ୍ର ୮୦୦ କୋଟି ଟଙ୍କାର ଅନୁଦାନ ଆସୁଥିବାବେଳେ ୨୦୧୪ ପରବର୍ତୀ ମୋଦି ସରକାର ଶାସନ କାଳରେ ଏହି ଅନୁଦାନ କ୍ରମାଗତ ଭାବେ ବୃଦ୍ଧି ପାଇଚାଲିଛି । ଚଳିତ ବର୍ଷ ପାଇଁ ୟୁପିଏ ସରକାର ତୁଳନାରେ ଓଡିଶାକୁ ୧୦ଗୁଣ ଅଧିକ ୯୭୩୪ କୋଟି ଟଙ୍କାର ରେଳ ବଜେଟ ଅନୁମୋଦନ ଏକ ନୂତନ ରେକର୍ଡ ସୃଷ୍ଟି କରିଛି ବୋଲି କେନ୍ଦ୍ର ରେଳ ଏବଂ ସୁଚନା ଓ ପ୍ରଯୁକ୍ତି ମନ୍ତ୍ରୀ ଶ୍ରୀ ଅଶ୍ୱିନୀ ବୈଷ୍ଣବ କହିଛନ୍ତି । ରାଜ୍ୟ କାର୍ଯ୍ୟାଳୟଠାରେ ଅନୁଷ୍ଠିତ "ଆତ୍ମନିର୍ଭର ଅର୍ଥନୀତି ଏବଂ ବଜେଟ ୨୦୨୨-୨୩" ଶୀର୍ଷକ ସାମ୍ବାଦିକ ସମ୍ମିଳନୀରେ ଯୋଗ ଦେଇ ଶ୍ରୀ ବୈଷ୍ଣବ କହିଛନ୍ତି ଯେ, 'ସବ୍‌କା ସାଥ୍, ➲ପୃଷ୍ଠା-୭ ଦେଖନ୍ତୁ

## ରମେଶ ଚ଼ନ୍ଦ୍ର ଯୋଶୀଙ୍କ ନାଲକୋର ନିର୍ଦ୍ଦେଶକ (ଅର୍ଥ) ଭାବେ ଦାୟିତ୍ୱ ଗ୍ରହଣ



ଭୁବନେଶ୍ୱର, (ସଂଦେଶ ବ୍ୟୁରୋ): କେନ୍ଦ୍ର ଖଣି ମନ୍ତ୍ରଣାଳୟ ଅଧୀନରେ ଥିବା ନବରତ୍ନ କମ୍ପାନୀ ନାଲକୋର ନୂତନ ନିର୍ଦ୍ଦେଶକ (ଅର୍ଥ) ଭାବରେ ଶ୍ରୀ ରମେଶ ଚ଼ନ୍ଦ୍ର ଯୋଶୀଫେବୃଆରୀ ୦୪ ତାରିଖରେ ଦାୟିତ୍ୱ ଗ୍ରହଣ କରିଛନ୍ତି। ଶ୍ରୀ ଯୋଶୀ ଜଣେ ଅଭିଜ୍ଞ ଅର୍ଥ ବିଶାରଦ ।ଅର୍ଥ ବିଭାଗର ବିଭିନ୍ନ କ୍ଷେତ୍ରରେତାଙ୍କର ୩୨ ବର୍ଷରୁ ଅଧିକ ଅଭିଜ୍ଞତାରହିଛି, ଯେଉଁଥିରେ ଚୁକ୍ତିଭିତ୍ତିକ ଏବଂ ନିୟାମକ ବିଷୟଗୁଡ଼ିକର ସୂଚ଼ାରୁ ରୂପେ ଦାବିତ୍ୱ ବହନ ସହିତ ନାଲକୋର ଅର୍ଥ ବିଭାଗରେ ଦୀର୍ଘ ୨୭ ବର୍ଷର ଅଭିଜ୍ଞତା ଅନ୍ତର୍ଭୁକ୍ତ ।ନାଲକୋ ଏବଂ ଇଡକଲ୍ ର ଜଏଣ୍ଟ୍ ଭେଞ୍ଚର୍ ଅନୁଗୁଳ ଆଲୁମିନିୟମ ପାର୍କ ପ୍ରାଇଭେଟ୍ ଲିମିଟେଡ୍‌ରେ ସେ ମଧ ମନୋନୀତ ନିର୍ଦ୍ଦେଶକ (ଅର୍ଥ) ଅଟନ୍ତି । ନିର୍ଦ୍ଦେଶକ (ଅର୍ଥ) ଭାବରେ କାର୍ଯ୍ୟ ଗ୍ରହଣ କରିବା ପୂର୍ବରୁ ସେ ନାଲକୋରେ ସମୁହ ମହା ପ୍ରବନ୍ଧକ (ଅର୍ଥ) ଭାବରେ କାର୍ଯ୍ୟ କରୁଥିଲେ । ନିର୍ଦ୍ଦେଶକ (ଅର୍ଥ) ଭାବରେ ଦାୟିତ୍ୱ ଗ୍ରହଣ କରିଥିବାରୁ ନାଲକୋର ଅଧକ୍ଷ ତଥା ପରିଚ଼ାଳନା ନିର୍ଦ୍ଦେଶକ ଶ୍ରୀ ଶ୍ରୀଧର ପାତ୍ର, ଶ୍ରୀ ଯୋଶୀଙ୍କୁ ଅଭିନନ୍ଦନ ଜଣାଇବା ସହିତ ନାଲକୋ ବୋର୍ଡ ଆହୁରି ମଜବୁତ ହେବ ବୋଲି ଆଶା ପ୍ରକଟ କରିଛନ୍ତି ।

## ୨୬,୫୦୦ ଏକର ରାଜସ୍ୱ ପତିତ ଜଙ୍ଗଲ ଜମିରେ ହେବ ନୂତନ ବନୀକରଣ: ଅତିରିକ୍ତ ମୁଖ୍ୟ ଶାସନ ସଚିବ



ଭୁବନେଶ୍ୱର, (ସଂଦେଶ ବ୍ୟୁରୋ): ରାଜସ୍ୱ ଓ ବିପର୍ଯ୍ୟାୟ ପରିଚାଳନା ବିଭାଗ ତରଫରୁ ୨୬,୫୦୦ ଏକର ରାଜସ୍ୱ ଜଙ୍ଗଲ ପତିତ ଜମି ଗତ ଏକ ମାସ ମଧ୍ୟରେ ଚିହ୍ନଟ କରାଯାଇ ଜଙ୍ଗଲ ବିଭାଗକୁ ନୂତନ ବନୀକରଣ ନିମନ୍ତେ ହସ୍ତାନ୍ତର କରାଯାଇଅଛି। ସରକାରଙ୍କର ଏହି ଅଭିନବ ଆଭିମୁଖ୍ୟ ଓ ପ୍ରୟାସ ଦ୍ୱାରା ଭବିଷ୍ୟତରେ ସବୁଜ ବଳୟ ସୃଷ୍ଟି ହେବା ସହ ପରିବେଶ ସନ୍ତୁଳିନ ଦିଗରେ ଏହା ସହାୟକ ହୋଇପାରିବ। ଅନ୍ୟ ପକ୍ଷରେ ଏହାଦ୍ୱାରା ବିଭନ୍ନ ସରକାରୀ ପ୍ରକଳ୍ପ ପାଇଁ ଆବଶ୍ୟକ ହେଉଥିବା ଜଙ୍ଗଲ ଜମି ଭରଣା ହେଇପାରୁଥିବାରୁ ସରକାରୀ ପ୍ରକଳ୍ପଗୁଡିକ ଅନାୟାସରେ ସମ୍ପୂର୍ଣ୍ଣ ହୋଇପାରିବ। ସ୍କୁଲ ଓ କଲେଜଗୁଡିକୁ ତୁରନ୍ତ ଜମି ପଟ୍ଟା ପ୍ରଦାନ କରିବାକୁ ରାଜସ୍ୱ ବିଭାଗ ପକ୍ଷରୁ ପ୍ରକ୍ରିୟା ଜାରି ରହିଛି। ବ୍ଲକ୍ ଶିକ୍ଷା ଅଧିକାରୀ, ଜିଲ୍ଲା ଅଧିକାରୀ, ଯୁକ୍ତ-୨ ଓ ଡିଗ୍ରୀ କଲେଜର ଅଧକ୍ଷ, ତହସିଲଦାର ଓ ଜିଲ୍ଲାପାଳଙ୍କ ପ୍ରତିନିଧିଙ୍କୁ ନେଇ କମିଟି ଗଠନ କରାଯାଇ ନିୟମିତ ସମୀକ୍ଷା ବୈଠକ ଅନୁଷ୍ଠିତ ହେଉଛି। ଏହି କମିଟି ଜମିଜମା ସମସ୍ୟାକୁ ସମାଧାନ କରି ରାଜସ୍ୱ ବିଭାଗକୁ ଜଣାଇବେ। ଆସନ୍ତା ମାର୍ଚ୍ଚ ୫ ତାରିଖ ମଧ୍ୟରେ ସେହିସବୁ ➲ପୃଷ୍ଠା-୭ ଦେଖନ୍ତୁ

# ରାଜ୍ୟର ବିଭିନ୍ନ ରେଳ ଷ୍ଟେସନରେ ପ୍ରଦେଶ ଛାତ୍ର କଂଗ୍ରେସର ବିକ୍ଷୋଭ




ଭୁବନେଶ୍ୱର, (ସଂଦେଶ ବ୍ୟୁରୋ): ପ୍ରଦେଶ ଛାତ୍ର କଂଗ୍ରେସ ସଭାପତି ଶ୍ରୀ ୟାସିର ନୱାଜଙ୍କ ନେତୃତ୍ୱରେ ରେଳବାଇ ନିଯୁକ୍ତି ବୋର୍ଡର ଏନଟିପିସି ପରୀକ୍ଷାର ତ୍ରୁଟି ସଂଶୋଧନ ଓ ଗ୍ରୁପ-ଡି କ୍ୟାଟେଗୋରିର ଦ୍ୱିତୀୟ ପର୍ଯ୍ୟାୟ ପରୀକ୍ଷା ନକରିବା ଦାବିରେ ସାରା ଓଡ଼ିଶାର ବିଭିନ୍ନ ରେଳଷ୍ଟେସନରେ ଓ ଭୁବନେଶ୍ୱର ରେଳଷ୍ଟେସନରେ ବିକ୍ଷୋଭ ପ୍ରଦର୍ଶନ କରାଯାଇଥିଲା। ପ୍ରଦେଶ କଂଗ୍ରେସ କାର୍ଯ୍ୟାଳୟରୁ ଛାତ୍ର କଂଗ୍ରେସ ନେତୃବୃନ୍ଦ ଆଜି ଏକ ଶୋଭାଯାତ୍ରାରେ ଯାଇ ଭୁବନେଶ୍ୱର ରେଳଷ୍ଟେସନ ଆଗରେ ବିକ୍ଷୋଭ କରିଥିଲେ।

ଏହି ପରପ୍ରେକ୍ଷୀରେ ଶ୍ରୀ ନୱାଜ କହିଛନ୍ତି ଯେ ସାଧାରଣ ନିର୍ବାଚନ-୨୦୧୯ ପୂର୍ବରୁ ନିଯୁକ୍ତିର ସ୍ୱପ୍ନ ଦେଖାଇ ବେକାର ଯୁବକ ଯୁବତୀ ମାନଙ୍କ ଭୋଟ ହାତେଇବା ମୋଦି ସରକାର ବା ବିଜେପି ଦଳର ଏକ ନିର୍ବାଚନୀ ଷ୍ଟ୍ରାଟେଜୀ। ସାଧାରଣ ନିର୍ବାଚନ - ୨୦୧୯ ପୂର୍ବରୁ ଜାନୁଆରୀ ମାସରେ ତତ୍କାଳୀନ ରେଳବାଇ ମନ୍ତ୍ରୀ ଶ୍ରୀ ପୀୟୁଷ ଗୋୟଲ ରେଳବାଇରେ ୪ଲକ୍ଷ ପଦବୀ ପୂରଣ କରିବେ ବୋଲି ଘୋଷଣା କଲେ। ୨୦୧୪ ନିର୍ବାଚନ ପୂର୍ବରୁ ନରେନ୍ଦ୍ର ମୋଦୀ ନିଜେ ଘୋଷଣା କରିଥିଲେ ଯେ ସେ କ୍ଷମତାକୁ ଆସିଲେ ବର୍ଷକୁ ୨କୋଟି ନିଯୁକ୍ତି ଦେବେ। ମାତ୍ର ନିର୍ବାଚନ ପରେ ଅଦ୍ୟାବିଧି ସେ ତାଙ୍କ ପ୍ରତିଶ୍ରୁତି ପାଳନ କରିପାରି ନାହାନ୍ତି। ଏ ଦେଶରେ ବେକାର ଯୁବକ ଯୁବତୀଙ୍କୁ ସେ ପ୍ରତାରିତ କରିଛନ୍ତି। ତାଙ୍କର "ପକୋଡ଼ା ନିଯୁକ୍ତି" ପ୍ରସଙ୍ଗ ଏ ଦେଶର ବେକାର ଯୁବକ ଯୁବତୀଙ୍କୁ କ୍ଷୁବ୍ଧ କରିଛି।

ଏଠାରେ ପ୍ରକାଶ ଥାଉକି ୨୦୧୯ ମସିହା ଜାନୁଆରୀ ମାସରେ ରେଳବାଇ ନିଯୁକ୍ତି ବୋର୍ଡ (Railway Recruitment Board RRB) ନନଟେକିନିକାଲ ପପୁଲାର କ୍ୟାଟେଗୋରୀ (ଏନ.ଟି.ପି.ସି) ରେ ଅନ୍ତର୍ଭୁକ୍ତ ଖାଲିଥିବା ୩୫, ୨୮୧ ପଦବୀ ପାଇଁ ବିଜ୍ଞାପନ କଲେ। ଜୁନିଅର କ୍ଲର୍କ, ଟ୍ରେନ ଆସିଷ୍ଟାଂଟ, ଗାର୍ଡ଼, ଟାଇମ କିପର ଠାରୁ ଆରମ୍ଭ କରି ଷ୍ଟେସନ ମାଷ୍ଟର ପର୍ଯ୍ୟନ୍ତ ବିଭିନ୍ନ ପଦବୀରେ ନିଯୁକ୍ତି ପାଇଁ ବିଜ୍ଞାପନ ବାହାରିଲା। ଘୋଷିତ ୩୫,୨୮୧ ପଦବୀ ମଧ୍ୟରୁ ୧୦,୬୨୮ ପଦ ପାଇଁ ସର୍ବନିମ୍ନ ଶିକ୍ଷାଗତ ଯୋଗ୍ୟତା ୧୦ମ ଓ ଯୁକ୍ତ୨ ରହିଥିବା ବେଳେ ୨୪,୬୪୯ ପଦଲାଗି ସର୍ବନିମ୍ନ ଯୋଗ୍ୟତା ସ୍ନାତକ ଡିଗ୍ରୀ ରହିଥିଲା। ୨୦୨୦ ଡିସେମ୍ବର ୨୦୨୧ ଜୁଲାଇ ମଧ୍ୟରେ ୭ଟି ପର୍ଯ୍ୟାୟରେ ୧୩ଟି କ୍ୟାଟେଗୋରି ପାଇଁ ପରୀକ୍ଷା କରାଗଲା। ଏହି ପରୀକ୍ଷାରେ ପ୍ରାୟ ୧ କୋଟି ୨୫ ଲକ୍ଷ ପରୀକ୍ଷାର୍ଥୀ ସି.ବି.ଟି -୧ (Computer Based Test) ଦେଇଥିଲେ। ପରୀକ୍ଷାଫଳ ୨୦୨୨ ଜାନୁଆରୀ ୧୪-୧୫ ରେ ପ୍ରକାଶିତ ହେବାପରେ ଏଥିରେ ବ୍ୟାପକ ତ୍ରୁଟି ଦେଖି ବିହାର, ଉତର ପ୍ରଦେଶ ପ୍ରଭୃତି ଅନ୍ୟାନ୍ୟ ରାଜ୍ୟରେ ପରୀକ୍ଷାର୍ଥି ମାନେ ବ୍ୟାପକ ଆନ୍ଦୋଳନ କରିଥିଲେ।

# ପିସିସି ପକ୍ଷରୁ ମଧୁସୂଦନ ଦାସଙ୍କ ଶ୍ରାଦ୍ଧ ଦିବସ ପାଳିତ



ଭୁବନେଶ୍ୱର,(ସଂଦେଶ ବ୍ୟୁରୋ): ଓଡ଼ିଶା ପ୍ରଦେଶ କଂଗ୍ରେସ କମିଟି ପକ୍ଷରୁ ଉତ୍କଳ ଗୌରବ ମଧୁସୂଦନ ଦାସଙ୍କ ଶ୍ରାଦ୍ଧ ଉତ୍ସବ କଂଗ୍ରେସ ଭବନ ଭୁବନେଶ୍ୱର ଠାରେ ପାଳିତ ହୋଇଯାଇଛି। ଏହି ଉପଲକ୍ଷେ ସକାଳେ ଭୁବନେଶ୍ୱର ରାଜଭବନ ଛକ ଠାରେ ଥିବା ମଧୁସୂଦନ ଦାସଙ୍କ ପ୍ରତିମୂର୍ତିରେ କଂଗ୍ରେସ ନେତୃବୃନ୍ଦ ପୁଷ୍ପମାଲ୍ୟ ଅର୍ପଣ କରିଥିଲେ। ପରେ କଂଗ୍ରେସ ଭବନ ପରିସରରେ ଥିବା ମଧୁବାବୁଙ୍କ ପ୍ରତିମୂର୍ତିରେ ଶ୍ରଦ୍ଧାସୁମନ ଅର୍ପଣ କରାଯାଇଥିଲା। ଆଜିର ଏହି ସମସ୍ତ କାର୍ଯ୍ୟକ୍ରମରେ କଂଗ୍ରେସ ନେତୃବୃନ୍ଦ ସର୍ବଶ୍ରୀ ଶରତ ପଟ୍ଟନାୟକ, ପ୍ରସାଦ ହରିଚନ୍ଦନ, ସୁରେଶ କୁମାର ରାଉତରାୟ, ଯଜ୍ଞେଶ୍ୱର ବାବୁ, ଶିବାନନ୍ଦ ରାୟ, ମନୋରଞ୍ଜନ ଦାଶ, ଲୋକନାଥ ମହାରଥି, ହଳଧର ସେଠୀ, ପ୍ରକାଶ ମିଶ୍ର, ଜୟକୃଷ୍ଣ ମଲ୍ଲିଆ, ପ୍ରକାଶ ଜେନା, ଜ୍ୟୋତିଷ ସାହୁ, ତ୍ରିନାଥ ସାହୁ, ମନୋରଞ୍ଜନ ରାଉତରାୟ, ମିହିର ଆଚାର୍ଯ୍ୟ, ସଂଜୟ ମିଶ୍ର, ସଂଜୀବ ମହାନ୍ତି, ଖଗେଶ୍ୱର ମଲ୍ଲିକ, ସୁଭାଷ ପ୍ରଧାନ, କୁଳମଣି ସାହୁ, ରାଜକିଶୋର ବାରିକ, ଉମେଶ ସାହୁ ପ୍ରମୁଖ ବହୁ କଂଗ୍ରେସ ନେତା ଓ କର୍ମୀ ଉପସ୍ଥିତ ଥିଲେ।

# ବିଜେପିରେ ସାମିଲ ହେଲେ ଓଡିଶା ଅର୍ଥ ସେବାର ଅବସରପ୍ରାପ୍ତ ପ୍ରଶାସକ ଦିଲୀପ କୁମାର ମହାପାତ୍ର



ଭୁବନେଶ୍ୱର,(ସଂଦେଶ ବ୍ୟୁରୋ): ରାଜ୍ୟ କାର୍ଯ୍ୟାଳୟଠାରେ ରାଜ୍ୟ ସଭାପତି ଶ୍ରୀ ସମୀର ମହାନ୍ତିଙ୍କ ଉପସ୍ଥିତିରେ ରାଜ୍ୟ ଅର୍ଥ ସେବାର ଅବସରପ୍ରାପ୍ତ ପ୍ରଶାସକ ଶ୍ରୀ ଦିଲୀପ କୁମାର ମହାପାତ୍ର ଆଜି ଆନୁଷ୍ଠାନିକ ଭାବେ ବିଜେପିରେ ଯୋଗଦାନ କରିଛନ୍ତି । ଶ୍ରୀ ମହାପାତ୍ର ଓଡିଶା ସରକାରଙ୍କ ଅର୍ଥ ବିଭାଗର ଅନେକ ଗୁରୁତ୍ୱପୂର୍ଣ୍ଣ ପଦପଦବୀରେ ରହି ନିଜ ଦାୟୀତ୍ୱକୁ ସୁଚାରୁ ରୂପେ ପାଳନ କରିଛନ୍ତି । ଗତ ବର୍ଷ ସରକାରୀ ଚାକିରୀରୁ ଅବସରଗ୍ରହଣ କରିବା ପରେ ଶ୍ରୀ ମହାପାତ୍ର ବର୍ତମାନ ଆଇନଜୀବି ଭାବେ କାର୍ଯ୍ୟରତ । ରାଜ୍ୟ ସଭାପତି ଶ୍ରୀ ମହାନ୍ତି ନୂତନ ଭାବେ ବିଜେପିରେ ସାମିଲ ହୋଇଥିବା ଶ୍ରୀ ମହାପାତ୍ରଙ୍କୁ ଦଳୀୟ ଉତରୀୟ ଓ ଟୋପି ପିନ୍ଧାଇ ସ୍ୱାଗତ ଜଣାଇଥିଲେ । ରାଷ୍ଟ୍ରବାଦ ଓ ରାଷ୍ଟ୍ରବାଦୀ ବିଚାର ପ୍ରତି ଆକୃଷ୍ଟ ହୋଇ ଶ୍ରୀ ମହାପାତ୍ର ବିଜେପିରେ ସାମିଲ ହୋଇଛନ୍ତି ବୋଲି କହିଛନ୍ତି । ଏହି ମିଶ୍ରଣ ପର୍ବ ଅବସରରେ ବୁଦ୍ଧିଜୀବି ପ୍ରକୋଷ୍ଠ ସଂଯୋଜକ ତଥା ବରିଷ୍ଠ ନେତା ସଜ୍ଜନ ଶର୍ମା, ଓବିସି ମୋର୍ଚ୍ଚା ରାଜ୍ୟ ସଭାପତି ସୁରଥ ବିଶ୍ୱାଳ, ମହିଳା ମୋର୍ଚ୍ଚା ରାଜ୍ୟ ସଂପାଦିକା ରଶ୍ମୀରେଖା ଦାଶ ପ୍ରମୁଖ ଉପସ୍ଥିତ ଥିଲେ ।

# ମାଓବାଦୀଙ୍କ ବିସ୍ଫୋରଣରେ ସାମ୍ବାଦିକଙ୍କ ମୃତ୍ୟୁ



## ମୃତକଙ୍କ ପରିବାରକୁ ୧୩ ଲକ୍ଷ ଟଙ୍କାର ଅନୁକମ୍ପା ରାଶି ଘୋଷଣା କଲେ ମୁଖ୍ୟମନ୍ତ୍ରୀ

କଳାହାଣ୍ଡି ,(ସଂଦେଶ ବ୍ୟୁରୋ): : ଖବର ସଂଗ୍ରହ କରିବାକୁ ଯାଇ ମାଓବାଦୀଙ୍କ ଲାଣ୍ଡ ମାଇନ ବିସ୍ଫୋରଣରେ ସାମ୍ବାଦିକ ମୃତ୍ୟୁ, ।ଏଭଳି ଏକ ହୃଦୟ ବିଦରକ ଘଟଣା ଦେଖିବାକୁ ମିଳିଛି କଳାହାଣ୍ଡି ଜିଲ୍ଲା ର ମାଓ ଅଧ୍ୟୁଷିତ ମଦନପୁର ରାମପୁର ଅଞ୍ଚଳରେ । ମଦନ ପୁର ରାମପୁର ଥାନା ଅନ୍ତର୍ଗତ ମୋହନଗିରି ଯୁବ ସାମ୍ବାଦିକ ର ରୋହିତ ବିଶ୍ୱାଳ ଆଜି ମାଓବାଦୀ ମାନେ ଦୁଲେନ କରଲାଝୁଣ୍ଟା ବ୍ରିଜ ରେ ମାଓବାଦୀ ଙ୍କ ପୋଷ୍ଟର ଲାଗି ଥିବା ଖବର ପାଇ ଘଟଣା ସ୍ଥଳକୁ ଖବର ସଂଗ୍ରହ ପାଇଁ ଯାଇଥିବା ବେଳେ ବିସ୍ଫୋରଣ ହୋଇଥିଲା । ଏଥିରେ ମୁହଁ ଓ ହାତ ଗୋଡ଼ ତଥା ଶରୀରରେ ଆହତ ହେବା ସହ ବାଇକ ଛିଟିକି ପଡି ଘଟଣା ସ୍ଥଳରେ ହିଁ ମୃତ୍ୟୁ ବରଣକରି ଥିବା ଅନୁମାନ କରାଯାଇଛି । ମାଓବାଦୀଙ୍କ ଲ୍ୟାଣ୍ଡମାଇନ୍ ବିସ୍ଫୋରଣରେ ସାମ୍ବାଦିକ ରୋହିତ ବିଶ୍ୱାଳଙ୍କ ମୃତ୍ୟୁ ଘଟଣାରେ ରାଜ୍ୟ ସରକାର ଅନୁକମ୍ପା ରାଶି ଘୋଷଣା କରିଛନ୍ତି । ସରକାର ୧୩ ଲକ୍ଷ ଟଙ୍କାର ଅନୁକମ୍ପା ରାଶି ଦେବେ ବୋଲି ଘୋଷଣା କରିଛନ୍ତି ।ଏନେଇ ରାଜ୍ୟ ସରକାରଙ୍କର ଗଣମାଧ୍ୟମ ପରାମର୍ଶଦାତା ମାନସ ମଙ୍ଗରାଜ ସୂଚନା ଦେଇଛନ୍ତି ଯେ ଅନୁକମ୍ପାମୂଳକ ରାଶି ମୃତ ସାମ୍ବାଦିକଙ୍କ ପରିବାରକୁ ମିଳିବ। ପୁଲିସ ବିଭାଗ ପକ୍ଷରୁ ୯ ଲକ୍ଷ ଟଙ୍କା ଓ ସାମ୍ବାଦିକ କଲ୍ୟାଣ ପାଣ୍ଠିରୁ ୪ ଲକ୍ଷ ଟଙ୍କା ମିଳିବ। ଅନୁକମ୍ପା ରାଶି ପ୍ରଦାନ ପାଇଁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ନିର୍ଦ୍ଦେଶ ଦେଇଥିବା ସେ ସୂଚନା ଦେଇଛନ୍ତି ।

# ଆର୍ଯ୍ୟ ସମାଜ ଓଡ଼ିଶା ପକ୍ଷରୁ ସ୍ୱାମୀ ପ୍ରଣବାନନ୍ଦଙ୍କ ୪ର୍ଥ ଦିବସରେ ଶାନ୍ତି ଯଜ୍ଞ




ଭୁବନେଶ୍ୱର, (ସଂଦେଶ ବ୍ୟୁରୋ): ଓଡ଼ିଶାର ପୁରପଲ୍ଲୀରେ ଦୀର୍ଘ ୭୦ ବର୍ଷ ଧରି ବୈଦିକ ଧର୍ମ, ବେଦ ଓ ଆର୍ଯ୍ୟସମାଜର ତପୋନିଷ୍ଠ ପରିବ୍ରାଜକ ସ୍ୱାମୀ ପ୍ରଣବାନନ୍ଦ ସରସ୍ୱତୀଙ୍କ ବିୟୋଗରେ ଆର୍ଯ୍ୟସମାଜ ଓଡ଼ିଶା ପକ୍ଷରୁ ଏକ ଶାନ୍ତି ଯଜ୍ଞ ଓ ଆଭାସୀ ଶ୍ରଦ୍ଧାଞ୍ଜଳି ସଭା ଡଃ ଆର୍ଯ୍ୟକୁମାର ଜ୍ଞାନେନ୍ଦ୍ରଙ୍କ ପୌରହିତ୍ୟରେ ଅନୁଷ୍ଠିତ ହୋଇଯାଇଛି।ପଣ୍ଡିତ ବିନୋଦ ବିହାରୀ ଦାସଙ୍କ ଦ୍ୱାରା ଶାନ୍ତିଯଜ୍ଞ ପରେ, ଶୋକ ପ୍ରସ୍ତାବ ଆଗତ କରି ବରିଷ୍ଠ ବୈଦିକ ବିଦ୍ୱାନ ପଣ୍ଡିତ ବୀରେନ୍ଦ୍ର କୁମାର ପଣ୍ଡା କହିଲେ ଯେ, ଅନୁଗୁଳ ଜିଲ୍ଲାର ଏକ ପଲ୍ଲୀଗ୍ରାମରୁ ଆସି ସ୍ୱାମିଜୀ ତାଙ୍କ ଜୀବନକାଳ ମଧ୍ୟରେ ଅନ୍ୟୁନ ଏକ ହଜାର ପରିବାରକୁ ଆର୍ଯ୍ୟସମାଜ ମନ୍ତ୍ରରେ କେବଳ ଦିକ୍ଷିତ କରିନାହାଁନ୍ତି, ସମାଜ ସଂସ୍କାର ପାଇଁ ମୂଳଦୁଆ ପକାଇ ଯାଇଛନ୍ତି। ସାଧାରଣ ଗ୍ରାମୀଣ ଜନତାକୁ ବୈଦିକ ବିଚାରକୁ ବୁଝାଇବାର ଏକ ଅଭିନବ କୌଶଳ ପରମାତ୍ମା ତାଙ୍କୁ ଦେଇଥିଲେ। ନିଗମ କଳ୍ପତରୁ ଆଶ୍ରମର ସନ୍ଥ ସ୍ୱାମୀ ବ୍ରହ୍ମାନନ୍ଦ ସରସ୍ୱତୀ ସ୍ୱାମିଜୀଙ୍କୁ ଜଣେ ବ୍ରହ୍ମଦର୍ଶୀ ସନ୍ଥ ବୋଲି ବର୍ଣ୍ଣନା କରିଥିଲେ। ଶିବାନନ୍ଦ ଆଶ୍ରମର ସନ୍ଥ ସ୍ୱାମୀ ଜଗନ୍ନାଥାନନ୍ଦ ସରସ୍ୱତୀ, ସ୍ୱାମିଜୀଙ୍କୁ ଜଣେ ନିରହଂକାରୀ ବ୍ୟକ୍ତିତ୍ୱ ବୋଲି କହିଥିଲେ।ଶ୍ରଦ୍ଧାଞ୍ଜଳି ଜଣାଇ ବିଶିଷ୍ଟ ସଂସ୍କୃତ ବିଦ୍ୱାନ ଡଃ ହରେକୃଷ୍ଣ ଶତପଥୀ କହିଲେ ଯେ, ସ୍ୱାମିଜୀ ଓଡ଼ିଶାର ପ୍ରତ୍ୟେକ ଅଞ୍ଚଳକୁ ଗସ୍ତକରି ସାଧାରଣ ଜନତାଙ୍କ ସୁଖଦୁଃଖରେ ସାମିଲ ହେବା ସହ ସଦାଚାରୀ ହେବା ପାଇଁ ଉପଦେଶ ଦେଉଥିଲେ। ଅନ୍ୟମାନଙ୍କ ମଧ୍ୟରେ ଶିକ୍ଷାବିତ୍ ଡଃ ବଦ୍ରୀନାଥ ପଟ୍ଟନାୟକ, ବୁଦ୍ଧ ମନ୍ଦିରର ଟ୍ରଷ୍ଟି ଡଃ ସୌରେନ୍ଦ୍ର କୁମାର ମହାପାତ୍ର, ପୂର୍ବତନ ଡିନ୍ ଡଃ ବୁଦ୍ଧଦେବ ମିଶ୍ର ସ୍ୱର୍ଗତ ଆତ୍ମାଙ୍କ ଉଦ୍ଦେଶ୍ୟରେ ଶ୍ରଦ୍ଧା ସୁମନ ଜଣାଇବା ସହ ୮୯ବର୍ଷର ଜୀବନକାଳ ଉପରେ ଏକ ପୁସ୍ତକ ପ୍ରକାଶ କରିବା ପାଇଁ ପ୍ରସ୍ତାବ ଦେଇଥିଲେ। ଗୁରୁକୁଳ ବେଦବ୍ୟାସ ପକ୍ଷରୁ ରାମଚନ୍ଦ୍ର ସାହୁ, ସଂସ୍କୃତ ମହାବିଦ୍ୟାଳୟ ପକ୍ଷରୁ ଅଧ୍ୟାପକ ଉମାକାନ୍ତ ପଣ୍ଡା, ବାନପ୍ରସ୍ଥି ରାଜକିଶୋର ହୋତା ଓ ବିଶିଷ୍ଟ ସଂସ୍କୃତ ବିଦ୍ୱାନ ଡଃ ବୁଦ୍ଧେଶ୍ୱର ଷଡ଼ଙ୍ଗୀ ପ୍ରମୁଖ ଶ୍ରଦ୍ଧାଞ୍ଜଳି ଜଣାଇଥିଲେ।

# ଗିରଫ ହେଲେ ନୂଆପଡ଼ା ଯୋଗାଣ ଅଧିକାରୀ



ନୂଆପଡ଼ା ,(ସଂଦେଶ ବ୍ୟୁରୋ):ନୂଆପଡ଼ା ଜିଲ୍ଲାର କୋଟିପତି ସହକାରୀ ଯୋଗାଣ ବିଭାଗ ଅଧିକାରୀ ରତ୍ନାକର ସେଠୀଙ୍କୁ ଗିରଫ କଲା ଭିଜିଲାନ୍ସ । ଆୟ ବର୍ହିଭୂତ ସମ୍ପତ୍ତି ଠୁଳ ଅଭିଯୋଗରେ ଫେବୃଆରୀ ୨ ତାରିଖରେ ରତ୍ନାକରଙ୍କ ଘରେ ଚ଼ଢ଼ାଉ କରିଥିଲା ଭିଜିଲାନ୍ସ। ନୂଆପଡ଼ା ଅତିରିକ୍ତ ଯୋଗାଣ ଅଧିକାରୀ ରତ୍ନାକର ସେଠୀଙ୍କର ମୋଟ ୬ କୋଟି ୭୩ ଲକ୍ଷ ଟଙ୍କାର ସମ୍ପତ୍ତି ଠାବ ହୋଇଛି। କଟକର ସ୍ୱତନ୍ତ୍ର ଭିଜିଲାନ୍ସ କୋର୍ଟଙ୍କ ୱାରେଣ୍ଟ ବଳରେ ତାଙ୍କର ନୂଆପଡାସ୍ଥିତ ଭଡାଘର ସହିତ ଏକକାଳୀନ ୬ଟି ସ୍ଥାନରେ ଚ଼ଢ଼ଉ କରାଯାଇଥିଲା। ଚ଼ଢ଼ାଉରେ ୧.୧୭ କୋଟି ଟଙ୍କାର ବୀମା ଜମା, ଗୁଡ଼ଲିଆଗଡ଼ରେ ତିନୋଟି ଫ୍ଲାଟ୍ ଏବଂ କଟକ ସହରର ବାଲିସାହିରେ ଗୋଟିଏ ଫ୍ଲାଟ୍, ସେଠି ଏବଂ ତାଙ୍କ ପରିବାର ସଦସ୍ୟଙ୍କ ନାମରେ ସେଭିଙ୍ଗ ଜମା ସହିତ ବ୍ୟାଙ୍କ ଜମା ୮୯,୨୪,୦୮୧ ଟଙ୍କା ଏବଂ ୫୦୦ ଓଜନ ସୁନା ଅଳଙ୍କାର, ୨୦,୯୪,୦୦୦ ଟଙ୍କା ମୂଲ୍ୟର ୨.୫୫ କିଲୋଗ୍ରାମ ଓଜନର ରୂପା ଅଳଙ୍କାର ଏବଂ ୧୬,୫୪,୯୦୦ ଟଙ୍କା ମୂଲ୍ୟର ଘରୋଇ ସାମଗ୍ରୀ, ତିନିଟି ଦୁଇ ଚ଼କିଆ ଯାନ ସମ୍ପତ୍ତି ଠାବ ହୋଇଛି ।

# ଓବିସିଙ୍କୁ ପ୍ରତି ହୋଇଥିବା ଚଞ୍ଚକତାକୁ ବିରୋଧ କଲା ରାଜ୍ୟ କଂଗ୍ରେସ



ଭୁବନେଶ୍ୱର,(ସଂଦେଶ ବ୍ୟୁରୋ): ରାଜ୍ୟ ଏବଂ କେନ୍ଦ୍ର ସରକାରଙ୍କ ଅପାରଗତା, ଇଚ୍ଛାଶକ୍ତିର ଅଭାବ, ସର୍ବୋପରି ଓବିସିମାନଙ୍କ ପ୍ରତି ହୋଇଥିବା ଚଞ୍ଚକତା ପାଇଁ ରାଜ୍ୟର ବୃହତ୍ତର ବର୍ଗ (ଓବିସି) ତାଙ୍କର ସାମ୍ବିଧାନିକ ପ୍ରଦତ୍ତ ଅଧିକାର ହରାଇଛନ୍ତି ବୋଲି କଂଗ୍ରେସ ସିଧା ସଳଖ କେନ୍ଦ୍ର ଏବଂ ରାଜ୍ୟ ସରକାରଙ୍କ ଉପରେ ବର୍ଷିଛି। ଉଚ୍ଚ ନ୍ୟାୟାଳୟ ସଂରକ୍ଷଣ ୫୦%ରୁ ଅଧିକ ହୋଇପାରିବ ନାହିଁ ବୋଲି କହିବା ପରେ ରାଜ୍ୟ ସରକାର ନିଜ ଉପରୁ ଦୋଷ ଛଡ଼ାଇବା ଆଳରେ ୨୦୧୭ ମସିହାରୁ ଉଚ୍ଚ ନ୍ୟାୟାଳୟଙ୍କ ରାୟ ବିରୁଦ୍ଧରେ ସୁପ୍ରିମ କୋର୍ଟରେ ଏକ ଝଖଟ କରି ଚୁପ୍ ବସିପଡ଼ିଛନ୍ତି। ଏଥିରୁ ସ୍ପଷ୍ଟ ଯେ ରାଜ୍ୟ ସରକାରଙ୍କର ଓବିସିମାନଙ୍କ ପ୍ରତି କେତେ ଦରଦ। ଅନୁରୂପ ଭାବେ କେନ୍ଦ୍ରରେ କଂଗ୍ରେସ (UPA) ସରକାର ସମୟରେ ହୋଇଥିବା Socio Economic Backward Class Census କୁ ବିଜେପି ନେତୃତ୍ୱାଧୀନ କେନ୍ଦ୍ର ସରକାର ଲାଗୁ କରୁନାହାନ୍ତି କି ନିଜେ Socio Economic Backward Class ର Census କରାଉନାହାନ୍ତି ବୋଲି କହିବା ସହିତ ଉଭୟ କେନ୍ଦ୍ର ଓ ରାଜ୍ୟ ସରକାର ରାଜ୍ୟର ବୃହତ୍ତର ବର୍ଗ (ଓବିସି)ଙ୍କ ସହିତ ଚଞ୍ଚକତା କରିଛନ୍ତି ବୋଲି ପ୍ରଦେଶ କଂଗ୍ରେସ ମୁଖପାତ୍ର ନିଶିକାନ୍ତ ମିଶ୍ର କହିଛନ୍ତି। ତାମିଲନାଡୁରେ ବିଧାନସଭାର ସ୍ୱତନ୍ତ୍ର ଅଧିବେଶନ ଡକାଇ ବିଧେୟକ ପାରିତ କରି ଦଳମତ ନିର୍ବିଶେଷରେ ରାଷ୍ଟ୍ରପତିଙ୍କୁ ଭେଟି ଏବେ ତାମିଲନାଡୁ ସମସ୍ତ କ୍ଷେତ୍ରରେ ୬୯% ସଂରକ୍ଷଣ ପାଉଛନ୍ତି ତାହା ୨୨ ବର୍ଷ ଶାସନ ମଧ୍ୟରେ ନ କରିବା ଓବିସିମାନଙ୍କ ପାଇଁ ସରକାରଙ୍କ କେତେ ଦରଦ ତାହା ଜଳଜଳ ହୋଇ ଜଣାପଡୁଛି ବୋଲି ଶ୍ରୀ ମିଶ୍ର କହିବା ସହିତ ରାଜ୍ୟର ବୃହତ ବର୍ଗ (ଓବିସି) ଅଧିକାର ସୁରକ୍ଷା ପାଇଁ କଂଗ୍ରେସ ଆଇନଗତ ଲଢ଼େଇ ଜାରି ରଖିଛି ଏବଂ ଓବିସି ବର୍ଗ ତାଙ୍କ ଅଧିକାର ପାଇବା ପର୍ଯ୍ୟନ୍ତ ଲଢ଼େଇ ଜାରି ରଖିବ ବୋଲି କଂଗ୍ରେସ ଭବନଠାରେ ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ ଶ୍ରୀ ମିଶ୍ର କହିଛନ୍ତି।

# 'ଅମୃତ କାଳରେ ମଳିନ ଭାରତର ଚିତ୍ର'




ଭୁବନେଶ୍ୱର,(ସଂଦେଶ ବ୍ୟୁରୋ): କେନ୍ଦ୍ରୀୟ ବଜେଟ ଏପରି ସମୟରେ ଆଗତ କରାଯାଇଛି ଯେତେବେଳେ ଦେଶର ସଂଖ୍ୟାଗରିଷ୍ଠ ମଣିଷ ରୋଜଗାର ହରେଇଛନ୍ତି। ଜୀବନ ଓ ଜୀବିକା ବଞ୍ଚାଇବା ପାଇଁ ଛଟପଟ ହେବା ସହିତ ନିତିଦିନିଆ ନ୍ୟୁନତମ ଆବଶ୍ୟକତା ମେଣ୍ଟାଇବା ପାଇଁ ଡ଼ହଳବିକଳ ହେଉଛନ୍ତି। ଦେଶରେ ୯୯% ଲୋକଙ୍କର ଆୟ କମିଛି। ଏପରି ସ୍ଥିତିରେ ଯେକୌଣସି ସରକାରଙ୍କ ପ୍ରାଥମିକତା ହେଉଛି ରୋଜଗାରର ନ୍ୟୁନତମ ନିଶ୍ଚୟତା। ଲୋକଙ୍କ ହାତକୁ ଆବଶ୍ୟକତା ମେଣ୍ଟାଇବା ପାଇଁ ଅର୍ଥ କିପରି ଆସିବ ତାର ବନ୍ଦୋବସ୍ତ କରିବା। ସରକାର ଏହି ବଜେଟରେ ଏହାର ବ୍ୟବସ୍ଥା କରିବା ତ ଦୂରର କଥା, ବର୍ଷକୁ ୨ କୋଟି ରୋଜଗାର ଯୋଗାଇ ଦେବା ପାଇଁ ଦେଇଥିବା ନିଜ ପ୍ରତିଶ୍ରୁତିରୁ ମଧ୍ୟ ଓହରି ଯାଇଛନ୍ତି। ଏପରିକି ଗ୍ରାମାଞ୍ଚଳରେ ୧୦୦ ଦିନିଆ ରୋଜଗାର ଯୋଜନାର ଅର୍ଥ ବରାଦ ମଧ୍ୟ ୧୪ ପ୍ରତିଶତ କମ୍ କରିଦିଆଯାଇଛି। ବର୍ତ୍ତମାନ ଦେଶରେ ୨୦କୋଟି ଲୋକ ଭୋକିଲା ରହିଥିବା ବେଳେ ସରକାର ଖାଦ୍ୟ ଉପରେ ରିହାତିକୁ ୧୬ ପ୍ରତିଶତ ହ୍ରାସ କରିଛନ୍ତି। ମୂଲ୍ୟ ବୃଦ୍ଧି ନିୟନ୍ତ୍ରଣ ପାଇଁ କୌଣସି ପଦକ୍ଷେପ ନିଆଯାଇ ନାହିଁ। ପେଟ୍ରୋଲ, ଡ଼ିଜେଲ ଓ ରନ୍ଧନ ଗ୍ୟାସ୍ ଉପରେ ଲାଗୁ ଥିବା ଟିକସ କମାଇବା ପରିବର୍ତ୍ତେ ରନ୍ଧନ ଗ୍ୟାସ୍ ପାଇଁ ରିହାତିକୁ ହ୍ରାସ କରିଛନ୍ତି ଯାହାଦ୍ୱାରା ଏହାର ଅଧିକ ମୂଲ୍ୟବୃଦ୍ଧି ଘଟିବ।

# ଜୁନିୟର୍ ରେଡ଼କ୍ରସ ଶାଖା ଗଠିତ

ଲକ୍ଷ୍ମୀପୁର,(ସଂଦେଶ ବ୍ୟୁରୋ): କୋରାପୁଟ ଜିଲ୍ଲା ବନ୍ଧୁଗାଁ ବ୍ଲକରେ ପ୍ରାଥମିକ ବିଦ୍ୟାଳୟ ସ୍ତରରୁ ରେଡ଼କ୍ରସ କାର୍ଯ୍ୟକ୍ରମକୁ କ୍ରିୟାଶୀଳ କରିବା ପାଇଁ କୋରାପୁଟ ଜିଲ୍ଲା ଶିକ୍ଷା ଅଧିକାରୀ ଶ୍ରୀଯୁକ୍ତ ରାମଚନ୍ଦ୍ର ନାହାକଙ୍କ ନିର୍ଦ୍ଦେଶ କ୍ରମେ ଜିଲ୍ଲା ଜୁନିୟର ରେଡ଼ କ୍ରସ ଅଧିକାରୀ ଯଜ୍ଞେଶ୍ୱର ପଣ୍ଡା ସ୍ଥାନୀୟ ବ୍ଲକରେ ଥିବା ପ୍ରତ୍ୟେକ ସରକାରି ବିଦ୍ୟାଳୟ ପରିଦର୍ଶନ କରି ବିଦ୍ୟାଳୟର ଜୁନିୟର ରେଡ଼ କ୍ରସ କାର୍ଯ୍ୟ ତଦାରଖ କରିବାସହ କାତୁଲପେଟା ଉନ୍ନୀତ ଉଚ୍ଚ ବିଦ୍ୟାଳୟ,ଓଡିଶା ଆଦର୍ଶ ବିଦ୍ୟାଳୟ ଓ ଆଲମଣ୍ଡା ଉଚ୍ଚ ବିଦ୍ୟାଳୟ ଠାରେ ନୂତନ ଭାବେ ଜୁନିୟର ରେଡ଼ କ୍ରସ ଶାଖା ଗଠନ କରାଯାଇଥିଲା।ଏଥିସହ ସମସ୍ତ ବିଦ୍ୟାଳୟ ଠାରେ କିଭଳି ଜୁନିୟର ରେଡ଼ କ୍ରସ କମିଟି ଗଠନ ହେବ ତାହାଉପରେ, ପ୍ରଧାନ ଶିକ୍ଷକ ଓ ପ୍ରଧାନ ଶିକ୍ଷୟିତ୍ରୀ ମାନଙ୍କୁ ଶ୍ରୀଯୁକ୍ତ ପଣ୍ଡା ଅବଗତ କରାଇଥିଲେ।ବନ୍ଧୁଗାଁ ବ୍ଲକରେ ଥିବା ଜୁନିୟର ରେଡ଼ କ୍ରସ ପରାମର୍ଶଦାତା ମଧ୍ୟ ରେଡ଼ କ୍ରସ କାର୍ଯ୍ୟକ୍ରମକୁ ନିଜ ନିଜ ବିଦ୍ୟାଳୟରେ ତ୍ୱରାନ୍ୱିତ କରିବା ପାଇଁ ଆଗ୍ରହ ପ୍ରକାଶ କରିଥିଲେ।ଏହି ଅବସରରେ ବନ୍ଧୁଗାଁ ବ୍ଲକ ସଂଯୋଜକ ମଧୁସୂଦନ ବଡନାୟକ ମଧ୍ୟ ଉପସ୍ଥିତ ଥିଲେ।



## ମଧୁସୂଦନ ୱାର୍କର୍ସ କ୍ଲବ ପକ୍ଷରୁ ମଧୁବାବୁଙ୍କ ତିରୋଧାନ ଦିବସ ପାଳିତ



ଭୁବନେଶ୍ୱର, (ସଂଦେଶ ବ୍ୟୁରୋ): ପୋଖରୀପୁଟ ସ୍ଥିତ ମଧୁସୂଦନ ଦାସ ପାର୍କ ପରିସରରେ ଆଜି ମଧୁସୂଦନ ୱାର୍କର୍ସ କ୍ଲବ ପକ୍ଷରୁ ମଧୁବାବୁଙ୍କ ତିରୋଧାନ ଦିବସ ପାଳିତ ହୋଇଯାଇଛି । ୱାର୍କର୍ସ କ୍ଲବ ସଭାପତି ସୁଶାନ୍ତ କୁମାର ଦେହୁରୀଙ୍କ ନେତୃତ୍ୱରେ ଅନ୍ୟତମ ସକ୍ରିୟ ସଦସ୍ୟ ବାଲ୍ମିକି ପାତ୍ର , ଲଳିତ ନାରାୟଣ ରାଉତ, ବିଭୁତି ଭୂଷଣ ସାହୁ, ସତ୍ୟବ୍ରତ ଦାସ, ଅନ୍ତର୍ଯ୍ୟାମୀ ନନ୍ଦ ପ୍ରମୁଖଙ୍କ ଉପସ୍ଥିତିରେ କାର୍ଯ୍ୟକ୍ରମ ଆରମ୍ଭ କରାଯାଇଥିଲା । ଏହି କାର୍ଯ୍ୟକ୍ରମରେ ଭେଟେରାନ୍ସ କ୍ଲବ ଓଡ଼ିଶା ପକ୍ଷରୁ ଅବସରପ୍ରାପ୍ତ ନୌସୈନିକ ଭେଟେରାନ୍ ଦୀନବନ୍ଧୁ ଷଡଙ୍ଗୀ ଯୋଗ ଦେଇ ଓଡ଼ିଶାକୁ ଶିଳ୍ପ ଓ ବାଣିଜ୍ୟରେ ପ୍ରତିଷ୍ଠିତ କରାଇବା ପାଇଁ ଉତ୍କଳ ଗୌରବ ମଧୁସୂଦନ ଦାସଙ୍କ ଅବଦାନର ସ୍ମୃତିଚାରଣ କରି ଆଜି ଦିନରେ ତାଙ୍କର ଏହି ପ୍ରୟାସକୁ ଲୋକଲୋଚନକୁ ଆଣିବାର ଯଥେଷ୍ଟ ଆବଶ୍ୟକତା ରହିଛି ବୋଲି କହିଥିଲେ । ରତ୍ନଗର୍ଭା ଓଡ଼ିଶା ପ୍ରାକୃତିକ ସମ୍ପଦରେ ଭରପୁର ଥିଲା ବେଳେ ଆମର ପ୍ରୟାସ ଅଭାବରୁ ଲୋକମାନେ ଦାଦନ ଶ୍ରମିକ ଭାବେ ବାହାର ରାଜ୍ୟକୁ ଖଟିବାକୁ ଯାଉଛନ୍ତି ବୋଲି କହିଲେ । ଓଡ଼ିଶାର ଲୌହ , ବିଦ୍ୟୁତ ଶକ୍ତି ଓ ମାନବ ସମ୍ବଳକୁ ଆଖି ଆଗରେ ରଖି ଏକ ଜାହାଜ ତିଆରି କାରଖାନା ପ୍ରତିଷ୍ଠା କରାଗଲେ ଏସବୁର ବିନିଯୋଗ ହୋଇପାରିବା ସହ ଓଡ଼ିଶାରୁ ଦାରିଦ୍ର୍ୟ ଦୂର ହେବା ସହ ଅନେକ ଶିକ୍ଷିତ ବେକାର ଯୁବକଯୁବତୀ କର୍ମ ନିଯୁକ୍ତି ପାଇ ପାରିବେ ବୋଲି ସେ କହିଲେ । ଆଗରୁ ଆନ୍ତର୍ଜାତିକ ସ୍ତରରେ ଓଡ଼ିଶାର ନୌବାଣିଜ୍ୟର ଇତିହାସ ରହିଛି ଏବଂ ଏକ ଜାହାଜ କାରଖାନା ପ୍ରତିଷ୍ଠା ହେଲେ ଓଡ଼ିଶା ତାର ହୃତ ଗୌରବ ଫେରି ପାଇବାରେ ସମର୍ଥ ହେବ ବୋଲି ସେ ନିଜର ଦୃଢୋକ୍ତି ପ୍ରକାଶ କରିଛନ୍ତି । ଅନ୍ୟତମ ସହଯୋଗୀ ଅନୁଷ୍ଠାନ ପତଞ୍ଜଳି ଯୋଗ ସମିତି ପକ୍ଷରୁ ଯୋଗ ଦେଇ ଶ୍ରୀମତି ମମତା ମହାନ୍ତି କହିଛନ୍ତି ଯେ ମଧୁବାବୁଙ୍କ ଅକ୍ଳାନ୍ତ ପରିଶ୍ରମ ଏବଂ ଆପ୍ରାଣ ପ୍ରଚେଷ୍ଟା ଯୋଗୁଁ ଆମେ ଓଡ଼ିଶାର ଭୂଗୋଳ ସହ ଭାଷା ଏବଂ ଇତିହାସ ବଞ୍ଚାଇ ରଖିପାରିଲୁ ।

## ରାଷ୍ଟ୍ରନୀତିଜ୍ଞ ଉତ୍କଳ ଗୌରବଙ୍କୁ ଭାରତ ରତ୍ନ ପ୍ରଦାନ ଦାବି




ଭୁବନେଶ୍ୱର, (ସଂଦେଶ ବ୍ୟୁରୋ): ଉତ୍କଳ ଗୌରବ ମଧୁସୂଦନ ଦାସଙ୍କ ୮୮ତମ ଶ୍ରାଦ୍ଧଦିବସ ଉପଲକ୍ଷେ ଉତ୍କଳ ସମ୍ମିଳନୀ କେନ୍ଦ୍ରୀୟ କମିଟି ପକ୍ଷରୁ ପୂର୍ବାହ୍ନ ୮ଟା ୩୦ ମିନିଟ୍ ସମୟରେ ସ୍ଥାନୀୟ ରାଜଭବନ ସମ୍ମୁଖରେ ଥିବା ଉତ୍କଳ ବରପୁତ୍ରଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ଏହାପରେ ନିକଟବର୍ତ୍ତୀ ନୂଆଗାଁ ଠାରେ ସଭାପତି ଶ୍ରୀବସନ୍ତ କୁମାର ତ୍ରିପାଠୀଙ୍କ ଅଧ୍ୟକ୍ଷତା ଏବା ସାଧାରଣ ସମ୍ପାଦକ ଡ଼ା ରାଧାନାଥ ପ୍ରହରାଜଙ୍କ ପରିଚାଳନାରେ ଏକ ସ୍ମୃତିସଭା ଅନୁଷ୍ଠିତ ହୋଇ ଏଥିରେ ମଧୁବାବୁଙ୍କ ଅଶେଷ ଗୁଣାବଳୀ ତଥା ତ୍ୟାଗପୂତ ଜୀବନାଦର୍ଶ ଉପରେ ବିଭିନ୍ନ ଦୃଷ୍ଟିକୋଣରୁ ଆଲୋଚନା କରାଯାଇ ଜଣେ ତୁଙ୍ଗ ରାଷ୍ଟ୍ରୀୟ ନେତା ଭାବରେ ତାଙ୍କୁ ମରଣୋତ୍ତର ଭାରତ ରତ୍ନ ପ୍ରଦାନ ପାଇଁ ଦାବି କରାଯାଇଥିଲା । ସେ ବିହାର ଓଡ଼ିଶା ବ୍ୟବସ୍ଥାପକ ସଭାକୁ ମନୋନୀତ ଏବଂ ନିର୍ବାଚିତ ହେବା, ଭାରତୀୟ ବିଧାନ ପରିଷଦକୁ ସର୍ବପ୍ରଥମ ଓଡ଼ିଆ ସଦସ୍ୟ ଭାବରେ ମନୋନୀତ ହେବା ସହ ବିହାର ଓଡ଼ିଶା ସରକାରରେ ମନ୍ତ୍ରୀ ଥିବାବେଳେ ମନ୍ତ୍ରୀମାନେ ଜନସେବକ ହୋଇଥିବାରୁ ଦରମା ନେବା ଅନୁଚିତ ବୋଲି ମତ ରଖି ସରକାରଙ୍କ ସହ ମତୈକ୍ୟ ନ ହେବାରୁ ଇସ୍ତଫା ଦେଇଦେବା ତାଙ୍କ ମହାନତାର ଗୋଟିଏ ବଳିଷ୍ଠ ପ୍ରମାଣ ଭାବରେ ପରିଗଣିତ । ଯାହା ଆଜିର ଜନ ପ୍ରତିନିଧିମାନଙ୍କ ଠାରୁ ତାଙ୍କୁ ବହୁ ଉଚ୍ଚକୁ ନେଇଯାଇଥିବା ବିଷୟ ସଭାର ଆଲୋଚନା ପରିସରଭୂକ୍ତ ହୋଇଥିଲା ।

## ସୂଚନା ଓ ଲୋକସମ୍ପର୍କ ବିଭାଗରେ ଅବସରକାଳୀନ ସମ୍ବର୍ଦ୍ଧନା



ଭୁବନେଶ୍ୱର,(ସଂଦେଶ ବ୍ୟୁରୋ): ରାଜ୍ୟ ସୂଚନା ଓ ଲୋକସମ୍ପର୍କ ବିଭାଗରୁ ସରକାରୀ ଚାକିରୀରୁ ୫ ଜଣ ଅଧିକାରୀ ଏବଂ କର୍ମଚାରୀଙ୍କ ଅବସର ଗ୍ରହଣ ପରିପ୍ରେକ୍ଷୀରେ ଆଜି ଅପରାହ୍ନରେ ବିଭାଗୀୟ କାର୍ଯ୍ୟାଳୟ ପରିସରରେ ଏକ ସମ୍ବର୍ଦ୍ଧନା ସଭା ଅନୁଷ୍ଠିତ ହୋଇଯାଇଛି । ମୁଖ୍ୟ ଶାସନ ସଚିବଙ୍କ ସୂଚନା ଅଧିକାରୀ ଡଃ.ଉମାକାନ୍ତ ମହାପାତ୍ର, ସୂଚନା ଓ ଲୋକସମ୍ପର୍କ ବିଭାଗରେ କାର୍ଯ୍ୟରତ ଅତିରିକ୍ତ ରଚନା ଅଧିକାରୀ ଡଃ. ପ୍ରଶାନ୍ତ କୁମାର ପ୍ରହରାଜ, ଟିଭି ୟୁନିଟରେ କାର୍ଯ୍ୟକ୍ରମ ସଂଯୋଜକ ଶ୍ରୀ ପ୍ରଦୀପ କୁମାର ମହାନ୍ତି, ବିଭାଗର ଅନ୍ୟ ଦୁଇ କର୍ମଚାରୀ ଶ୍ରୀ ମାଗନ୍ତା ବେହେରା ଓ ସତ୍ୟାନନ୍ଦ ବିଶ୍ୱାଳ ଗତକାଲି ଅବସରଗ୍ରହଣ କରିଥିଲେ ।

ବିଭାଗର କର୍ମଚାରୀ କଲ୍ୟାଣ କମିଟି ତରଫରୁ ଆୟୋଜିତ ଏହି ସମ୍ବର୍ଦ୍ଧନା ସଭାରେ ସୂଚନା ଓ ଲୋକସମ୍ପର୍କ ବିଭାଗର ନିର୍ଦ୍ଦେଶକ ଶ୍ରୀ ଇନ୍ଦ୍ରମଣି ତ୍ରିପାଠୀ ଅଧ୍ୟକ୍ଷତା କରିଥିଲେ । ଅନୁଷ୍ଠିତ ସଭାରେ ବିଭାଗୀୟ ନିର୍ଦ୍ଦେଶକ(ବୈଷୟିକ) ଶ୍ରୀ ନିରଞ୍ଜନ ସେଠୀ, ଉତ୍କଳ ପ୍ରସଙ୍ଗ ଓ ଓଡିଶା ରିଭ୍ୟୁର ସଂପାଦକ ଡଃ.ଲେନିନ୍ ମହାନ୍ତି, ବିଭାଗର ସହକାରୀ ନିର୍ଦ୍ଦେଶକ(କ୍ଷେତ୍ର) ଶ୍ରୀମତୀ ସୁଚେତା ପ୍ରିୟଦର୍ଶିନୀ ପ୍ରମୁଖ ଯୋଗଦେଇ ଅବସରଗ୍ରହଣ କରିଥିବା ଉପରୋକ୍ତ ଅଧିକାରୀ ଓ କର୍ମଚାରୀମାନଙ୍କର କାର୍ଯ୍ୟଦକ୍ଷତା ଏବଂ ନିଷ୍ଠାର ସହ ସେମାନେ କିପରି ନିଜ ନିଜ ସ୍ତରରେ ବିଭାଗ ତଥା ସରକାରୀ କାର୍ଯ୍ୟ ସୁଚାରୁରୂପେ ସମ୍ପାଦନ କରିଥିଲେ, ସେ ସମ୍ପର୍କରେ ପ୍ରକାଶ କରିଥିଲେ । ଉପ ନିର୍ଦ୍ଦେଶକ ପାହ୍ୟାରେ ଅବସ୍ଥାପିତ ରହି ଅବସରଗ୍ରହଣ କରିଥିବା ରାଜ୍ୟ ମୁଖ୍ୟ ଶାସନ ସଚିବଙ୍କ ସୂଚନା ଅଧିକାରୀ ଡଃ. ମହାପାତ୍ର ତାଙ୍କ ବକ୍ତବ୍ୟରେ ବିଭାଗୀୟ କାର୍ଯ୍ୟକୁ ଅଧିକ କ୍ରିୟାଶୀଳ ଓ ପ୍ରଯତ୍ନର ସହ କରି ବିଭାଗର ସୁନାମ ବଜାୟ ରଖିବା ଏବଂ ଓଡିଶା ସୂଚନା ସେବା ପାହ୍ୟାର ଅଧିକାରୀମାନଙ୍କର କ୍ୟାଡର ପୁନର୍ଗଠନ କ୍ଷେତ୍ରରେ ତାଙ୍କର ସକ୍ରିୟ ଯୋଗଦାନ ସଂପର୍କରେ ତାଙ୍କର ଅଭିଜ୍ଞତା ଓ ଅଭିବ୍ୟକ୍ତି ପ୍ରକାଶ କରିଥିଲେ ।

## ପୂର୍ବତନ ବିଧାୟକ ୟୁ.ଏନ୍. ଦେବଙ୍କୁ ବାଚସ୍ପତି ଡ. ପାତ୍ରଙ୍କ ଶ୍ରଦ୍ଧାଞ୍ଜଳି



ଭୁବନେଶ୍ୱର,(ସଂଦେଶ ବ୍ୟୁରୋ): ପୂର୍ବତନ ବିଧାୟକ ୟୁ.ଏନ୍. ଦେବଙ୍କୁ ଓଡ଼ିଶା ବିଧାନସଭା ପକ୍ଷରୁ ଶେଷ ଶ୍ରଦ୍ଧାଞ୍ଜଳି ଜ୍ଞାପନ କରାଯାଇଛି । ସ୍ୱର୍ଗତ ଦେବଙ୍କ ମରଶରୀର ବିଧାନସଭାରେ ପହଂଚିବା ପରେ ତାଙ୍କୁ ଗାର୍ଡ ଅଫ୍ ଅନର୍ ପ୍ରଦାନ କରାଯାଇଥିଲା । ବାଚସ୍ପତି ଡ. ସୂର୍ଯ୍ୟନାରାୟଣ ପାତ୍ର ସ୍ୱର୍ଗତ ଦେବଙ୍କ ମରଶରୀର ଉପରେ ପୁଷ୍ପମାଲ୍ୟ ଅର୍ପଣ କରି ଶ୍ରଦ୍ଧାଞ୍ଜଳି ଜ୍ଞାପନ କରିଥିଲେ । ଶ୍ରୀ ଦେବ ଜଣେ ସରଳ, ନିରଳସ, ନିରହଙ୍କାରୀ, ଅମାୟିକ ବ୍ୟକ୍ତିତ୍ୱ ଥିଲେ ଏବଂ ତାଙ୍କର ବିୟୋଗ ଓଡ଼ିଶା ରାଜନୀତିରେ ଏକ ଶୂନ୍ୟସ୍ଥାନ ସୃଷ୍ଟି କରିଛି ବୋଲି ସେ ଅଭିମତ ରଖିଛନ୍ତି । ନୈତିକ ମୂଲ୍ୟବୋଧର ପ୍ରବର୍ତ୍ତକ ଭାବେ ସେ ଚିରକାଳ ଅମର ରହିବେ ବୋଲି ମଧ ପ୍ରକାଶ କରିଛନ୍ତି । ଏହି କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧ୍ୟରେ ବିଧାନସଭା ସଚିବ ଦାଶରଥୀ ଶତପଥୀ ଏବଂ ଅନ୍ୟ ବିଧାନସଭା ଅଧିକାରୀମାନେ ଉପସ୍ଥିତ ଥିଲେ ।

## ମଧୁ ବାବୁଙ୍କୁ ଭାରତରତ୍ନ ଦାବିରେ କୋର୍ଟରେ ଦସ୍ତଖତ ସଂଗହ



ଭୁବନେଶ୍ୱର,(ସଂଦେଶ ବ୍ୟୁରୋ): ଓଡ଼ିଶାର ପ୍ରଥମ ଆଇନଜୀବୀ, ବାରିଷ୍ଟର ତଥା ଓଡ଼ିଶାର ନିର୍ମାତା ଉତ୍କଳ ଗୌରବ ମଧୁସୂଦନ ଦାସଙ୍କ ମହାପ୍ରୟାଣ ଦିବସ ଭୁବନେଶ୍ୱର କୋର୍ଟ ପରିସରରେ ଭୁବନେଶ୍ୱର ଓକିଲ ସଂଘ ପକ୍ଷରୁ ପାଳନ ହୋଇଯାଇଛି । ଏହି ଅବସରରେ ମଧୁ ବାବୁଙ୍କୁ ମରଣୋତର ଭାରତରତ୍ନ ଦାବିରେ ଦସ୍ତଖତ ସଂଗ୍ରହ କରାଯାଇଥିଲା । ଏଥିରେ ଜିଲ୍ଲା ଜର୍ଜ ରାମ ଶଙ୍କର ହୋତା, ସ୍ୱତନ୍ତ୍ର ଭିଜିଲାନ୍ସ ଜର୍ଜ ସତ୍ୟ ଷଡ଼ଙ୍ଗୀ, ଏସ୍‌ଡିଜିଏମ୍ ଆଲୋକ ପଣ୍ଡା ଯୋଗଦେଇ ସ୍ୱର୍ଗତ ଦାସଙ୍କୁ ଶ୍ରଦ୍ଧାଞ୍ଜଳି ଜଣାଇବା ସହ ଏପରି ଦାବିକୁ ସମର୍ଥନ କରି ଉତ୍ସାହିତ କରିଥିଲେ । ଏଥିରେ ସଂଘର ସଭାପତି ନିର୍ମଳ କିଶୋର ରଥ, ସମ୍ପାଦକ ରାଜ୍ କିଶୋର ଦାସ, ସଂଗଠନ ସମ୍ପାଦକ ଅଶୋକ କୁମାର ବଡ଼ପଣ୍ଡା, କୋଷାଧ୍ୟକ୍ଷ ଲିଙ୍ଗରାଜ ମହାରଣା, ବରିଷ୍ଠ ଆଇନଜୀବୀ ଶିବାନନ୍ଦ ରାୟ, ଅରୂପ ଚାନ୍ଦ, ପ୍ରମୋଦ ପଟ୍ଟନାୟକ, ଜିଓ୍ୱାଲ ହକ୍, ସଂଘର କାର୍ଯ୍ୟକାରୀ କମିଟି ସଦସ୍ୟ ସମେତ ଦସ୍ତଖତ ସଂଗ୍ରହ ଅଭିଯାନର ଆବାହକ ଲିଙ୍ଗରାଜ ସାହୁ ଓ ବହୁ ବରିଷ୍ଠ ଓ ଯୁବ ଆଇନଜୀବୀମାନେ ସାମିଲ ହୋଇଥିଲେ ।

## ହିଂସା ଓ ଭୟ ମୁକ୍ତ ନିର୍ବାଚନ ପରିଚାଳନାର ଦାୟିତ୍ୱ ପୋଲିସ ମହାନିର୍ଦ୍ଦେଶକଙ୍କର : ଡ.ଲେଖାଶ୍ରୀ



ଭୁବନେଶ୍ୱର, (ସଂଦେଶ ବ୍ୟୁରୋ): ରାଜ୍ୟରେ ତ୍ରିସ୍ତରୀୟ ପଂଚାୟତ ନିର୍ବାଚନ ଅବାଧ, ନିରପେକ୍ଷ, ଭୟମୁକ୍ତ ହେବା ନେଇ ବିରାଟ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି । ଶାସନ କ୍ଷମତା ଏବଂ ସରକାରୀ କଳ ଓ ବଳକୁ ଅପବ୍ୟବହାର କରି ଶାସକ ବିଜେଡି ଭୋଟରମାନଙ୍କୁ ବାରମ୍ବାର ପ୍ରଭାବିତ କରୁଛନ୍ତି । ଆଗାମୀ ତ୍ରୀସ୍ତରୀୟ ନିର୍ବାଚନ ଅବାଧ, ନିରପେକ୍ଷ, ଶାନ୍ତିପୂର୍ଣ୍ଣ ଏବଂ ଭୟମୁକ୍ତ ହେବା ନେଇ ମଧ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି । ପଂଚାୟତ ନିର୍ବାଚନକୁ ଶାନ୍ତିପୂର୍ଣ୍ଣ ଓ ଭୟମୁକ୍ତ କରାଇବା ଦାୟିତ୍ୱ ହେଉଛି ପୋଲିସ ବିଭାଗର । ପୋଲିସ ମହାନିର୍ଦ୍ଦେଶକଙ୍କ ସାମ୍ବିଧାନିକ ଦାୟିତ୍ୱ ଶାନ୍ତି ପୂର୍ଣ୍ଣ ଆଇନ ଶୃଙ୍ଖଳା ପରିସ୍ଥିତି ବଜାୟ ରଖିବା । ତେଣୁ ତୁରନ୍ତ ଅପରାଧୀ ମାନଙ୍କ ବିରୁଦ୍ଧରେ କଠୋର ଓ ଦୃଷ୍ଟାନ୍ତମୂଳକ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉ ଏବଂ ନିର୍ବାଚନ ଅବାଧ ନିରପେକ୍ଷ ଓ ଭୟମୁକ୍ତ ହେଉ ବୋଲି ରାଜ୍ୟ ସାଧାରଣ ସଂପାଦକ ଡ.ଲେଖାଶ୍ରୀ ସାମନ୍ତସିଂହାର କହିଛନ୍ତି ।

## ସମଗ୍ର ଓଡ଼ିଶା ରେଳପଥ ସହ ସଂଯୋଗ ହେବାର ସ୍ୱପ୍ନ ପୂରଣ ଖୁବ୍‌ଶୀଘ୍ର : ଦିଲୀପ



କଟକ, (ସଂଦେଶ ବ୍ୟୁରୋ): ଦେଶ ସ୍ୱାଧୀନତା ପରଠୁ ୨୦୧୪ ମସିହା ପର୍ଯ୍ୟନ୍ତ ରେଳବାଇ କ୍ଷେତ୍ରରେ ଓଡିଶା ରାଜ୍ୟ ସର୍ବଦା ଅବହେଳିତ ହୋଇ ଆସୁଥିଲା । ପ୍ରାକୃତିକ ସଂପଦ ଓ ସୌନ୍ଦର୍ଯ୍ୟ ଏବଂ ପର୍ଯ୍ୟଟନ କ୍ଷେତ୍ରରେ ଭରପୁର ଓଡିଶା ରାଜ୍ୟର ବିକାଶ ପାଇଁ ରେଳବାଇ କ୍ଷେତ୍ରର ବିକାଶ ଅନିବାର୍ଯ୍ୟ ଏବଂ ଏହାକୁ ସଠିକ୍ ଆକଳନ କରି କେନ୍ଦ୍ରରେ ମୋଦି ସରକାର ଶାସନ କ୍ଷମତାକୁ ଆସିବା ପରେ କ୍ରମାଗତ ଭାବେ ପ୍ରତିବର୍ଷ ବଜେଟରେ ବ୍ୟାପକ ମାତ୍ରାର ଆର୍ଥୀକ ବ୍ୟୟବରାଦ କରିଆସୁଛନ୍ତି । ଚଳିତ ବର୍ଷ ବଜେଟରେ ଆଶାରୁ ଅଧିକ ବ୍ୟୟବରାଦ କରି ପ୍ରଧାନମନ୍ତ୍ରୀ ଶ୍ରୀ ନରେନ୍ଦ୍ର ମୋଦି ଏବଂ ମୋଦି ସରକାର ରାଜ୍ୟବାସୀଙ୍କ ନିକଟରେ ଅଧିକ ଆସ୍ଥାଭାଜନ ହୋଇପାରିଛନ୍ତି । କେବଳ ନୂତନ ରେଳପଥ ନୁହେଁ, ବରଂ ରେଳ ଯାତ୍ରୀଙ୍କ ସୁବିଧା ପାଇଁ ମଧ ସ୍ୱତନ୍ତ୍ର ଭାବେ ଅଧିକ ଅର୍ଥ ବରାଦ କରିଛନ୍ତି । ଚଳିତ ୨୦୨୨-୨୩ ଆର୍ଥିକ ବର୍ଷ ପାଇଁ କେନ୍ଦ୍ର ରେଳ ବଜେଟରେ ଓଡିଶାକୁ ରେକର୍ଡ ପରିମାଣର ୯୭୩୪ କୋଟି ଟଙ୍କା ଅର୍ଥ ବ୍ୟୟବରାଦ କରିଛନ୍ତି । ଏହା ବ୍ୟତୀତ ଯାତ୍ରୀ ସୁବିଧା ପାଇଁ ୩୦୪.୧୭ କୋଟି ଟଙ୍କା ବ୍ୟୟବରାଦ କରାଯିବା ନିଶ୍ଚିତ ଭାବେ ସ୍ୱାଗତ ଯୋଗ୍ୟ ବୋଲି ରେଲୱେ ବୋର୍ଡ ସଦସ୍ୟ (ଯାତ୍ରୀସୁବିଧା) ଶ୍ରୀଦିଲୀପ ମଲ୍ଲିକ କହିଛନ୍ତି ।

## ପଞ୍ଚାୟତ ନିର୍ବାଚନ ପାଇଁ କଂଗ୍ରେସର ଅଭିଯୋଗ ଫର୍ଦ୍ଦ ଉନ୍ମୋଚିତ



ଭୁବନେଶ୍ୱର , (ସଂଦେଶ ବ୍ୟୁରୋ): ରାଜ୍ୟର ୩୦ଲକ୍ଷ ପରିବାର ୬୦ ହଜାର କୋଟି ଟଙ୍କାର ଚିଟ୍‌ଫଣ୍ଡ ଲୁଟ ସ୍କାମ୍‌ରେ ସିବିଆଇର ସଂଦେହ ଜନକ ଶିଥିଳତା, ପାରଦ୍ୱୀପ ବନ୍ଦରର ବ୍ଲାକରୋଜ ଜାହାଜ ବୁଡ଼ି ଘଟଣା ଓ ନିଳାଚଳ ଇସ୍ପାତନିଗମ ବିକ୍ରି ଭଳି ରାଜ୍ୟର ସମ୍ବେଦନଶୀଳ ପ୍ରସଙ୍ଗକୁ ନେଇ ଆଜି ଉଭୟ ବିଜେଡ଼ି ଓ ବିଜେପିକୁ କଡ଼ାଟାର୍ଗେଟ କରିଛି କଂଗ୍ରେସ । ନିକଟରେ କଂଗ୍ରେସ ଭବନରେ ଚଳିତ ପଂଚାୟତ ନିର୍ବାଚନ ପାଇଁ ସରକାରଙ୍କ ବିରୋଧରେ ଅଭିଯୋଗ ଫର୍ଦ୍ଦ ଉନ୍ମୋଚନ ସମାରୋହରେ କଂଗ୍ରେସ ନିର୍ବାଚନ ମିଡିଆ ଇନଚାର୍ଜ ତଥା ମୁଖପାତ୍ର ଶ୍ରୀ ମନୋଜ ମହାପାତ୍ର କହିଲେ ଯେ ବିଜେଡ଼ି ଓ ବିଜେପି ଭିତରେ ଅଘୋଷିତ ମେଂଟ ଅଛି । ବିଜେଡ଼ି ରାଜ୍ୟରେ ଆନ୍ଦୋଳନ କରେ କିନ୍ତୁ ଦିଲ୍ଲୀରେ ଚୁପ । ରାଜ୍ୟ ବିଜେପି ବିଭିନ୍ନ ପ୍ରସଙ୍ଗରେ ସିବିଆଇ ତଦନ୍ତ ଦାବି କରେ ରାଜ୍ୟରେ କିନ୍ତୁ ଦିଲ୍ଲୀରେ ଏମାନଙ୍କ ମୁହଁ ମଧ ବନ୍ଦ । ଲୋକଦେଖାଣିଆ ଭାବେ ପରସ୍ପର ବିରୋଧରେ ଲଢୁଥିଲେ ମଧ ଏମାନଙ୍କ ଭିତରେ ଭିତରି ସଂପର୍କ ରହିଛି । ନହେଲେ ପାରାଦ୍ୱୀପ ବନ୍ଦର ବ୍ଲାକରୋଜ ବୁଡ଼ି ଘଟଣା ଓ ଚିଟ୍‌ଫଣ୍ଡ ସ୍କାମର ସିବିଆଇ ତଦନ୍ତରେ ଶିଥିଳତା ଏହାର ବଳିଷ୍ଠ ପ୍ରମାଣ । ନବୀନ ସରକାରର ୨୨ ବର୍ଷରେ ୨୨ କଳାକାରନାମାର ଏକ ଅଭିଯୋଗ ଫର୍ଦ୍ଦ ପ୍ରସ୍ତୁତ କରାଯାଇ ଲୋକଙ୍କ ପାଖକୁ ଯିବ କଂଗ୍ରେସ ।

## କଳିଙ୍ଗ ସେନାର ତ୍ରିସ୍ତରୀୟ ପଞ୍ଚାୟତ ନିର୍ବାଚନୀ ଇସ୍ତାହାର ଉନ୍ମୋଚିତ



ଭୁବନେଶ୍ୱର,(ସଂଦେଶ ବ୍ୟୁରୋ): ଚଳିତ ତ୍ରିସ୍ତରୀୟ ପଂଚାୟତ ନିର୍ବାଚନ ଇସ୍ତାହାର ଆଜି କଳିଙ୍ଗ ସେନା ସୁପ୍ରିମୋ ହେମନ୍ତ ରଥ ସମେତ ଉପସଭାପତି ଦିଗମ୍ବର ବିଶ୍ୱାଳ, ସାଧାରଣ ସମ୍ପାଦକ ବିଜୟ ରାଜ, ଇଂ ମନୋଜ ନାୟକ, ସମ୍ପାଦକ ଅବଦୁଲ କୟୁମ୍ ଖାନ୍, ଶ୍ରୀକାନ୍ତ ଦାଶ, ଡକ୍ଟର ନଗେନ୍ଦ୍ରନାଥ ମିଶ୍ର, ଗୌରାଙ୍ଗ ପ୍ରଧାନ, ମୌସୁମୀ ସାମଲ ପ୍ରମୁଖ ଗଣମାଧ୍ୟମ ସମ୍ମୁଖରେ ଉପସ୍ଥାପନ କରିଛନ୍ତି । ଗ୍ରାମାଂଚଳ ପାଇଁ ୨୬ଟି ପଏଂଟ ଇସ୍ତାହାରରେ ରଖାଯାଇଥିବା ବେଳେ ପଂଚାୟତ ଗୁଡିକର ଉନ୍ନତିକରଣ ଦିଗରେ ଏହା ସହାୟକ ହେବ ବୋଲି ଶ୍ରୀ ରଥ ଗଣମାଧ୍ୟମକୁ ସୂଚନା ଦେଇଛନ୍ତି । ଶ୍ରୀ ରଥ କହିଛନ୍ତି ଯେ ପଂଚାୟତରେ ଥିବା ଗରିବ ଲୋକଙ୍କୁ ମାସିକ ୩୦୦ ୟୁନିଟ୍ ଓ ଅନ୍ୟମାନଙ୍କୁ ୨୦୦ ୟୁନିଟ୍ ବିଦ୍ୟୁତ୍ ମାଗଣା ପ୍ରଦାନ କରାଯିବ ।

## ନିଶା ଦେଇ ଯୁବକଙ୍କଠାରୁ ଲୁଟି ନେଲେ ୭୫ ହଜାର



ଭୁବନେଶ୍ୱର,(ସଂଦେଶ ବ୍ୟୁରୋ):ରାଜଧାନୀରେ ଲିଫ୍ଟ ଦେବା ନାଁରେ ଲୁଟ୍ । ନିଶା ଦେଇ ବେଙ୍ଗାଲୁରୁ ଫେରନ୍ତା ଯୁବକଙ୍କ ଠାରୁ ଲୁଟି ନେଲେ ୭୫ ହଜାର ଟଙ୍କା । ଲୁଟିବା ପରେ ଛତିଆ ନିକଟରେ ଫିଙ୍ଗି ଚାଲିଗଲେ ଲୁଟେରା ।ସୂଚନା ଅନୁଯାୟୀ, କେନ୍ଦ୍ରାପଡା ଜିଲ୍ଲା ରାଜକନିକା ବ୍ଲକର ବିରେନ ପରିଡା ବେଙ୍ଗାଲୁରୁରେ କାମ କରନ୍ତି । ଗତ ୧ ତାରିଖରେ ବେଙ୍ଗାଲୁରୁରୁ ଫେରି ରାଜକନିକା ଯିବା ପାଇଁ ଭୁବନେଶ୍ୱର ସତସଙ୍ଗ ବିହାର ନିକଟରେ ଗାଡିକୁ ଅପେକ୍ଷା କରିଥିଲେ । ସେହି ସମୟରେ ଏକ କାରରେ କିଛି ଲୋକ ଆସି ତାଙ୍କୁ ଲିଫ୍ଟ ଦେଇଥିଲେ ।

## ବାଜ୍ୟାପ୍ତି ହେବ ଚିଟ୍‌ଫଣ୍ଡ ସଂସ୍ଥାର ସମ୍ପତ୍ତି

ଭୁବନେଶ୍ୱର,(ସଂଦେଶ ବ୍ୟୁରୋ): ଓଡିଶା ହୋମ୍ ପ୍ରାଇଭେଟ୍ ଲିମିଟେଡ଼ ଚିଟଫଣ୍ଡ କମ୍ପାନୀର ସମ୍ପତ୍ତି ବାଜ୍ୟାପ୍ତି ପାଇଁ ନିର୍ଦ୍ଦେଶ ଦେଇଛନ୍ତି କଟକ ସ୍ଥିତ ସ୍ୱତନ୍ତ୍ର ଓପିଆଇଡି କୋର୍ଟ । ୧୮ ଏକର ୩୦ ଡିସିମିଲ ଭୂସମ୍ପତ୍ତି ବାଜ୍ୟାପ୍ତି କଲେ କୋର୍ଟ । ବ୍ୟାଙ୍କ ଜମା ୮ ଲକ୍ଷ ୮୭ ହଜାର ଟଙ୍କା ପାଇଁ ମଧ ବାଜ୍ୟାପ୍ତି ପାଇଁ କୋର୍ଟ କହିଛନ୍ତି । ଭୁବନେଶ୍ୱରରେ ଥିବା ଏହି ଚିଟଫଣ୍ଡ କମ୍ପାନୀର ସୁଲଭ ମୂଲ୍ୟରେ ଆପାର୍ଟମେଣ୍ଟ ଯୋଗାଇ ଦେବାକୁ କହି ଲୋକଙ୍କଠାରୁ କୋଟି କୋଟି ଟଙ୍କା ଠକି ନେଇଥିଲା ଏହି ଚିଟଫଣ୍ଡ କମ୍ପାନୀ । ମୋଟ୍ ୭ କୋଟି ୫୪ ଲକ୍ଷ ଠକେଇ କରିଥିବାର ଅଭିଯୋଗ ହୋଇଥିଲା । ପୂର୍ବରୁ ୧୮ଟି ଚିଟଫଣ୍ଡ କମ୍ପାନିର ସମ୍ପତ୍ତି ବାଜ୍ୟାପ୍ତି ହୋଇଥିଲା ।



ମନୋଜବଂ ମାରୁତତୁଲ୍ୟବେଗଂ ଜିତେନ୍ଦ୍ରିୟଂ ବୁଦ୍ଧିମତାଂ ବରିଷ୍ଠମ୍ ।
ବାତାତ୍ମଜଂ ବାନରଯୂଥମୁଖ୍ୟଂ ଶ୍ରୀରାମଦୂତଂ ଶରଣଂ ପ୍ରପଦ୍ୟେ ॥

ସମ୍ପାଦକୀୟ

## ସମୁଦ୍ର ଗର୍ଭରେ ଲୀନ ହୋଇଯିବ ବିଶ୍ୱ !

ବିଶ୍ୱ ତାପମାତ୍ରା ବୃଦ୍ଧି ଯୋଗୁଁ ଆସନ୍ତା ୨୦୫୦ ମସିହା ବେଳକୁ ବିଶ୍ୱର ବହୁ ଉପକୂଳବର୍ତ୍ତୀ ଅଞ୍ଚଳ ସମୁଦ୍ର ଗର୍ଭରେ ଲୀନ ହୋଇଯିବ ବୋଲି ନ୍ୟୁଜିର୍ସିର ଏକ ବିଜ୍ଞାନଭିତ୍ତିକ ସଂଗଠନ ଏହାର ସନ୍ଦର୍ଭରେ ଉଲ୍ଲେଖ କରିଛି । ଏହାର କାରଣ ଦର୍ଶାଇବାକୁ ଯାଇ ସଂସ୍ଥା କହିଛି ଯେ, କ୍ରମାଗତ ବିଶ୍ୱ ତାପମାତ୍ରା ବୃଦ୍ଧି ଯୋଗୁଁ ହିମଖଣ୍ଡ ତରଳି ସମୁଦ୍ରର ଜଳପତନ ବୃଦ୍ଧି ପାଇବ । ପରିଣତି ସ୍ୱରୁପ ସମୁଦ୍ରର ଉପକୂଳବର୍ତ୍ତୀ ଅଂଚଳ ଗୁଡିକ ବୁଡିଯିବ । ଆମେ ଜାଣୁ ଯେ, ପୃଥିବୀର ୧ ଭାଗ ହେଉଛି ସ୍ଥଳ ଓ ୩ଭାଗ ହେଉଛି ଜଳ । ବରଫ ତରଳିବା ଯୋଗୁଁ ସମୁଦ୍ର ଜଳପତନରେ ଅସ୍ୱାଭାବିକ ପରିବର୍ତ୍ତନ ଘଟିବା ସହ ସ୍ଥଳଭାଗକୁ ଗ୍ରାସ କରିବ । ସଂସ୍ଥା ପକ୍ଷରୁ ସନ୍ଦର୍ଭରେ ଆହୁରି କୁହାଯାଇଛି ଯେ, ସମୁଦ୍ର ଜଳପତନ ବୃଦ୍ଧି ଯୋଗୁଁ ଚୀନ, ଭାରତ, ବଙ୍ଗଳାଦେଶ, ଶ୍ରୀଲଙ୍କା, ମାଳଦୀପ, ଥାଇଲାଣ୍ଡ ଏବଂ ମାଲେସିଆ ଆଦି ସମୁଦ୍ର ତଟବର୍ତ୍ତୀ ଦେଶଗୁଡିକ କ୍ଷତିଗ୍ରସ୍ତ ହୋଇଯିବ । ଚୀନର ସର୍ବାଧିକ ଅଂଚଳ ସମୁଦ୍ର ଗର୍ଭରେ ଲୀନ ହୋଇଯିବା ଆଶଙ୍କା ସୃଷ୍ଟି ହୋଇଥିବା ବେଳେ ଭାରତ ମୁମ୍ବାଇ ସହ ଉଭୟ ପଶ୍ଚିମ ଓ ପୂର୍ବ ଉପକୂଳରୁ ବହୁ ଅଂଚଳ ସମୁଦ୍ର ଭିତରେ ବୁଡିଯିବ । ପଶ୍ଚିମବଙ୍ଗର କୋଲକତା ସମେତ ଓଡିଶାର ଦୀର୍ଘ ଉପକୂଳବର୍ତ୍ତୀ ଅଂଚଳ ବୁଡିଯିବ । ଏବେ ବିଶ୍ୱତାପମାତ୍ରା ୧.୫% ବୃଦ୍ଧି ପାଇଥିବାବେଳେ ଯେଉଁଭଳି ହାରରେ ତାପମାତ୍ରା ବଢୁଛି, ୫% ରେ ପହଁଚିବା ବେଳକୁ ପରିସ୍ଥିତି ଅଣାୟତ ହୋଇ ପଡିବ । ତେବେ ଏହା ଆଉ ବେଶୀ ଦୂର ନୁହେଁ । ଚଳିତ ହାରରେ ଯଦି ବିଶ୍ୱ ତାପମାତ୍ରା ବଢିଚାଲେ, ତେବେ ଆଉ ମାତ୍ର ୩୦ବର୍ଷ ପରେ ବିଶ୍ୱ ଜଳ ପ୍ରଳୟର ସମ୍ମୁଖୀନ ହେବ ବୋଲି ଚେତାଇ ଦିଆଯାଇଛି । ବିଶ୍ୱ ତାପମାତ୍ରା ବୃଦ୍ଧି ଯୋଗୁଁ ମଧ୍ୟ ଅସ୍ୱାଭାବିକ ଭାବେ ଜଳବାୟୁ ପରିବର୍ତ୍ତନ ଘଟୁଛି । ଯେଉଁଥିପାଇଁ ସାରା ବିଶ୍ୱ ଆଜି ଚିନ୍ତିତ ସତ ମାତ୍ରା ଏହାର ମୁକାବିଲା ପାଇଁ କୌଣସି ଠୋସ ପଦକ୍ଷେପ ଗ୍ରହଣ କରିପାରିନାହିଁ । ଜଳବାୟୁ ପରିବର୍ତ୍ତନ ଋତୁ ବା ସମୟକୁ ପ୍ରଭାବିତ କରିବାରେ ମୁଖ୍ୟ କାରଣ ହୋଇଛି । ଏଠାରେ ଉଦାହରଣ ଭାବେ ଗ୍ରହଣ କରାଯାଇପାରେ ଯେ, ଚଳିତ ବର୍ଷ ମୌସୁମୀ ବର୍ଷା ସ୍ୱଭାବିକ ହେବ ନାହିଁ ବୋଲି ପାଣିପାଗ ବିଜ୍ଞାନୀ, ବିଶାରଦମାନେ ପୂର୍ବାନୁମାନ କରିଥିଲେ । ମାତ୍ର ସେମାନଙ୍କ ଆକଳନ ଭୁଲ ପ୍ରମାଣିତ ହୋଇଛି । ଚଳିତ ବର୍ଷର ମେସୁିମୀ ବର୍ଷା ଦୀର୍ଘ ୧୦୦ ବର୍ଷର ରେକର୍ଡ ଭଙ୍ଗ କରିଛି । ପାଣିପାଗ ବିଜ୍ଞାନୀଙ୍କ ଆକଳନକୁ ଭୁଲ ପ୍ରମାଣିତ କରି ଚଳିତ ବର୍ଷ ହାରାହାରି ୧୩ ପ୍ରତିଶତ ବର୍ଷା ହୋଇଛି । ସେପ୍ଟେମ୍ବର ମାସରେ ହୋଇଥିବା ବର୍ଷା ୧୯୧୭ ମସିହା ପରେ ସର୍ବାଧିକ ହୋଇଥିବା ବେଳେ ଅଗଷ୍ଟ ମାସରେ ହୋଇଥିବା ବର୍ଷା ୧୯୯୬ ମସିହା ପରେ ସର୍ବାଧିକ । ସେହିପରି ହାରାହାରି ବୃଷ୍ଟିପାତ ଦୃଷ୍ଟିରୁ ଚଳିତ ବର୍ଷକୁ ୧୯୯୪ ପରେ ପ୍ରଥମ ବୋଲି କୁହାଯାଇଛି । କେବଳ ଏତିକି ନୁହେଁ, ଜୁନ ପହିଲାରୁ ସେପ୍ଟେମ୍ବର ଶେଷ ଯାଏ, ମୌସୁମୀର ସମୟ ବୋଲି କୁହାଯାଉଥିବାବେଳେ ଚଳିତ ବର୍ଷ ମୌସୁମୀର ଅବଧି ୨୦ଦିନ ଅଧିକ ହୋଇଛି । ଅର୍ଥାତ୍ ନିର୍ଦ୍ଧାରିତ ଋତୁ ଚକ୍ରର ୨୦ଦିନ ବିଳମ୍ବରେ ମୌସୁମୀ ଦେଶରୁ ପ୍ରତ୍ୟାବର୍ତ୍ତନ କରିଛି । ଏହାର ଏକ କାରଣ ସ୍ୱରୁପ ପାଣିପାଗ ବିଜ୍ଞାନୀମାନେ କହିଛନ୍ତି ଯେ, ଭାରତ ମହାସାଗରରେ ଉପରି ଭାଗର ଜଳୀୟ ତାପମାତ୍ରା ପୂର୍ବ ଭାରତ ମହାସାଗରର ତାପମାତ୍ରା ଠାରୁ ଅଧିକ ହୁଏ, ତେବେ ମୌସୁମୀ ବର୍ଷା ଅଧିକ ହୁଏ ।

## ନୀତିବାଣୀ

ବିଭିନ୍ନ ପ୍ରକାରେ ସେ ତାଙ୍କ ପୁତ୍ରର ଦିବ୍ୟଗୁଣମାନ ବର୍ଣ୍ଣନା କଲେ । ଏଇ ବାର୍ତ୍ତା ପ୍ରଦାନ କରି ଗର୍ଗମୁନି ଘରକୁ ଫେରିଲେ । ନନ୍ଦମହାରାଜ ନିଜକୁ ଅତ୍ୟନ୍ତ ଭାଗ୍ୟବାନ ବୋଲି ମନେ କଲେ ଏବଂ ଏ ପ୍ରକାରେ ଆଶୀର୍ବାଦ ଲାଭ କରିଥିବାରୁ ସେ ବଡ଼ ସନ୍ତୋଷ ଲାଭ କଲେ ।

ଏଇ ଘଟଣାର ଅଳ୍ପ କାଳ ପରେ, ଉଭୟ କୃଷ୍ଣ ଏବଂ ବଳରାମ ଆଣ୍ଠୁ ଓ ହାତ ଭରା ଦେଇ ଗୁରୁଣ୍ଡିବାକୁ ଆରମ୍ଭ କଲେ । ସେମାନେ ଏ ପ୍ରକାର ଗୁରୁଣ୍ଡୁଥିବା ବେଳେ ସେମାନଙ୍କ ମାଆମାନେ ଖୁବ୍ ଖୁସି ହେଉଥିଲେ । ସେମାନଙ୍କ ଅଣ୍ଟା ଓ ଆଣ୍ଠୁରେ ବନ୍ଧା ହୋଇଥିବା ଘଣ୍ଟି ଖୁବ୍ ସୁନ୍ଦର ଶବ୍ଦ କରୁଥିଲା ଏବଂ ସେମାନେ ଖୁବ ଆନନ୍ଦରେ ଚାରିଆଡ଼େ ଗୁରୁଣ୍ଡୁଥିଲେ । ବେଳେବେଳେ ସେମାନେ ସାଧାରଣ ଶିଶୁଙ୍କ ପରି ଅନ୍ୟମାନେ କେହି ଡରାଇଦେଲେ ଡରି ଯାଉଥିଲେ ଏବଂ ସାଙ୍ଗେ ସାଙ୍ଗେ ମାଆମାନଙ୍କ ପାଖକୁ ସୁରକ୍ଷା ନିମିତ୍ତ ଦୌଡ଼ି ଯାଉଥିଲେ । ବେଳେ ବେଳେ ସୋମନେ ବୃନ୍ଦାବନର ମାଟି, କାଦୁଅପଙ୍କରେ ଲୋଟି ଯାଉଥିଲେ ଏବଂ କାଦୁଅମାଟି ଶରୀର ହୋଇ ମାଆମାନଙ୍କ ପାଖରେ ପହଞ୍ଚୁଥିଲେ । ସେମାନଙ୍କ ମାଆମାନେ ବାସ୍ତବରେ ସେମାନଙ୍କ ଶରୀରରେ ହଳଦୀ ଏବଂ ଚନ୍ଦନ ବୋଲି ଦେଉଥିଲେ; କିନ୍ତୁ ସେମାନେ ମାଟି କାଦୁଅରେ ଗୁରୁଣ୍ଡୁଥିବା ହେତୁ ସେମାନଙ୍କ ଶରୀର ମାଟି କାଦୁଅ ରଂଜିତ ହୋଇଯାଉଥିଲା । ସେମାନେ ଗୁରୁଣ୍ଡି ଗୁରୁଣ୍ଡି ମାଆମାନଙ୍କ ପାଖକୁ ଆସିବା କ୍ଷଣି, ଯଶୋଦା ଏବଂ ରୋହିଣୀ ସାଙ୍ଗେ ସାଙ୍ଗେ ସେମାନଙ୍କୁ କୋଳରେ ଧରିନେଇ ଏବଂ ଶାଢ଼ୀର ପଣତ ଢାଙ୍କିଦେଇ ସ୍ତନ୍ୟପାନ କରାଉଥିଲେ । ଶିଶୁମାନେ ସ୍ତନ୍ୟପାନ କରୁଥିଲା ବେଳେ, ମାଆମାନେ ସେମାନଙ୍କ ପାଟିରେ ଗଜୁରି ଉଠୁଥିବା ଛୋଟ ଦାନ୍ତଗୁଡ଼ିକୁ ଦେଖୁଥିଲେ । ଏହି ପ୍ରକାରେ ଶିଶୁଙ୍କର ଅଭିବୃଦ୍ଧି ଦେଖି ସେମାନେ ଖୁବ୍ ଖୁସି ହେଉଥିଲେ । ବେଳେ ବେଳେ ଏ ଦୁଷ୍ଟ ଶିଶୁଦୁଇଟି ଗୁରୁଣ୍ଡି ଗୁରୁଣ୍ଡି ଗୋଶାଳା ନିକଟକୁ ଚାଲିଯାଉଥିଲେ ଏବଂ ବାଛୁରୀ ଲାଞ୍ଜ ଧରି ଠିଆ ହୋଇଯାଉଥିଲେ । ବାଛୁରୀଗୁଡ଼ିକ ଛାଟିପିଟି ହୋଇ ସାଙ୍ଗେ ସାଙ୍ଗେ ଏଣେତେଣେ ଦୌଡ଼ି ପଳାଉଥିଲେ ଏବଂ ଶିଶୁଦୁଇଟି କିଛି ଦୂର ଘୋଷାଡ଼ି ହୋଇଯାଇ କାଦୁଅ ମାଟି ଗୋବରରେ ଲୋଟି ଯାଉଥିଲେ । ଯଶୋଦା ଏବଂ ରୋହିଣୀ ଏ କୌତୁକ ଲୀଳା ଦେଖି ପଡ଼ିଶା ଗୋପୀମାନଙ୍କୁ ଡାକୁଥିଲେ । ଶ୍ରୀକୃଷ୍ଣଙ୍କର ଏ ବାଲ୍ୟଲୀଳା ଦେଖି ଗୋପୀମାନେ ଦିବ୍ୟ ଆନନ୍ଦରେ ଅଭିଭୂତ ହୋଇଯାଉଥିଲେ ।

# ସମୟ କହିବ କିଏ ସେ ଗଣତନ୍ତ୍ରର ପୁଝାରୀ

ଗୋଲଖ ଚନ୍ଦ୍ର ଦାସ
ଘିଗିଡିଆ, ବାରୁଅ, କେନ୍ଦ୍ରାପଡା
ମୋ-୯୮୬୧୦୨୮୫୫୩

୨୦୨୨ ନିର୍ବାଚନ ମହାଭାରତ ଆରମ୍ଭ ହେବାକୁ ଯାଉଛି । ମହାଭାରତ ସତ୍ୟ -ଅସତ୍ୟ, ନୈତିକତା-ଅନୈତିକତା ମଧ୍ୟରେ ପାର୍ଥକ୍ୟ କରିବାକୁ ଶିକ୍ଷା ଦେଇଛି । ଜନତା ଦେଶ, ସମାଜର ବିକାଶ ରଥରେ ନିଜକୁ ସାରଥି କରିବେ ନା ଅସହିଷ୍ଣୁ ଓ ହିଂସ୍ରକଙ୍କ ସାଥିରେ ଯିବେ ତାହା ସ୍ଥିର କରିବେ । ସରକାର ଜନତାଙ୍କର । ତେଣୁ ନିର୍ବାଚନ ମହାପର୍ବ ଲୋକମାନଙ୍କ ଦ୍ୱାରା ଅନୁଷ୍ଠିତ ହେଉଛି । ବିଜୟ ସେତେବେଳେ ହେବ ଯେତେବେଳେ ସତ୍ୟର ବିଜୟ ହେବ । ସଂବିଧାନର ଧାରା ୧୭୨ (୧) ଅନୁଯାୟୀ କୌଣସି ରାଜ୍ୟରେ ବିଧାନ ସଭାର କାର୍ଯ୍ୟ କାଳ ୫ ବର୍ଷରୁ ଅଧିକ ଚାଲି ।ରିବ ନାହିଁ । ଠିକ ସମୟରେ ନିର୍ବାଚନ କରିବା ଗଣତାନ୍ତ୍ରୀକ ବ୍ୟବସ୍ଥାର ସବୁଠାରୁ ବଡ ଅଂଶ । ଏହି କାର୍ଯ୍ୟ ନିର୍ବାଚନ କମିଶନକୁ ଦିଆଯାଇଛି । ଏହି ପରିପ୍ରେକ୍ଷୀରେ ନିର୍ବାଚନ କମିଶନ ୨୦୨୨ ଜାନୁଆରୀ ୮ ତାରିଖ ଦିନ ଉତର ପ୍ରଦେଶ , ପଂଜାବ , ଗୋଆ, ମଣିୁର ଓ ଉତରାଖଣ୍ଡ ସହିତ ପାଂଚଟି ରାଜ୍ୟରେ ନିର୍ବାଚନର ତାରିଖ ଘୋଷଣା କରିଛନ୍ତି । ଉତର ପ୍ରଦେଶରେ ୭ ଟି ପର୍ଯ୍ୟାୟରେ, ମଣି ୁରରେ ୨ଟି ପର୍ଯ୍ୟାୟରେ ମତଦାନ ହେବ । ବାକି ରାଜ୍ୟରେ ଗୋଟିଏ ଥରରେ ମତଦାନ କରାଯିବ । ଏହି ମତଦାନର ଫାଳାଫଳ ୧୦ ମାର୍ଚ୍ଚରେ ଆସିବ । ପଂଜାବରେ ୧୧୭, ଉତରାଖଣ୍ଡରେ ୭୦, ଗୋଆରେ ୪୦ ଆସନ ପାଇଁ ୧୪ ଫେବୃଆରୀରେ ମତଦାନ ହେବ । ମଣିପୁରରେ ୬୦ ଆସନ ପାଇଁ ୨ଟି ପର୍ଯ୍ୟାୟରେ ୨୭ ଫେବୃଆରୀ ଓ ମାର୍ଚ୍ଚ ୩ରେ ମତଦାନ ହେବ । ଉତର ପ୍ରଦେଶରେ ୪୦୩ ଆସନ ପାଇଁ ୭ ଟି ପର୍ଯ୍ୟାୟରେ ଯଥା ଫେବୃଆରୀ ୧୦, ୧୪, ୨୦, ୨୩, ୨୭ ତାରିଖରେ ଓ ମାର୍ଚ୍ଚ ୦୩, ୦୭ତାରିଖ ରେ ମତଦାନ ହେବ । ଏହିସବୁ ରାଜ୍ୟରେ ରାଜ୍ୟ ସହିତ ଜଡିତ ପ୍ରସଙ୍ଗ, ସମସ୍ୟା, ନେତୃତ୍ୱ ଓ ପ୍ରାର୍ଥୀଙ୍କୁ ଦେଖି ଭୋଟଦାତାମାନେ ମତଦାନ କରିବେ । ଏଥିସହିତ ରାଷ୍ଟ୍ରୀୟ ପ୍ରସଙ୍ଗ ମଧ୍ୟ ଭୋଟଦାତାଙ୍କ ଉପରେ ପ୍ରଭାବ ପକାଇବ । ପୂର୍ବରୁ ନିର୍ବାଚନ ସଂସ୍କୃତି ଥିଲା ଲୋକଙ୍କୁ ଭାଗଭାଗ କରି ଭୋଟ ସଂଗ୍ରହ କରିବା, ମିଥ୍ୟା ପ୍ରତିଶୃତି ଦେଇ ଜନସାଧାରଣଙ୍କୁ ବିଭ୍ରାନ୍ତ କରିବା , ଲୋକଙ୍କ ମଧ୍ୟରେ ଶତ୍ରୁତା ସୃଷ୍ଟି କରିବା ଏବଂ ଭାଇ - ଭାଇ ମଧ୍ୟରେ ଲଢେଇ କରିବା । ଏବେ ସମୟ ବଦଳି ଯାଇଛି । ଲୋକମାନେ ଆଉ ମିଛ ପ୍ରତିଶୃତିରେ ବିଶ୍ୱାସ କରୁନାହାଁନ୍ତି । ନେତାମାନେ ଏବେ ସେବକ ରୂ ରେ ଅବତୀର୍ଣ୍ଣ ହେଲେଣି । ପାଂଚଟି ରାଜ୍ୟରେ ଅନୁଷ୍ଠିତ ହେଉଥିବା ନିର୍ବାଚନ କେବଳ ସ୍ଥାନୀୟ ପ୍ରସଙ୍ଗକୁ ନେଇ ଅନୁଷ୍ଠିତ ହେଉନାହିଁ । ଏଥିରେ ଲୋକମାନଙ୍କର ସମସ୍ୟା, ନିଯୁକ୍ତି, ବେକାରୀ ସମସ୍ୟା, ଆଇନ-କାନୁନ ବ୍ୟବସ୍ଥା, ସାମାଜିକ -ସାଂପ୍ରଦାୟିକ ସମୀକରଣ ଆଦି ପ୍ରସଙ୍ଗ ଉଙ୍କିମାରିଛି । ନିର୍ବାଚନ ଅନୁଷ୍ଠିତ ହେବାକୁ ଥିବା ସମସ୍ତ ରାଜ୍ୟରେ ବର୍ତମାନ ପ୍ରଧାନମନ୍ତ୍ରୀ ଶ୍ରୀ ନରେନ୍ଦ୍ର ମୋଦୀ ଏକ ପ୍ରମୁଖ ନିର୍ବାଚନ ପ୍ରସଙ୍ଗ ଭାବରେ ଉଭା ହୋଇଛନ୍ତି । ଯୋଗୀ ଆଦିତ୍ୟନାଥ ଉତରପ୍ରଦେଶର ମୁଖ୍ୟମନ୍ତ୍ରୀ କିନ୍ତୁ ଉତରପ୍ରଦେଶ, ପଂଜାବ, ମଣିପୁର ଏପରିକି ଗୋଆରେ ମଧ୍ୟ ତାଙ୍କର ବିବୃତି ଓ କାର୍ଯ୍ୟକଳାପ ଉପରେ ବ୍ୟାପକ ଆଲୋଚନା ହେଉଛି । ଜାତୀୟ ନିରାପତା ଏବଂ ଆତଙ୍କବାଦ ସବୁଆଡେ ଲୋକଙ୍କ ମଧ୍ୟରେ ବିତର୍କର ବିଷୟ ହୋଇ ରହିଛି । ଚୀନ ଏବଂ ପାକିସ୍ତାନ ସହ ସୀମାରେ ଉତେଜନା ଏବଂ ଏହି ସବୁ ଘଟଣାରେ କେନ୍ଦ୍ର ସରକାରଙ୍କ ନୀତି ଉପରେ ମଧ୍ୟ ଲୋକମାନେ ଚର୍ଚ୍ଚା ଆଲୋଚନା କରୁଛନ୍ତି । ପଂଜାବ ସହିତ ଉତରପ୍ରଦେଶ ଏବଂ ମଣି ପୁର ମଧ୍ୟ ସୀମାନ୍ତ ରାଜ୍ୟ ଅଟେ । ଏଠାରେ ଜାତୀୟ ସୁରକ୍ଷା ଏବଂ ପଡୋଶୀ ଦେଶ ସହିତ ସମ୍ପର୍କ ଭୋଟ ଉପରେ ପ୍ରଭାବ ପକାଇବ । କେନ୍ଦ୍ର ସରକାରଙ୍କ ନୀତି ସହିତ ଜଡିତ ଅନେକ ନୀତି ଏହି ନିର୍ବାଚନରେ ପ୍ରଭାବ ପକାଇବ । ଧାରା ୩୭୦ର ଉଚ୍ଛେଦ ଜାମ୍ମୁକାଶ୍ମୀର ସହିତ ଜଡିତ କିନ୍ତୁ ଏହାର ପ୍ରତିଧ୍ୱନୀ ନିର୍ବାଚନ ହେବାକୁ ଥିବା ପାଂଚଟି ରାଜ୍ୟରେ ଶୁଣାଯାଉଛି । ଅନେକ ଲୋକ କହୁଛନ୍ତି ଆମେ କେବେ ଜୀବନରେ ଭାବି ନଥିଲୁ ଯେ ୩୭୦ ଧାରା ଉଠାଇ ଦିଆଯିବ, ଯଦି ଦେଶହିତ ପାଇଁ ଏପରି ହୋଇ ପାରୁଛି ତେବେ ଆମର ଭୋଟ ସେହି ଦଳକୁ ଯିବ ଯିଏ ଏହି ୩୭୦ ଧାରାକୁ ଉଠାଇ ଦେଇଛନ୍ତି । ଏହି ସବୁ ରାଜ୍ୟରେ ମୁସଲମାନ ଭୋଟର ମାନେ ବୁଝିସାରିଛନ୍ତି ଧାରା ୩୭୦ କଣ, ଏହା ରହିବା ଦ୍ୱାରା ଲାଭ ହେଉଥିଲା ନା ଦେଶର କ୍ଷତି ହେଉଥିଲା । କିନ୍ତୁ କିଛି ମୁସଲମାନମାନେ ଅଛନ୍ତି ଯେଉଁମାନଙ୍କୁ କିଛି ଭୁଲ ତଥ୍ୟ ବୁଝାଇ ଦିଆଯାଇଛି । ସେମାନେ ଏହି ଧାରା ଉଚ୍ଛେଦକୁ ବିରୋଧ କରୁଛନ୍ତି । ତେଣୁ ସେମାନେ ଏହି ନିର୍ବାଚନରେ ବିଜେପିକୁ ବିରୋଧ କରୁଛନ୍ତି । ପଂଜାବରେ ୩୭୦ ଧାରା ବିଷୟରେ ଅଧିକ ଚର୍ଚ୍ଚା ହେଉଛି କାରଣ ଏହି ରାଜ୍ୟ ଜାମ୍ମୁ-କାଶ୍ମୀରର ପଡୋଶୀ ରାଜ୍ୟ । ରାଜ୍ୟ ପାଇଁ ସ୍ୱତନ୍ତ୍ର ଅଧିକାର ଦାବି କରୁଥିବା ଲୋକମାନେ ଏଠାରେ ଅଛନ୍ତି, ସେମାନେ କହୁଛନ୍ତି ବିଜେପି ଜାମ୍ମୁ-କାଶ୍ମୀରର ବିଶେଷ ଅଧିକାରକୁ ଶେଷ କରିଦେଇଛି ଆମେ କାହିଁକି ତାକୁ ଭୋଟ ଦେବୁ । ଆପଣ ଉତରପ୍ରଦେଶ, ଗୋଆ ଏବଂ ମଣି ୁରରେ ଏହି ସମାନ କଥା ଶୁଣିବାକୁ ପାଇବେ । ୩୭୦ ଧାରା ପ୍ରସଙ୍ଗ ଅଳ୍ପ ବହୁତେ ଏହି ନିର୍ବାଚନକୁ ପ୍ରଭାବତି କରିବ । ସେହିଭଳି କାଶ୍ମୀ ବିଶ୍ୱନାଥ ଧାମର ପୁର୍ନ ନିର୍ମାଣ ସବୁ ଲୋକଙ୍କ ମନରେ ରହିଛି । ବି ଶଷ କରି ଏହି ପ୍ରସଙ୍ଗ ଉତରପ୍ରଦେଶରେ ବେଶୀ ଚର୍ଚ୍ଚା ଆଲୋଚନା ହେଉଛି । ଉତରାଖଣ୍ଡ, ପଂଜାବ, ଗୋଆ ଏବଂ ମଣିପୁରରେ ମଧ୍ୟ ଲୋକମାନେ କହୁଛନ୍ତି ଅନ୍ୟ କୌଣସି ସରକାର ଥିଲେ କାଶୀର ଏହି ଭବ୍ୟ ପରିବର୍ତନ ହୋଇନଥାନ୍ତା । ଶ୍ରୀରାମ ମନ୍ଦିର ନିର୍ମାଣ ସହିତ ଅଯୋଧ୍ୟାର ନବକଳେବର, ସରଜୁ ଘାଟରେ ଅନୁଷ୍ଠିତ ଦୀପାବଳି ଦୃଶ୍ୟ ସମଗ୍ର ଦେଶକୁ ପ୍ରଭାବିତ କରିଛି । ଆପଣମାନେ ଭାବୁ ଥିବେ ଯେ ଏହାର ପ୍ରଭାବ କେବଳ ଉତରପ୍ରଦେଶରେ ପଡିବ, ତେବେ ତାହା ଭୁଲ ଅଟେ । ମଥୁରା ପ୍ରସଙ୍ଗ ପ୍ରଥମେ କେଶବ ପ୍ରସାଦ ମୌର୍ଯ୍ୟ ଏବଂ ପରେ ଯୋଗୀ ଆଦିତ୍ୟନାଥ ଉଠାଇ ଥିଲେ । ନିଶ୍ଚିତ ଭାବରେ ଏହାର ପ୍ରଭାବ ଉତରପ୍ରଦେଶରେ ରହିବ କିନ୍ତୁ ଏହି ପ୍ରସଙ୍ଗ ଏବେ ସମଗ୍ର ଦେଶରେ ପ୍ରତିଫଳିତ ହେଉଛି । ଗୋହତ୍ୟା ବନ୍ଦ, ଧର୍ମାନ୍ତରୀକରଣ ବନ୍ଦ ପାଇଁ ଆଇନ, ତିନି ତଲାକ ବନ୍ଦ ପାଇଁ ଆଇନ, ଜନସଂଖ୍ୟା ନିୟନ୍ତ୍ରଣ ପାଇଁ ପଦକ୍ଷେପ, ଦେଶବିରୋଧୀ କାର୍ଯ୍ୟକଳାପ ଅଭିଯୋଗରେ ଅନେକ ଏନ୍‌ଜିଓ ମାନଙ୍କ ଉପରେ ପ୍ରତିବନ୍ଧକ ଲଗାଇବା ଆଦି ଉତରପ୍ରଦେଶର ପ୍ରସଙ୍ଗ ହେଲେ ମଧ୍ୟ ଏହା ସମସ୍ତ ରାଜ୍ୟରେ ନିର୍ବାଚନ ପ୍ରସଙ୍ଗ ହୋଇ ଉଭା ହୋଇଛି । ଏହି ନିର୍ବାଚନରେ କେଉଁ ପ୍ରସଙ୍ଗକୁ ପ୍ରାଧାନ୍ୟ ଦିଆଯିବ, କେଉଁ ପ୍ରସଙ୍ଗକୁ ଛାଡି ଦିଆଯିବ ତାହା ରାଜନୈତିକ ଦଳମାନଙ୍କ ଉପରେ ନିର୍ଭର କରୁଛି । ଅନେକ ଦଳ ଅଛନ୍ତି ରାଜବଂଶ, ଜାତିବାଦ, ପାରିବାରିକତାବାଦ ଓ ସାମ୍ପ୍ରଦାୟିକତାର କଳଙ୍କରେ ପୀଡିତ । ଆଜିକାଲିର ନେତାମାନେ ନୂଆ ସ୍ଲୋଗାନ ଦେଇ ନୂଆ ରଙ୍ଗରେ ବାହାରକୁ ଆସୁଛନ୍ତି । ଆମେ ଉତର ପ୍ରଦେଶ କଥା ବିଚାର କରିବା । ଉତରପ୍ରଦେଶର ଲୋକମାନେ ବିଗତ ସରକାରଙ୍କ ସମୟର ମାଫିଆରାଜକୁ ଭୁଲି ନାହାଁନ୍ତି କି ମହିଳାଙ୍କ ଉପରେ ହୋଇଥିବା ଅତ୍ୟାଚାରକୁ ଭୁଲି ନାହାଁନ୍ତି । ଖଣି ମାଫିଆ, ଜମି ମାଫିଆ ଏବଂ ଅପରାଧୀମାନେ କି ରି ସମଗ୍ର ରାଜ୍ୟକୁ କାବୁ କରିଥିଲେ ତାହା ସମଗ୍ର ଉତରପ୍ରଦେଶବାସୀ ଜାଣିଛନ୍ତି । ଯେଉଁ ସରକାର ସେହି ସମସ୍ତ ମାଫିଆ ଓ ଅପରାଧୀଙ୍କୁ ଜେଲ ପଠାଇବା ସହ ରାଜ୍ୟ ସୀମାରୁ ବାହାର କରିଦେବା ଭଳି କାମ କରିଛନ୍ତି ଲୋକେ ସେହି ଭଳି ସରକାର ଚାହୁଁଛନ୍ତି ବୋଲି ଚର୍ଚ୍ଚା ହେଉଛି । ଦୁର୍ନୀତି ଓ ଅପରାଧ ଏକ ମୁଦ୍ରାର ଦୁଇଟି ପାର୍ଶ୍ୱ । ଗୋମତୀ ରିଭର ଫ୍ରଂଟ, ଟଞ୍ଚଓଖଓତଇଞ୍ଚଓଙଘ ଉରଜଞ୍ଚଓରଓଉଇଞ୍ଚର (ଉଝଜ) ସ୍କାମର କୋଟି କୋଟି ଟଙ୍କାର ଜାଲିଆତି ଓ ୨୦୧୨ ରୁ ୨୦୧୪ ମଧ୍ୟରେ ୧୪ ଲକ୍ଷ ଲାପଟପ୍ କିଣାଯାଇ ମାତ୍ର ୬ ଲକ୍ଷ ବଂଟା ଯାଇଛି ଏଭଳି ଦୁର୍ନୀତିକୁ ଲୋକମାନେ ଭୁଲି ନାହାଁନ୍ତି । ଏହି ନିର୍ବାଚନରେ ଜିନ୍ନାବାଦୀମାନେ ପୁଣିଥରେ ମୁଣ୍ଡ ଟେକିବାରେ ଲାଗିଛନ୍ତି । ବାଟଲା ହାଉସ ଏନକାଉଂଟର ଆତଙ୍କବାଦୀଙ୍କ ପାଇଁ ଲୁହ ଗଡାଉଥିବା ନେତାମାନେ ଏଠାରେ ଷ୍ଟାର ପ୍ରଚାରକ ସାଜିଛନ୍ତି । ଦଳିତମାନେ ହିନ୍ଦୁ ନୁହଁନ୍ତି ବୋଲି କହୁଥିବା ଭୀମଆର୍ମୀର ନେତା ଓ ବଙ୍ଗର ଦଳିତ ନେତା ଧନିକରାମ ମଣ୍ଡଳ, କୈରାନା ଓ ମୁଜଫରନଗର ପରି ଦଙ୍ଗାର ମୁଖ୍ୟ ଆସାମୀ,ପୋଲିସକୁ ୧୫ ମିନିଟ ବନ୍ଦ କରିଦେଲେ ଆମ ଯୁବକମାନେ ଏ ଦେଶରୁ ହିନ୍ଦୁମାନଙ୍କୁ ତଡି ଦେବେ ବୋଲି ଖୋଲାଖୋଲି ଆହ୍ୱାନ ଦେଉଥିବା ଦେଓବନ୍ଦର ମୌଲାନା ତଉକିର ରାଜା , ମୁସଲମାନମାନଙ୍କୁ ଇଶ୍ୱର ହିନ୍ଦୁମାନଙ୍କ ଉପରେ ଶାସନ କରିବାକୁ ପଠାଇଛନ୍ତି ବୋଲି କହୁଥିବା ହାଇଦ୍ରାବାଦର ଓବେସୀ ପରି ନେତାମାନେ ଉତରପ୍ରଦେଶବାସୀଙ୍କ ନିକଟରେ ଭୋଟ ଭିକ୍ଷା କରୁଛନ୍ତି । ଉତରପ୍ରଦେଶବାସୀମାନେ ଏମାନଙ୍କ ଚାଲ ଚରିତ୍ର ବିଷୟରେ ଅବଗତ ହେବା ସହ ସେମାନଙ୍କ କଥାକୁ ମଧ୍ୟ ତର୍ଜମା କରୁଛନ୍ତି । ଅନ୍ୟପଟରେ ପୁର୍ବାଂଚଂଳ ଏକ୍ସପ୍ରେସ, ବୁନ୍ଦେଲଖଣ୍ଡ ଏକ୍ସପ୍ରେସ, ଗୋରଖପୁର ଲିଂକ ଏକ୍ସପ୍ରେସ, ଗଙ୍ଗା ଏକ୍ସପ୍ରେସ ନିର୍ମାଣ, ପ୍ରତ୍ୟେକ ଜିଲ୍ଲାରେ ମେଡିକାଲ କଲେଜ, ରାମାୟଣ ସର୍କିଟ ନିର୍ମାଣ, ବୁଦ୍ଧ ସର୍କିଟ ନିର୍ମାଣ,କୁଶୀନଗରରେ ଆନ୍ତର୍ଜାତୀୟ ବିମାନବନ୍ଦର ନିର୍ମାଣ ଆଦି ରାଜ୍ୟର ବିକାଶର କାମକୁ ଲୋକମାନେ ଦେଖୁଛନ୍ତି । ଆହୁରି ମଧ୍ୟ ଦେଖୁଛନ୍ତି ହିନ୍ଦୁତ୍ୱକୁ ବିରୋଧ କରୁଥିବା ଲୋକମାନେ ନିର୍ବାଚନ ସମୟରେ ରାମ ରାମ ଜପ କରୁଛନ୍ତି । ରୁଦ୍ରାକ୍ଷମାଳ ପିନ୍ଧୁଛନ୍ତି, ମଥାରେ ତିଳକ ଲଗାଉଛନ୍ତି ଏଥି ସହିତ ଗଙ୍ଗାରେ ମଧ୍ୟ ବୁଡ ପକାଉଛନ୍ତି । ଜୀବନ୍ତ ସମାଜ ହେଉଛି ଯେଉଁମାନେ ଭଲ କାମକରନ୍ତି ସେମାନଙ୍କୁ ପ୍ରଶଂସା କରନ୍ତି ଏବଂ ଯେଉଁମାନେ କାମ କରନ୍ତି ନାହିଁ ସେମାନଙ୍କୁ ଘରେ ବସାଇ ଦିଅନ୍ତି । ଏବେ ଉତର ପ୍ରଦେଶ ଜନତାଙ୍କ ହାତରେ ଦେଶର ଭାଗ୍ୟର ଡୋରି ବନ୍ଧା ହୋଇଛି । ଉତରପ୍ରଦେଶ ଦେଇ ଦିଲ୍ଲୀର ରାସ୍ତା । ନିର୍ବାଚନ ସମୟରେ ରାଜନୈତିକ ଦଳଗୁଡିକ ଯେଉଁ ସବୁ ପ୍ରସଙ୍ଗ ଉଠାଇଥାନ୍ତି ତାହା ଅନେକ ଲୋକଙ୍କ ମନରେ ପ୍ରଭାବ ପକାଇଥାଏ । ରାଷ୍ଟ୍ରର ସୁରକ୍ଷା, ସଂସ୍କୃତି, ସଭ୍ୟତା ଆଦି ରାଷ୍ଟ୍ରୀୟ ପ୍ରସଙ୍ଗ ଦ୍ୱାରା ସାଧାରଣ ଜନତା ଭାବ ପ୍ରବଣ ହୋଇ ପଡିଥାନ୍ତି । ପ୍ରତ୍ୟେକ ରାଜ୍ୟ ବା ଅଂଚଳ ଦେଶର ଏକ ଅଂଶ ଅଟେ । ତେଣୁ ଜାତୀୟନୀତି ସମସ୍ତଙ୍କୁ ପ୍ରଭାବିତ କରିଥାଏ । ବାସ୍ତବରେ ଜାତୀୟ ଓ ଆଚଂଳିକ ପ୍ରସଙ୍ଗ ମଧ୍ୟରେ ଏକ ସ୍ୱଚ୍ଛ ସୀମା ନିର୍ଦ୍ଧାରଣ କରିବା କଷ୍ଟସାଧ୍ୟ । ଅଧିକାଂଶ ପ୍ରସଙ୍ଗ ପରସ୍ପର ସହିତ ଜଡିତ । କିସାନ ସମ୍ମାନ ନିଧି କେନ୍ଦ୍ର ସରକାରଙ୍କ ଯୋଜନା କିନ୍ତୁ ଏହା ଯାଉଛି ସମସ୍ତ ରାଜ୍ୟର ଚାଷୀମାନଙ୍କ ବ୍ୟାଙ୍କ ଖାତାକୁ । କେରଳ ଠାରୁ କାଶ୍ମୀର ପର୍ଯ୍ୟନ୍ତ ଲଭ୍ ଜିହାଦ ଘଟଣା ସାମ୍ନାକୁ ଆସୁଛି । କୌଣସି ରାଜ୍ୟ ଏହା ବିରୋଧରେ ଆଇନ ପ୍ରଣୟନ କଲେ କଣ ହେବ ତାହା ଏବେ ଅନ୍ୟ ରାଜ୍ୟରେ ମଧ୍ୟ ପ୍ରସଙ୍ଗ ହୋଇଛି । ପ୍ରଧାନମନ୍ତ୍ରୀଙ୍କ ସୁରକ୍ଷା କେବଳ ପଂଜାବରେ ପ୍ରସଙ୍ଗ ହୋଇ ରହିନାହିଁ ଏହା ସମସ୍ତ ରାଜ୍ୟରେ ପ୍ରସଙ୍ଗ ହୋଇଯାଇଛି । ଅଯୋଧ୍ୟା, କାଶୀ ଏବଂ ମଥୁରା ଉତରପ୍ରଦେଶ ସହିତ ସମଗ୍ର ବିଶ୍ୱର ହିନ୍ଦୁମାନଙ୍କ ପାଇଁ ବିଶ୍ୱାସର କେନ୍ଦ୍ର ଅଟେ । ପଂଜବା, ଉତରାଖଣ୍ଡ, ଗୋଆ ଏବଂ ମଣିପୁରରେ ରହୁଥିବା ଲୋକମାନେ ଏଥିରୁ ନିଜକୁ ଦୁରେଇ ରଖି ।ରିବେ ନାହିଁ । ଜନସଂଖ୍ୟା ଅସନ୍ତୁଳନ କଣ ଗୋଟିଏ ରାଜ୍ୟର ସମସ୍ୟା ହୋଇପାରେ କି ? ରାଜନୈତିକ ଦଳମାନଙ୍କ ନିକଟରେ ଅନେକ ପ୍ରସଙ୍ଗ ରହିଛି । ଲୋକମାନଙ୍କର ଦୈନନ୍ଦିନ ଆବଶ୍ୟକତା, ସେମାନଙ୍କର ନିରାପତା, ସମ୍ମାନ ଆଦି ବିଷୟ ମହତ୍ୱପୂର୍ଣ୍ଣ ହୋଇଥିଲେ ମଧ୍ୟ ରାଷ୍ଟ୍ରଭାବ ସର୍ବୋପରି । ଏ ଦେଶରେ କିଏ ମନ୍ତ୍ରୀ ହେବ କିଏ ନେତା ହେବ ସୀମା ଆରପଟେ ବସିଥିବା ଲୋକମାନେ ମଧ୍ୟ ସୁ ।ରିଶ କରୁଛନ୍ତି । ଏ ଦେଶର ରାଜନୈତିକ ଦଳର ଲିଙ୍କ ଦେଶ ବିରୋଧୀ ଶକ୍ତିମାନଙ୍କ ସହିତ ରହୁଛି । କିଛି ଦିନ ତଳେ ଜଣେ ପୂର୍ବତନ ମୁଖ୍ୟମନ୍ତ୍ରୀ ଏ ବିଷୟରେ ପର୍ଦ୍ଦାଫାଶ କରିଛନ୍ତି । ତେଣୁ ଏବେ ସମୟ ଉପନୀତ, ସେମାନଙ୍କୁ ଜବାବ ଦେବା ପାଇଁ । ନେଡିଗୁଡ କହୁଣିକୁ ବୋହିଗଲେ ପୁଣି ପାଂଚ ବର୍ଷ ଅପେକ୍ଷା କରିବାକୁ ପଡିବ । ପାକିସ୍ତାନ ସପକ୍ଷବାଦୀ ଶକ୍ତିମାନେ ଚଳିତ ନିର୍ବାଚନରେ ହାତମିଳା ଯେଉଁ ଲାଭ ଉଠାଇବାକୁ ଚାହୁଁଛନ୍ତି ରାଷ୍ଟ୍ରବାଦୀ ଶକ୍ତିମାନେ ସଂଗଠିତ ହୋଇ ତାହାକୁ ପ୍ରତିହତ କରିବାକୁ ପଡିବ । ୨୦୨୨ରେ ଏହା ସବୁଠାରୁ ବଡ ଆହ୍ୱାନ ଅଟେ । ଏବେ ସମସ୍ତେ କହୁଛନ୍ତି ଆମେ ଗଣତନ୍ତ୍ରର ପୁଝାରୀ, ଦିବଙ୍ଗତଙ୍କ ପୁଝାରୀ । କିଏ ସେହି ଅସଲ ପୁଝାରୀ ତାହା ସେମାନଙ୍କୁ ଜଣାଇ ଦେବାକୁ ପଡିବ !

# ଯୁଗଋଷିଙ୍କ ଆଧ୍ୟାତ୍ମିକ ଜନ୍ମ ଦିବସ: ବସନ୍ତ ପଞ୍ଚମୀ

ଡ. ରଜତ କୁମାର ଷଡ଼ଙ୍ଗୀ
ମୋ- ୯୪୩୮୩୧୪୦୫୪

ସାରା ବିଶ୍ୱରେ ଆଜି ଶ୍ରୀରାମ ଶର୍ମା ଆଧ୍ୟାତ୍ମର ଜଣେ ଶିଖର ପୁରୁଷ ରୂପେ ପରିଚିତ । ତାଙ୍କ ନାମ ସହିତ ବେଦମୂର୍ତ୍ତି, ତପୋନିଷ୍ଠ ଓ ଆଚାର୍ଯ୍ୟ ବିଶେଷଣ ମଧ୍ୟ ଯୋଡ଼ି ହୋଇ ରହିଛି । ଆଚାର୍ଯ୍ୟଶୟୀଙ୍କର କୋଟି କୋଟି ଅନୁଯାୟୀ ତଥା ଶ୍ରଦ୍ଧାଳୁ ତାଙ୍କୁ ଶ୍ରଦ୍ଧା ଓ ସମ୍ମାନର ସହିତ ଗୁରୁଦେବ ଭାବରେ ସମ୍ବୋଧନ କରିଥାନ୍ତି । ଯେମିତି ମହାତ୍ମା କହିଲେ ଗାନ୍ଧିଜୀଙ୍କୁ, ନେତାଜୀ କହିଲେ ସୁଭାଷ ଚନ୍ଦ୍ର ବୋଷଙ୍କୁ, ସ୍ୱାମୀଜୀ କହିଲେ ବିବେକାନନ୍ଦଙ୍କୁ ବୁଝନ୍ତି, ସେମିତି ଯୁଗଋଷି କହିଲେ ବେଦମୂର୍ତ୍ତି ତପୋନିଷ୍ଠ ପଣ୍ଡିତ ଶ୍ରୀରାମ ଶର୍ମା ଆଚାର୍ଯ୍ୟଙ୍କୁ ବୁଝାଯାଏ । ଏହି ଯୋଗଜନ୍ମା ମହାପୁରୁଷଙ୍କର ଜନ୍ମ ତାରିଖ ହେଉଛି ୧୯୧୧ ମସିହା ସେପ୍ଟେମ୍ବର ମାସର କୋଡ଼ିଏ ତାରିଖ, ଆଶ୍ୱିନ ମାସ କୃଷ୍ଣ ପକ୍ଷ ତ୍ରୟୋଦଶୀ ତିଥି; କିନ୍ତୁ ଯୁଗଋଷି ଶ୍ରୀରାମ ବସନ୍ତ ପଞ୍ଚମୀ ଅର୍ଥାତ୍ ମାଘ ମାସ ଶୁକ୍ଳ ପକ୍ଷ ପଞ୍ଚମୀକୁ ନିଜର ଆଧ୍ୟାତ୍ମିକ ଜନ୍ମ ଦିବସ ରୂପେ ପାଳନ କରୁଥିଲେ । ଏହା ପଛରେ ଯେଉଁ ତଥ୍ୟ ରହିଛି, ତାହା ରୋଚକ ଏବଂ ଅଲୌକିକ ।

ଯୁଗଋଷି ଜନ୍ମଗ୍ରହଣ କରିଥିଲେ ଆଗ୍ରା ଜନପଦର ଆଁଓ୍ୱଲଖେଡ଼ା ଗ୍ରାମରେ । ତାଙ୍କ ପିତା ପଣ୍ଡିତ ରୂପ କିଶୋର ଶର୍ମା ଥିଲେ ଜଣେ ଜମିଦାର ଏବଂ ଭାଗବତ ଶାସ୍ତ୍ରର କଥାବାଚକ, ପ୍ରଗତିଶୀଳ ବିଦ୍ୱାନ । ମାତା ଦାନକୁଓ୍ୱରୀ ଦେବୀ ଥିଲେ ଈଶ୍ୱରବିଶ୍ୱାସୀ ଧର୍ମପ୍ରାଣା ମହିଳା । ବାଲ୍ୟାବସ୍ଥାରୁ ଶ୍ରୀରାମଙ୍କର ଧ୍ୟାନ କରିବା, ଦାନ କରିବା, ସେବା କରିବା ଥିଲା ସହଜ ସ୍ୱଭାବ । ଜାତିଭେଦ ନମାନି ସମସ୍ତଙ୍କ ପ୍ରତି ସମାନ ବ୍ୟବହାର କରୁଥିଲେ । ଏମିତି ଗୋଟିଏ ଘଟଣା ଥିଲା ଛପକୋ ନାମକ ଜଣେ ହରିଜନ ମହିଳାଙ୍କର ସେବା-ସୁଶ୍ରୁଷା କରିବା । ଗାଁରେ ଏହି ବୃଦ୍ଧା ଜଣଙ୍କ ଗଳିତ କୁଷ୍ଠ ଭଳି ରୋଗରେ ପୀଡ଼ିତ ଥିଲେ । ବାଳକ ଶ୍ରୀରାମ ଯେତେବଳେ ଏହା ଶୁଣିଲେ, ପ୍ରଚଳିତ ସାମାଜିକ ବ୍ୟବସ୍ଥା ବିରୋଧରେ ଯାଇ ତାଙ୍କର ସେବା-ସୁଶ୍ରୁଷାରେ ଲାଗି ପଡ଼ିଲେ ଏବଂ ତାଙ୍କୁ ରୋଗ ମୁକ୍ତ କରିଥିଲେ । ଏଥିପାଇଁ ତାଙ୍କୁ ବହୁ କଷ୍ଟ ସ୍ୱୀକାର କରିବାକୁ ପଡିଥିଲା ।

ଯେତେବେଳେ ବାଳକ ଶ୍ରୀରାମଙ୍କୁ ଆଠ ବର୍ଷ ବୟସ ହୋଇଥିଲା ପିତା କାଶୀ ନଗରୀରେ ରହୁଥିବା ବାଲ୍ୟବନ୍ଧୁ ପଣ୍ଡିତ ମଦନ ମୋହନ ମାଳବ୍ୟଙ୍କ ଦ୍ୱାରା କାଶୀରେ ତାଙ୍କର ଯଜ୍ଞୋପବୀତ ସଂସ୍କାର କରାଇଲେ । ମାଳବ୍ୟଜୀ ସଂସ୍କାର ସମୟରେ ଉପଦେଶ ଦେଲେ ଯେ, ଗାୟତ୍ରୀ ହେଉଛି କାମଧେନୁ, ତେଣୁ ପ୍ରତିଦିନ ବ୍ରାହ୍ମମୁହୂର୍ତ୍ତରେ ଗାୟତ୍ରୀ ଉପାସନା କରିବା ଦରକାର । ପିତା ରୂପ କିଶୋରଙ୍କ ଠାରୁ ଗାୟତ୍ରୀ କାମଧେନୁ ବିଷୟରେ ତଥ୍ୟ ଓ ଜ୍ଞାନ ହାସଲ କରି ବାଳକ ଶ୍ରୀରାମ ଗାୟତ୍ରୀ ଉପାସନାରେ ମନୋଯୋଗର ସହ ଲାଗି ପଡ଼ିଲେ । ଉଣେଇଶ ଶହ ବାଷଠି ମସିହା, ଶ୍ରୀରାମଙ୍କୁ ସେତେବେଳେ ପନ୍ଦର ବର୍ଷ ବୟସ । ସେହି ବର୍ଷ ବସନ୍ତ ପଞ୍ଚମୀର ବ୍ରାହ୍ମମୁହୂର୍ତ୍ତରେ ଯେଉଁ ଅଲୌକିକ ଘଟଣାଟି ଘଟିଲା, ତାହା ଶ୍ରୀରାମଙ୍କୁ ବେଦମୂର୍ତ୍ତି, ତପୋନିଷ୍ଠ, ପଣ୍ଡିତ ଶ୍ରୀରାମ ଶର୍ମା ଆଚାର୍ଯ୍ୟ ଭାବରେ ବିଶ୍ୱବିଦିତ, ବିଶ୍ୱବନ୍ଦିତ କରିଦେଲା । ବ୍ରାହ୍ମମୁହୂର୍ତ୍ତରେ ପୂଜା କୋଠରୀରେ କିଶୋର ଶ୍ରୀରାମ ଗାୟତ୍ରୀ ଜପରେ ନିବିଷ୍ଟ ଥିଲେ ।



ସମ୍ମୁଖସ୍ଥ ଦୀପ ଜ୍ୟୋତିରୁ ପ୍ରକଟ ହେଲେ ସୂକ୍ଷ୍ମ ଶରୀରଧାରୀ ପୁରୁଷ, ହିମାଳୟ ନିବାସୀ ସର୍ବେଶ୍ୱରାନନ୍ଦଜୀ ମହାରାଜ । ସୂକ୍ଷ୍ମ ଶରୀରଧାରୀ ସର୍ବେଶ୍ୱରାନନ୍ଦଜୀ କିଶୋର ଶ୍ରୀରାମଙ୍କୁ ତାଙ୍କ ପୂର୍ବଜନ୍ମ ବିଷୟରେ ଅତୀନ୍ଦ୍ରିୟ ଦର୍ଶନ କରାଇଲେ । ଶ୍ରୀରାମଙ୍କର ବୋଧ ହେଲା ଯେ ପୂର୍ବଜନ୍ମରେ ସେ ମହାତ୍ମା କବୀର, ସମର୍ଥଗୁରୁ ରାମଦାସ, ରାମକୃଷ୍ଣ ପରମହଂସ ଥିଲେ ଏବଂ ସମାଜକୁ ଦିଗ୍‌ଦର୍ଶନ ଦେବାର ମହାନ୍ କାର୍ଯ୍ୟ କରିଥିଲେ । ଏହି ଜନ୍ମରେ ତାହାଠାରୁ ଆହୁରି ଉଚ୍ଚତର ମହାନ୍ କାର୍ଯ୍ୟ କରିବାର ଅଛି । ଏହି ସୂକ୍ଷ୍ମ ଶରୀରଧାରୀ ହିଁ ତାଙ୍କର ପୂର୍ବଜନ୍ମର ମାର୍ଗଦର୍ଶକ ଥିଲେ । ସର୍ବେଶ୍ୱରାନନ୍ଦଜୀଙ୍କ ନିକଟରେ ସେ ନିଜକୁ ଶିଷ୍ୟ ଭାବରେ ସମର୍ପଣ କରିଦେଲେ । ନିଜ ଗୁରୁଙ୍କ କୃପା ଓ ମାର୍ଗଦର୍ଶନରେ ୨୪ ବର୍ଷରେ ୨୪ ଗାୟତ୍ରୀ ମହାପୁରୁଶ୍ଚଣ ସଂପନ୍ନ କରି ସେ ଗାୟତ୍ରୀର ସିଦ୍ଧ ସାଧକ ବରପୁତ୍ର ହୋଇଗଲେ । ବସନ୍ତ ପଞ୍ଚମୀ ଅବସରରେ ସେ ନିଜ ମାର୍ଗଦର୍ଶକ ସତ୍ତା-ଗୁରୁଙ୍କ ସାନ୍ନିଧ୍ୟ ଲାଭ କରିଥିବାରୁ ବସନ୍ତ ପଞ୍ଚମୀକୁ ଯୁଗଋଷି ଶ୍ରୀରାମ ନିଜର ଆଧ୍ୟାତ୍ମିକ ଜନ୍ମ ଦିବସ ରୂପେ ପାଳନ କରୁଥିଲେ । ତାଙ୍କର ସଂକଳ୍ପ ହେଉଛି 'ମନୁଷ୍ୟ ମଧ୍ୟରେ ଦେବତ୍ୱର ଉଦୟ ଏବଂ ଧରିତ୍ରୀରେ ସ୍ୱର୍ଗର ଅବତରଣ' । ଏଥିପାଇଁ ତାଙ୍କର ଯୋଜନା ହେଉଛି- 'ଯୁଗନିର୍ମାଣ ଯୋଜନା' । ସଂକଳ୍ପ ଓ ଯୋଜନାକୁ କାର୍ଯ୍ୟକାରୀ କରିବା ପାଇଁ ସେ ଯେଉଁ ଅଭିଯାନ ଚାଲୁ କଲେ ତାହାକୁ 'ବିଚାର କ୍ରାନ୍ତି ଅଭିଯାନ' କୁହାଯାଏ । ଏହି ଅଭିଯାନର ସମସ୍ତ କାର୍ଯ୍ୟ ଯୋଜନା ସେ ବସନ୍ତ ପଞ୍ଚମୀ ଦିନ ଘୋଷଣା କରୁଥିଲେ ଏବଂ ତାହାକୁ କାର୍ଯ୍ୟକାରୀ କରିବା ପାଇଁ ପଦକ୍ଷେପ ଗ୍ରହଣ କରୁଥିଲେ ।

ପଣ୍ଡିତ ଶ୍ରୀରାମ ଶର୍ମା ଥିଲେ ଜଣେ ସ୍ୱାଧୀନତା ସଂଗ୍ରାମୀ, ବତିଶ ଶହ ପ୍ରେରକ ପୁସ୍ତକର ପ୍ରଣେତା, ସମାଜ ସଂସ୍କାରକ । ନାରୀ ଜାଗରଣ, କୁରୀତ ଉନ୍ମୂଳନ, ନିଶା ନିବାରଣ କ୍ଷେତ୍ରରେ ତାଙ୍କର ଉଲ୍ଲେଖନୀୟ ସାମାଜିକ ଅବଦାନ ରହିଛି । ବସନ୍ତ ପଞ୍ଚମୀର ବାସନ୍ତୀ ଉଲ୍ଲାସରେ ସେ ଦେଶ, ସଂସ୍କୃତିର ଯେଉଁ ମହନୀୟ ସେବା କରିଛନ୍ତି, ସାରା ବିଶ୍ୱକୁ ଏକ ପରିବାର କରିବା ପାଇଁ ଯୁଗ ପରିବର୍ତ୍ତନର ଆହ୍ୱାନ ଦେଇଛନ୍ତି ତାହା ସମଗ୍ର ମାନବ ଜାତିର ମାର୍ଗଦର୍ଶନ କରିବ ।

## "ଆତ୍ମନିର୍ଭର ଅର୍ଥବ୍ୟବସ୍ଥା" ଓ "ବଜେଟ-୨୦୨୨" ପ୍ରସଙ୍ଗରେ ବିଜେପି କାର୍ଯ୍ୟକର୍ତ୍ତାଙ୍କୁ ପ୍ରଧାନମନ୍ତ୍ରୀଙ୍କ ସମ୍ବୋଧନ

ନୂଆଦିଲ୍ଲୀ, (ପିଆଇବି): ଉପସ୍ଥାପିତ ହୋଇଥିବା କେନ୍ଦ୍ର ବଜେଟ ଦେଶର ଅର୍ଥ ବ୍ୟବସ୍ଥାକୁ ସୁଦୃଢ଼ କରିବା ସହିତ ବିକାଶର ନୂତନ ସମ୍ଭାବନା ସୃଷ୍ଟି କରିଛି । ଦେଶର ଆତ୍ମନିର୍ଭର ଅର୍ଥବ୍ୟବସ୍ଥା ଦିଗରେ ଗତ କାଲି ଉପସ୍ଥାପିତ ହୋଇଥିବା ବଜେଟ ଏକ ବଳିଷ୍ଠ ପଦକ୍ଷେପ । ଏହି ବଜେଟରେ କୃଷି, ଶିକ୍ଷା, ସ୍ୱାସ୍ଥ୍ୟ, ପ୍ରତିରକ୍ଷାକୁ ଗୁରୁତ୍ୱ ଦିଆଯାଇଛି । ଦେଶର ପ୍ରତ୍ୟେକ ଲୋକଙ୍କ ପାଖରେ ପକ୍କାଘର, ପାନୀୟ ଜଳ, ରୋଷେଇ ଗ୍ୟାସ, ବ୍ୟାଂକ ସୁବିଧା ପହଂଚଇବାର ବ୍ୟବସ୍ଥା କରାଯାଇଛି । ବଜେଟରେ ସବୁଜ ବିଶ୍ୱ ତିଆରିର କଳ୍ପନା କରାଯାଇଛି । ଡିଜିଟାଲ ଭାରତ ଗଠନ ନିମନ୍ତେ ଡିଜିଟାଲ ମୁଦ୍ରା ପ୍ରଚଳନ, ୫-ଜି ଟେଲିକମ ସେବା, ବନ୍ଦେ ଭାରତ ଏକ୍ସପ୍ରେସ ରେଳ, କିଷାନ ଡ୍ରୋନର ପ୍ରଚଳନ ବ୍ୟବସ୍ଥା କରାଯାଇଛି । ପ୍ରଥମ ଥର ପାଇଁ ପର୍ବତମାଳା ଯୋଜନା ଆରମ୍ଭ ହେବାକୁ ଯାଉଛି । ଏହାର ସୁଲାଭ ଗରୀବ, ମଧ୍ୟବିତ, ଅବହେଳିତ,




ନିଷ୍ପେଷିତ ବ୍ୟକ୍ତିଙ୍କ ପାଖରେ ପହଂଚିବ । ଗତିଶକ୍ତି ଯୋଜନାରେ ବିଭିନ୍ନ ପ୍ରକାରର ଭିତିଭୂମି ଜରିଆରେ ଅଧିକ ସଂଖ୍ୟାରେ ନିଯୁକ୍ତି ସୃଷ୍ଟି କରାଯାଇପାରିବ ଏବଂ ଭିତିଭୂମି ନିର୍ମାଣ ପରେ ବହୁ ସଂଖ୍ୟାରେ ଶିଳ୍ପ ବାଣିଜ୍ୟ ଗଡି ଉଠିବ, ଯାହା ଫଳରେ ନିଯୁକ୍ତି ଆହୁରି ବୃଦ୍ଧି ପାଇବ । କୃଷିଜାତ ଦ୍ରବ୍ୟକୁ ମୁଲ୍ୟଯୁକ୍ତ କରିବା ପାଇଁ ନାବାର୍ଡ ମାଧ୍ୟମରେ ପୁଞ୍ଜି ବିନିଯୋଗ ପାଇଁ ବ୍ୟବସ୍ଥା ହୋଇଛି । ଆଧୁନିକ ଭାରତ ଗଠନର ସମୟ ଆସିଯାଇଛି ଏବଂ ଏହା ସଂପୂର୍ଣ୍ଣ ଭାବେ ଆତ୍ମନିର୍ଭର ବଜେଟ ବୋଲି ଯଶସ୍ୱୀ ପ୍ରଧାନମନ୍ତ୍ରୀ ଶ୍ରୀ ନରେନ୍ଦ୍ର ମୋଦି ଆଜି ବିଜେପି କାର୍ଯ୍ୟକର୍ତାଙ୍କୁ ସମ୍ବୋଧନ କରି କହିଛନ୍ତି । "ଆତ୍ମନିର୍ଭର ଅର୍ଥବ୍ୟବସ୍ଥା" ପ୍ରସଙ୍ଗରେ ଆଜି ପ୍ରଧାନମନ୍ତ୍ରୀ ଶ୍ରୀ ମୋଦି ଦେଶବ୍ୟାପୀ ବିଜେପି କାର୍ଯ୍ୟକର୍ତାଙ୍କୁ ସମ୍ବୋଧନ କରିଛନ୍ତି । ଦେଶର ପାଖାପାଖି ୧୮୦୦ଟି ସ୍ଥାନରୁ ଭର୍ଚୁଆଲ ମୋଡରେ ବିଜେପି ନେତୃବୃନ୍ଦ ଓ କାର୍ଯ୍ୟକର୍ତା ଯୋଡି ହୋଇଥିଲେ । ବିଜେପି ରାଷ୍ଟ୍ରୀୟ ଅଧ୍ୟକ୍ଷ ଶ୍ରୀ ଜେ.ପି.ନଡ୍ଡା ସମସ୍ତଙ୍କୁ ସ୍ୱାଗତ ଜଣାଇବା ସହିତ ଐତିହାସିକ ବଜେଟ ପ୍ରଦାନ କରିଥିବାରୁ ପ୍ରଧାନମନ୍ତ୍ରୀ ଏବଂ କେନ୍ଦ୍ର ଅର୍ଥମନ୍ତ୍ରୀଙ୍କୁ ମଧ୍ୟ ଧନ୍ୟବାଦ ଜ୍ଞାପନ କରିଥିଲେ । ଏହି କାର୍ଯ୍ୟକ୍ରମରେ ବିଜେପିର ସମସ୍ତ ରାଷ୍ଟ୍ରୀୟ ପଦାଧିକାରୀ, ସାଂସଦ, ମୁଖ୍ୟମନ୍ତ୍ରୀ, ବିଧାୟକ, ରାଜ୍ୟ ସଭାପତି ଓ ପଦାଧିକାରୀଙ୍କ ସମେତ କାର୍ଯ୍ୟକର୍ତାମାନେ ଯୋଗ ଦେଇଥିଲେ । ରାଜ୍ୟ କାର୍ଯ୍ୟାଳୟରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ରାଜ୍ୟ ସଭାପତି ଶ୍ରୀ ସମୀର ମହାନ୍ତି, ରାଜ୍ୟ ସାଧାରଣ ସଂପାଦକ ଡ.ଲେଖାଶ୍ରୀ ସାମନ୍ତସିଂହାର, ଗୋଲକ ମହାପାତ୍ର, ବରିଷ୍ଠ ନେତା ସଜ୍ଜନ ଶର୍ମା, ଅଧ୍ୟାପକ ପୂର୍ଣ୍ଣଚନ୍ଦ୍ର ମଲ୍ଲିକଙ୍କ ସମେତ ବହୁ ସଂଖ୍ୟାରେ ବିଜେପି କାର୍ଯ୍ୟକର୍ତା ଉପସ୍ଥିତ ଥିଲେ । ସେହିଭଳି ବହୁ ସଂଖ୍ୟାରେ ବିଜେପି ନେତୃବୃନ୍ଦ ଏବଂ କାର୍ଯ୍ୟକର୍ତାମାନେ ଭର୍ଚୁଆଲ ମୋଡରେ ଯୋଡି ହୋଇଥିଲେ । ମୋଦି ସରକାର ଶାସନ କ୍ଷମତାକୁ ଆସିବା ପରେ ଦେଶର ଆର୍ଥିକ ଦୁରବସ୍ଥା କ୍ରମଶଃ ଦୂର ହେବାରେ ଲାଗିଛି । କରୋନା ମାହାମାରୀ ସତ୍ତ୍ୱେ ଦେଶର ଅର୍ଥନୀତି ସୁଦୃଢ଼ ଅଛି । ସମଗ୍ର ବିଶ୍ୱ ଆଜି ଭାରତ ବର୍ଷ ଉପରେ ଅନେକ ଆଶା ରଖିଛି । ଦୁରଦୃଷ୍ଟି ସଂପନ୍ନ ଏହି ବଜେଟର ପ୍ରଭାବ ଆଗାମୀ ଦିନରେ ନିଶ୍ଚିତ ରୂପେ ପ୍ରତିଫଳିତ ହେବ ଏବଂ ଯୁବ, ଚାଷୀ, ମହିଳା, ଗରୀବ ଓ ମଧ୍ୟବିତ ବର୍ଗ ସର୍ବାଧିକ ଲାଭାନ୍ୱିତ ହେବେ ବୋଲି ଡ.ଲେଖାଶ୍ରୀ ଦୃଢ଼ୋକ୍ତି ପ୍ରକାଶ କରିଛନ୍ତି ।

## କେନ୍ଦ୍ରୀୟ କର୍ମଚାରୀଙ୍କର ୧୪ ପ୍ରତିଶତ ପର୍ଯ୍ୟନ୍ତ ବଢ଼ିଲା ମହଙ୍ଗା ଭତ୍ତା

ନୂଆଦିଲ୍ଲୀ: କେନ୍ଦ୍ର ସରକାର ବଜେଟ୍ ପରେ କର୍ମଚାରୀଙ୍କୁ ଖୁସିଖବର ଦେଇଛନ୍ତି । ମୋଦୀ ସରକାର ଏବେ କର୍ମଚାରୀଙ୍କର ମହଙ୍ଗା ଭତ୍ତାକୁ ବଢ଼ାଇଦେଇଛନ୍ତି । ବଜେଟ୍ ଉପସ୍ଥାପନ ପରେ କେନ୍ଦ୍ର ସରକାରଙ୍କ ପକ୍ଷରୁ ମହଙ୍ଗା ଭତ୍ତାକୁ ୧୪ ପ୍ରତିଶତ ପର୍ଯ୍ୟନ୍ତ ବଢ଼ାଇ ଦିଆଯାଇଛି । ଏହି ବୃଦ୍ଧିପରେ କେନ୍ଦ୍ରୀୟ କର୍ମଚାରୀଙ୍କ ଦରମାରେ ମୋଟା ଅଙ୍କର ବୃଦ୍ଧି ଘଟିଛି । ସୂଚନା ଯେ, ଏହି ବୃଦ୍ଧି କେବଳ କେନ୍ଦ୍ରୀୟ ସାର୍ବଜନୀକ କ୍ଷେତ୍ର ଉଦ୍ୟମ(CPSEs)କୁ ମିଳିବ । ସେମାନଙ୍କ ମହଙ୍ଗା ଭତ୍ତାକୁ ଜାନୁଆରୀ ମାସରେ ରିଭାଇଜ୍



କରାଯାଇଥିଲା । ଏହାପୂର୍ବରୁ କର୍ମଚାରୀଙ୍କୁ ୧୭୦.୫ ପ୍ରତିଶତ ଦରରେ ଡିଏ ମିଳୁଥିଲା । ଏହାକୁ ଏବେ ବୃଦ୍ଧି କରାଯାଇ ୧୮୪.୧ କରାଯାଇଛି । ରିପୋର୍ଟସ୍ ମୁତାବକ, ଅଣ୍ଡର ସେକ୍ରେଟାରୀ ସାମୁଏଲ୍ ହକ୍ କହିଛନ୍ତି ଯେ, ଉଚଝରଣ୍ଣ ର ବୋର୍ଡ ଲେବଲ୍ ଓ ବୋର୍ଡ ଲେବଲ୍ ତଳିଆ ଅଧିକାରୀଙ୍କୁ ଏଥିରେ ଫାଇଦା ମିଳିବ । ଏବେ ଏହି କର୍ମଚାରୀଙ୍କୁ ୧୮୪.୧ ପ୍ରତିଶତ ଦରରେ ଡିଏ ବା ମହଙ୍ଗାଭତ୍ତା ମିଳିବ ।

## ଇନକମ୍ ଟ୍ୟାକ୍ସ ନ ବଢ଼ାଇବାକୁ ଥିଲା ପ୍ରଧାନମନ୍ତ୍ରୀଙ୍କ ନିର୍ଦ୍ଦେଶ:ଅର୍ଥମନ୍ତ୍ରୀ

ନୂଆଦିଲ୍ଲୀ: ବଜେଟକୁ ନେଇ କେନ୍ଦ୍ର ଅର୍ଥମନ୍ତ୍ରୀ ନିର୍ମଳା ସୀତାରମଣଙ୍କ ପ୍ରତିକ୍ରିୟା । ଆୟକର ସ୍ଲାବ୍ ଅବରିବର୍ତ୍ତିତ ନେଇ ଅର୍ଥମନ୍ତ୍ରୀ ସୀତାରମଣଙ୍କ ପ୍ରତିକ୍ରିୟା । ଇନକମ ଟ୍ୟାକ୍ସରେ ଟଙ୍କାଟି ବି ବଢ଼ାଯାଇନି କହିଲେ ନିର୍ମଳା ସୀତାରମଣ । ସେ ଆହୁରି କହିଛନ୍ତି, ଗଲାଥର ଭଳି ଏଥର ମଧ୍ୟ ପ୍ରଧାନମନ୍ତ୍ରୀ କଡା ନିର୍ଦ୍ଦେଶ ରହିଥିଲା ଯେ ମହମାରୀ ସମୟରେ ଆୟକର ଟ୍ୟାକ୍ସ ନବଦଳାଇବାକୁ କହିଥିଲେ ପ୍ରଧାନମନ୍ତ୍ରୀ । ପ୍ରଧାନମନ୍ତ୍ରୀଙ୍କ ଆଦେଶ ଅନୁସାରେ ଟିକସ ବଢ଼ାଯାଇନି କହିଲେ ସୀତାରମଣ । ସେହିପରି ଭିତ୍ତିଭୂମିର ବିକାଶ ଯୋଗୁଁ ଆୟ



ଓ ନିଯୁକ୍ତ ବଢ଼ିବ । ୧୪ ଟି କ୍ଷେତ୍ରରେ ଉତ୍ପାଦନ ଭିତ୍ତିକ ପ୍ରୋତ୍ସାହନ ଦେବାର ବ୍ୟବସ୍ଥା ହୋଇଛି । ଋଣ ସୁବିଧା ପ୍ରଦାନ ଯୋଗୁଁ ଏମଏସଏମଇ କ୍ଷେତ୍ରରେ ଛଟେଇ ରୋକାଯାଇ ପାରିଛି । ୟୁରିଆ ସାରର ଦର ବଢ଼ିଛି ହେଲେ ଏହି ବୋଝ ଚାଷୀଙ୍କ ଉପରେ ପକାଯାଇନି । ୟୁରିଆ ସାର ଉପରେ ୬୩ ହଜାର କୋଟିର ସବସିଡି ବ୍ୟବସ୍ଥା । ଅନ୍ନଦାତାଙ୍କୁ ଶକ୍ତିଦାତା କରିବାକୁ ସୌର ଶକ୍ତିଦାତା କରିବାକୁ ଉଦ୍ୟମ ଚାଲିଛି ।

## ପୂର୍ବୋଦୟ ମିଶନରେ ଓଡିଶାରେ ରେଳ ଭିତ୍ତିଭୂମିର ବିକାଶକୁ ସର୍ବାଧିକ ପ୍ରାଥମିକତା :ଧର୍ମେନ୍ଦ୍ର

ନୂଆଦିଲ୍ଲୀ/ଭୁବନେଶ୍ୱର,(ସଂଦେଶ ବ୍ୟୁରୋ): ଓଡିଶାର ରେଳ ଭିତିଭୂମିର ବିକାଶ ପାଇଁ ଚଳିତ ୨୦୨୨-୨୩ ଆର୍ଥିକ ବର୍ଷରେ କେନ୍ଦ୍ର ରେଳ ବଜେଟରେ ଓଡିଶାକୁ ୯ ହଜାର ୭୩୪ କୋଟି ଟଙ୍କା ଅନୁଦାନ ଦେଇଥିବାରୁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି, କେନ୍ଦ୍ର ରେଳମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ ଏବଂ କେନ୍ଦ୍ର ଅର୍ଥମନ୍ତ୍ରୀ ନିର୍ମଳା ସୀତାରମଣଙ୍କୁ ଧନ୍ୟବାଦ ଜଣାଇଛନ୍ତି କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ । ମୋଦି ସରକାର ପୂର୍ବୋଦୟ ମିଶନରେ ଓଡିଶାରେ ରେଳ ଭିତିଭୂମିର ବିକାଶକୁ ସର୍ବାଧିକ ପ୍ରାଥମିକତା ଦେଇଛନ୍ତି । ଏହି ରେକର୍ଡ ସଂଖ୍ୟକ ଅର୍ଥ ରାଜ୍ୟରେ ରେଳ ପ୍ରକଳ୍ପକୁ ତ୍ୱରାନ୍ୱିତ କରିବା ସହ ରାଜ୍ୟରେ ରେଳ ଭିତିଭୂମିକୁ ସୁଦୃଢ଼ କରିବା ଓ ଯାତ୍ରୀଙ୍କ ଗମନାଗମନକୁ ସୁଗମ କରିବ । ଶ୍ରୀ ପ୍ରଧାନ କହିଛନ୍ତି ଯେ ଓଡିଶା ତଥା ପୂର୍ବ ଭାରତର ବିକାଶ ପ୍ରଧାନମନ୍ତ୍ରୀ ମୋଦିଙ୍କ ପ୍ରାଥମିକତାରେ ରହିଛି । ମୋଦି ସରକାରରେ ବିଗତ ୭ ବର୍ଷରେ ରେଳବାଇ କ୍ଷେତ୍ରରେ ଓଡିଶା ପ୍ରତି ଦୀର୍ଘ ଦିନର ଅବହେଳାକୁ ଦୂର କରାଯାଇ ରାଜ୍ୟକୁ ପ୍ରଚୁର ଆର୍ଥିକ ସହାୟତା ଯୋଗାଇ ଦିଆଯାଇଛି । ୨୦୨୧-୨୨ ଆର୍ଥିକ ବର୍ଷରେ କେନ୍ଦ୍ର ରେଳ ବଜେଟରେ ଓଡିଶାକୁ ୬ ହଜାର ୯୯୫.୫୮ କୋଟି ଟଙ୍କା ଅନୁଦାନ ମିଳିଥିବା ବେଳେ ଏ ବର୍ଷ ଗତବର୍ଷ ଅପେକ୍ଷା ୭୬ ପ୍ରତିଶତ ଅଧିକ ଅନୁଦାନ ବଢ଼ିଛି । ଚଳିତଥର ବାସ୍ତବ ସ୍ଥିତି ଓ ପ୍ରକଳ୍ପର କାମକୁ ତ୍ୱରାନ୍ୱିତ କରିବା ଆଧାରରେ ବଜେଟ୍ ପୂର୍ଣ୍ଣାଙ୍ଗ ହୋଇଛି । ପ୍ରତି ପ୍ରକଳ୍ପର ଆବଶ୍ୟକତା ବିଚାରକୁ ନିଆଯାଇ ଅର୍ଥ ଅନୁଦାନ ଦିଆଯାଇଛି । ମିଶନ ପୂର୍ବୋଦୟ ପ୍ରଧାନମନ୍ତ୍ରୀଙ୍କ ଦ୍ୱାରା କଳ୍ପନା କରାଯାଇଥିବା ବେଳେ ଦେଶର ବିକାଶ ପୂର୍ବ ଭାରତର



ନେତୃତ୍ୱ ଦ୍ୱାରା ସମ୍ଭବ ବୋଲି ଏହା ସୁନିଶ୍ଚିତ କରୁଛି । ମୋଦି ସରକାର ଓଡିଶାକୁ ରେଳ କ୍ଷେତ୍ରରେ ପ୍ରାଥମିକତା ଦେଇଛନ୍ତି । ଯାହା ମୋଦି ସରକାରଙ୍କ ଓଡିଶାର ବିକାଶ ପାଇଁ ଥିବା ଅଙ୍ଗୀକାରବଦ୍ଧତାକୁ ଦର୍ଶାଉଛି । ଚଳିତ ବଜେଟରେ ବହୁ ପ୍ରତିକ୍ଷୀତ ୨୮୯ କିମି ଖୋର୍ଦ୍ଧା ରୋଡ- ବଲାଙ୍ଗୀର ରେଳ ଲାଇନ ପ୍ରକଳ୍ପ ପାଇଁ ୮୯୧ କୋଟି ଟଙ୍କା ଅନୁଦାନ ଦିଆଯାଇଛି । ଏହି ଅନୁଦାନ ପଶ୍ଚିମ ଓଡିଶାବାସୀଙ୍କ ବହୁ ପ୍ରତିକ୍ଷୀତ ରେଳ ପ୍ରକଳ୍ପକୁ ତ୍ୱରାନ୍ୱିତ କରାଇବ । ଏହାବ୍ୟତିତ ବଜେଟରେ ୯୮.୭ କିମିର ଅନୁଗୁଳ-ସୁକିନ୍ଦା ରୋଡ୍ ଲାଇନ ପାଇଁ ୪୭୫ କୋଟି ଟଙ୍କା , ୮୨ କିମି ହରିଦାସପୁର-ପାରାଦୀପ ରେଳ ଲାଇନ ପାଇଁ ୮୫ କୋଟି ଟଙ୍କା ଦିଆଯାଇଛି । ଏହା ଦ୍ୱାରା ଏହି ପ୍ରକଳ୍ପର କାମ ତ୍ୱରାନ୍ୱିତ ହେବ । ସେହିପରି ତାଳଚେର-ବିମଳାଗଡ ୧୫୪ କିମି ରେଳ ଲାଇନ ପାଇଁ୨୫୦ କୋଟି ଟଙ୍କା ଦିଆଯାଇଥିବା ବେଳେ ଭଦ୍ରକ - ନିର୍ଗୁଣ୍ଡି ତୃତୀୟ ଲାଇନ ପାଇଁ ୩୫୧ କୋଟି, ଖୋର୍ଦ୍ଧା-ବାରଙ୍ଗ ତୃତୀୟ ଲାଇନ ପାଇଁ ୧୬୪ କୋଟି, ସମ୍ବଲପୁର- ଟିଟିଲାଗଡ ୧୮୨.୧୧ କିମି ରେଳ ଲାଇନ ଦୋହରିକରଣ ପାଇଁ ୯୯ କୋଟି ଟଙ୍କା, ସମ୍ବଲପୁର-ତାଳଚେର ରେଳ ଲାଇନର ଦୋହରିକରଣ ପାଇଁ ୧୭୨ କୋଟି ଟଙ୍କା, ଝାରସୁଗୁଡା-ବିଳାସପୁର ଚତୁର୍ଥ ଲାଇନ ପାଇଁ ୭୧୭ କୋଟି ଟଙ୍କା ଦିଆଯାଇଛି । ଜୟପୁର – ମାଲକାନଗିରି ୧୩୦ କିମି ପାଇଁ ୧୩ କୋଟି ଟଙ୍କା, ଜୟପୁର-ନବରଙ୍ଗପୁର ପାଇଁ ୮୧ କୋଟି ଟଙ୍କା ଦିଆଯାଇଛି । ଏହି ସବୁ ଅର୍ଥ ରେଳ ପ୍ରକଳ୍ପ କାର୍ଯ୍ୟକୁ ତ୍ୱରାନ୍ୱିତ କରିବ ବୋଲି ଶ୍ରୀ ପ୍ରଧାନ କହିଛନ୍ତି । ଏହାବ୍ୟତିତ ଯାତ୍ରୀ ସୁବିଧା ପାଇଁ ୩୦୪.୧୭ କୋଟି ଟଙ୍କା ସ୍ୱାଗତଯୋଗ୍ୟ ପଦକ୍ଷେପ ବୋଲି ସେ କହିଛନ୍ତି । କଂଗ୍ରେସ ସରକାରରେ ୨୦୦୯-୧୪ ମଧ୍ୟରେ ଓଡିଶାକୁ ରେଳ ଅନୁଦାନ ବାବଦକୁ ବାର୍ଷିକ ହାରାହାରି ମାତ୍ର ୮୩୮ କୋଟି ଟଙ୍କା ଦିଆଯାଇଥିଲା । ମାତ୍ର ମୋଦି ସରକାରରେ ୨୦୧୪ରୁ ବାର୍ଷିକ ହାରାହରି ପ୍ରାୟ ୫୦୦୦ କୋଟିରୁ ଉର୍ଦ୍ଧ୍ୱ ଟଙ୍କା ଦିଆଯାଉଛି ବୋଲି ସେ କହିଛନ୍ତି ।

## ପଞ୍ଜାବ ମୁଖ୍ୟମନ୍ତ୍ରୀ ଚନ୍ନିଙ୍କୁ ଝଟକା ମନି ଲଣ୍ଡରିଂ ମାମଲାରେ ପୁତୁରା ଗିରଫ

ଚଣ୍ଡୀଗଡ : ପଞ୍ଜାବରେ ବିଧାନସଭା ନିର୍ବାଚନ ପୂର୍ବରୁ ମୁଖ୍ୟମନ୍ତ୍ରୀ ଚରଣଜୀତ ସିଂହ ଚନ୍ନିଙ୍କୁ ଲାଗିଛି ବଡ ଝଟକା । ପୁତୁରା ଭୁପିନ୍ଦର ସିଂ ହନିଙ୍କୁ ମନି ଲଣ୍ଡରିଂ ମାମଲାରେ ଗିରଫ କରିଛି ଏନଫୋର୍ସମେଣ୍ଟ ନିର୍ଦ୍ଦେଶାଳୟ (ଇଡି) । ପ୍ରାୟ ୮ ଘଣ୍ଟା ଧରି ପଚରାଉଚରା କରିବା ପରେ ଭୂପିନ୍ଦରଙ୍କୁ ଇଡି ଗିରଫ କରିଛି ।

ସୂଚନା ଅନୁଯାୟୀ, ଇଡିର ଅଧିକାରୀମାନେ ମୋହାଲିରେ ଥିବା ହନୀଙ୍କ ହିମଲ୍ୟାଣ୍ଡ ସୋସାଇଟି ଫ୍ଲାଟରେ ପହଞ୍ଚି ତାଙ୍କୁ ମାରାଥାନ ଜେରା କରିଥିଲେ । ଜେରା ପରେ ବିଳମ୍ବିତ ରାତିରେ ତାଙ୍କୁ ଗିରଫ କରାଯାଇ ଜଲନ୍ଧରରେ ଥିବା ଇଡି ଅଫିସକୁ ନିଆଯାଇଥିଲା । ଜଲନ୍ଧର ସିଭିଲ ହସ୍ପିଟାଲରେ ତାଙ୍କର



ମେଡିକାଲ ଟେଷ୍ଟ କରାଯାଇଥିଲା । ତାଙ୍କୁ ସ୍ୱତନ୍ତ୍ର ସିବିଆଇ କୋର୍ଟରେ ହଜାର କରାଯିବ । ଏହି ସମୟରେ ହନୀଙ୍କୁ ରିମାଣ୍ଡରେ ନେବାକୁ ଇଡି ଆବେଦନ କରିବ ବୋଲି ଜଣାପଡିଛି ।

ସୂଚନାଯୋଗ୍ୟ ଯେ, ପ୍ରାୟ ଦୁଇ ସପ୍ତାହ ପୂର୍ବରୁ ଇଡି ହନ୍ନିଙ୍କ ବାସଭବନ ସମେତ ବିଭିନ୍ନ ସ୍ଥାନରେ ଚଢାଉ କରିଥିଲା । ହନିଙ୍କର ଦୁଇ ସହଯୋଗୀଙ୍କ ଘରେ ମଧ୍ୟ ଚଢାଉ ହୋଇଥିଲା । ତିନି ସହଯୋଗୀଙ୍କ ଘରୁ ବିପୁଳ ପରିମାଣର ଅର୍ଥାତ୍ ପାଖାପାଖି ୮ କୋଟି ଟଙ୍କା ଜବତ ହେବା ପରେ ଇଡିର ସନ୍ଦେହ ହୋଇଥିଲା । ପରେ ପଚାର ଉଚରା କରାଯିବାରୁ ସବୁ ସତ ସାମ୍ନାକୁ ଆସିଥିଲା ।

## କୋ-ୱିନ୍‌ରେ ଉପଲବ୍ଧ ଟିକା ବିନିମୟ ବ୍ୟବସ୍ଥାରେ କୌଣସି ମାତ୍ରା ନଷ୍ଟ ହୋଇ ନ ଥିବା ସୂଚନା

ନୂଆଦିଲ୍ଲୀ, (ପିଆଇବି): ଅବ୍ୟବହୃତ ୫୦ଲକ୍ଷ କୋଭିସିଲ୍ଡ ମାତ୍ରା ଫେବୃୟାରୀ ମାସ ଶେଷ ସୁଦ୍ଧା ନଷ୍ଟ ହୋଇଯିବ ବୋଲି ଏକ ଖବର କେତେକ ଗଣମାଧ୍ୟମରେ ପ୍ରକାଶ ପାଇଛି । ଏଭଳି ଖବର ନିର୍ଦ୍ଦିଷ୍ଟ ତଥ୍ୟ ଉପରେ ଆଧାରିତ ନୁହଁ ଯେ ରାଜ୍ୟଓ୍ୱାରୀ ଟିକାର ମାତ୍ରା ଏହାର ମିଆଦ ପୂରଣ କରିବାର ନିକଟବର୍ତ୍ତୀ ହୋଇଛି । କେନ୍ଦ୍ର ସରକାର ଆଗତୁରା ପ୍ରତ୍ୟେକ ରାଜ୍ୟକୁ କୋଭିଡ-୧୯ ଟିକାକରଣ ଅଭିଯାନ ଆରମ୍ଭରେ ମାତ୍ରା ଯେପରି ଯଥା ସମ୍ଭବ କମ୍ ନଷ୍ଟ ହୁଏ ତାହା ଉପରେ ନଜର ରଖିବାକୁ ପରାମର୍ଶ ଦେଇଛନ୍ତି । ଏଥିରେ ପ୍ରଥମ ମିଆଦ ସମ୍ପୂର୍ଣ୍ଣ ହେବାକୁ ଥିବା ଟିକାର ବ୍ୟବହାର ପ୍ରଥମେ କରିବାକୁ କୁହାଯାଇଛି ।ନଭେମ୍ବର ୨୦୨୧ ରେ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ମନ୍ତ୍ରଣାଳୟ ପକ୍ଷରୁ ପ୍ରତ୍ୟେକ ରାଜ୍ୟକୁ ନିୟମିତ ଭାବେ କୋଭିଡ ଟିକାର ମିଆଦ ପୂରଣ ତିଥି ନେଇ ମାସିକ ସମୀକ୍ଷା କରିବାକୁ କୁହାଯାଇଛି । ରାଜ୍ୟର ଘରୋଇ ଡାକ୍ତରଖାନାରେ ଥିବା ଷ୍ଟକ୍ ମଧ୍ୟ ଏଥିରେ ଅନ୍ତର୍ଭୁକ୍ତ । ଯେପରି କୌଣସି ଟିକାକୁ ଏହାର ମିଆଦ ପୂରଣ ପର୍ଯ୍ୟନ୍ତ ଅବ୍ୟବହୃତ ଉଭୟ ସରକାରୀ ଓ ଘରୋଇ ଡାକ୍ତରଖାନାରେ ରଖା ନଯିବ ସେଥିପାଇଁ ମଧ୍ୟ ପରାମର୍ଶ ଦିଆଯାଇଛି । ରାଜ୍ୟ ସରକାରଙ୍କ ଅତିରିକ୍ତ ଓ ପ୍ରଧାନ ସ୍ୱାସ୍ଥ୍ୟ ସଚିବମାନେ ଭିଡିଓ କନ୍ଫରେନ୍ସିଂ ଜରିଆରେ ଘରୋଇ ହସ୍ପିଟାଲ ଗୁଡିକରେ ଟିକା ମାତ୍ରା ବିନିଯୋଗ ଅବଗତ ହେବାକୁ ମଧ୍ୟ ପରାମର୍ଶ ଦିଆଯାଇଛି । ଘରୋଇ ହସ୍ପିଟାଲଗୁଡିକରେ ମଧ୍ୟ ରିହାତି ଦରରେ ଟିକାକରଣ ସଂକ୍ରାନ୍ତରେ ରାଜ୍ୟ ସରକାରମାନେ ହସ୍ତକ୍ଷେପ କରିପାରିବେ ବୋଲି ମଧ୍ୟ ରାଜ୍ୟ ସରକାରଙ୍କୁ ପରାମର୍ଶ ଦିଆଯାଇଛି । ଏହାଛଡା କେତେକ ରାଜ୍ୟଙ୍କ ଅନୁରୋଧ କ୍ରମେ ଘରୋଇ କ୍ଷେତ୍ର ସ୍ୱାସ୍ଥ୍ୟ ଅନୁଷ୍ଠାନରୁ ସରକାରୀ କ୍ଷେତ୍ରକୁ ଆବଶ୍ୟକ ସ୍ଥଳେ ଟିକା ସ୍ଥାନାନ୍ତର ନେଇ ମଧ୍ୟ କୌଣସି ଆପତ୍ତି ନାହିଁ ବୋଲି କେନ୍ଦ୍ର ସ୍ୱାସ୍ଥ୍ୟମନ୍ତ୍ରଣାଳୟ ସ୍ପଷ୍ଟୀକରଣ ଦେଇଛନ୍ତି । ଏହାଫଳରେ ଟିକା ନଷ୍ଟ ହେବାରୁ ରୋକି ହେବ । ଏହି ବିନିମୟକ୍ଷମ ଟିକାର ସବିଶେଷ କୋୱିନ ଡିଜିଟାଲ ପ୍ଲାଟଫର୍ମରେ ମଧ୍ୟ ଉପଲବ୍ଧ ହେବ । ଏହାଛଡା ପଶ୍ଚିମବଙ୍ଗ, ମହାରାଷ୍ଟ୍ର, କର୍ଣ୍ଣାଟକ, ତେଲଙ୍ଗାନା, ଗୁଜରାଟ ଏବଂ ଦିଲ୍ଲୀ ଭଳି ରାଜ୍ୟଙ୍କ ସହ ଆଲୋଚନା ହୋଇ ଘରୋଇ କୋଭିଡ ଟିକାକରଣ କେନ୍ଦ୍ରରେ ଯେପରି ଟିକା ବ୍ୟବହୃତ ହୁଏ ତାହା ସୁନିଶ୍ଚିତ କରିବାକୁ କୁହାଯାଇଛି ।

## ଅମ୍ବାନୀଙ୍କୁ ପଛରେ ପକାଇ ଏସିଆର ନମ୍ବର ୱାନ ଧନୀ ହେଲେ ଆଦାନୀ

ନୂଆଦିଲ୍ଲୀ :ଏସିଆର ସବୁଠାରୁ ଧନୀ ବ୍ୟକ୍ତି ହେଲେ ଗୌତମ ଆଦାନୀ । ସେ ଅମ୍ବାନୀଙ୍କୁ ପଛରେ ପକାଇ ଏସିଆର ନମ୍ବର ୱାନ ଧନୀ ହୋଇଛନ୍ତି । ତା ସହିତ ବିଶ୍ୱ ଧନୀ ତାଲିକାରେ ମଧ୍ୟ ୧୦ ନମ୍ବର ସ୍ଥାନକୁ ଉତ୍ତୀର୍ଣ୍ଣ ହୋଇଛନ୍ତି ଆଦାନୀ । ବିଶ୍ୱ ଶେୟାର ମାର୍କେଟ୍‌ରେ ଜାରି ରହିଥିବା ଅସ୍ଥିରତା ପରିସ୍ଥିତି ଯୋଗୁ ବିଶ୍ୱର ଅନେକ ଧନୀ ବ୍ୟକ୍ତିଙ୍କ ତାଲିକାରେ ପରିବର୍ତ୍ତନ ଦେଖିବାକୁ ମିଳିଛି ।

ଫୋର୍ବ୍ସ ମାଗାଜିନର ରିୟଲ ଟାଇମ୍ ଲିଷ୍ଟ ଅନୁସାରେ, ଗୌତମ ଆଦାନୀଙ୍କ ପାଖରେ ବର୍ତ୍ତମାନ ୯୦ ବିଲିୟନ ଡଲାର ସମ୍ପତ୍ତି ରହିଛି । ଗତ ୨୪ ଘଣ୍ଟାରେ ଶେୟାର ମାର୍କେଟ୍‌ରେ ଆଦାନୀଙ୍କ ଶେୟାର



୬୭୨ ମିଲିୟନ ଡଲାର ହ୍ରାସ ପାଇଛି । ତାପରେ ମଧ୍ୟ ବିଶ୍ୱର ଧନୀ ତାଲିକାରେ ୧୦ ନମ୍ବର ସ୍ଥାନକୁ ଉତିର୍ଣ୍ଣ ହୋଇଛନ୍ତି ଆଦାନୀ ।

ଅନ୍ୟପଟେ ଭାରତ ସମତେ ପୂରା ଏସିଆରେ ଦୀର୍ଘଦିନ ଧରି ଧନୀ ତାଲିକାରେ ନମ୍ବର ୱାନ୍‌ରେ ଥିବା ମୁକେଶ ଅମ୍ବାନୀଙ୍କୁ ସମ୍ପତ୍ତିରେ ଗୋଟିଏ ଦିନରେ ୨.୨ ବିଲିୟନ ଡଲାର କ୍ଷତି ହୋଇଛି । ଫଳରେ ତାଙ୍କର ମୋଟ ସମ୍ପତ୍ତିର ମୂଲ୍ୟ ୮୯ ବିଲିୟନ ଡଲାରକୁ ଖସି ଆସିଛି । ଫଳରେ ବିଶ୍ୱର ଧନୀ ତାଲିକାରେ ୧୧ ନମ୍ବର ସ୍ଥାନକୁ ଖସି ଆସିଛନ୍ତି । ଏହା ସହ ସେ ଏସିଆର ଦ୍ୱିତୀୟ ଧନୀ ସ୍ଥାନରେ ରହିଛନ୍ତି ।

ତେବେ ଫେସବୁକ୍ ସିଇଓ ମାର୍କ ଜୁକରବର୍ଗ ସବୁଠାରୁ ଅଧିକ କ୍ଷତି ସହିଛନ୍ତି । ଜୁକରବର୍ଗଙ୍କ କମ୍ପାନୀର ସେୟାରରେ ଗୁରୁବାର ପ୍ରାୟ ୨୬ ପ୍ରତିଶତ ହ୍ରାସ ପାଇଛି । ଯାହା ଫଳରେ ସେ ପ୍ରାୟ ୨୯.୭ ବିଲିୟନ ଡଲାରର କ୍ଷତି ସହିଛନ୍ତି । ତାଙ୍କର ମୋଟ ସମ୍ପତ୍ତି ପରିମାଣ ହ୍ରାସ ପାଇ ୮୪.୮ ବିଲିୟନ ଡଲାରରେ ପହଞ୍ଚିଯାଇଛି । ଅମ୍ବାନୀ ଏବଂ ଆଦାନୀଙ୍କ ପରେ ଜୁକରବର୍ଗ ଏବେ ବିଶ୍ୱ ଧନୀ ତାଲିକାର ୧୨ତମ ସ୍ଥାନରେ ରହିଛନ୍ତି ।

## ସରକାରୀ ବିଭାଗରେ ୮.୭୨ ଲକ୍ଷ ପଦ ଖାଲି

ନୂଆଦିଲ୍ଲୀ: ଦେଶରେ ଦିନକୁ ଦିନ ବଢ଼ିଚାଲିଛି ବେକାରୀ ସମସ୍ୟା । ସେପଟେ ବିଭିନ୍ନ ରାଜନୈତିକ ଦଳ ନିଜର ରାଜନୈତିକ ଇସ୍ତାହାରରେ ନିଯୁକ୍ତି ନେଇ ମଧ୍ୟ ଘୋଷଣା କରୁଛନ୍ତି । ତେବେ ଏହାରି ମଧ୍ୟରେ କେନ୍ଦ୍ର ସରକାର ଦେଶରେ ଖାଲି ପଡିଥିବା ବିଭିନ୍ନ ସରକାରୀ ପଦ ନେଇ ସଂସଦରେ ସୂଚନା ଦେଇଛନ୍ତି । କେନ୍ଦ୍ର ସରକାର ଗୁରୁବାର ରାଜ୍ୟସଭାରେ ସୂଚନା ଦେଇଛନ୍ତି ଯେ ୧ ମାର୍ଚ୍ଚ ୨୦୨୦ ସୁଦ୍ଧା କେନ୍ଦ୍ର ସରକାରଙ୍କ ବିଭିନ୍ନ ବିଭାଗରେ ୮.୭୨ ଲକ୍ଷରୁ ଅଧିକ ଖାଲି ପଦବୀ ରହିଛି । ଶ୍ରମ ରାଜ୍ୟ ମନ୍ତ୍ରୀ ଜିତେନ୍ଦ୍ର ସିଂହଙ୍କ ଦ୍ୱାରା ଦିଆଯାଇଥିବା ଏକ ଲିଖିତ ଉତ୍ତର ଅନୁଯାୟୀ, ୧ ମାର୍ଚ୍ଚ ୨୦୧୮ ପର୍ଯ୍ୟନ୍ତ ୬,୮୩,୮୨୩ ପଦବୀ, ୧ ମାର୍ଚ୍ଚ ୨୦୧୯ ସୁଦ୍ଧା କେନ୍ଦ୍ର ସରକାରଙ୍କ ବିଭିନ୍ନ ବିଭାଗରେ ୯,୧୦,୧୫୩ ଖାଲି ପଦବୀ ରହିଥିଲା । ସେହିପରି ୧ ମାର୍ଚ୍ଚ ୨୦୨୦ ପର୍ଯ୍ୟନ୍ତ କେନ୍ଦ୍ର ସରକାରଙ୍କ ବିଭିନ୍ନ ବିଭାଗରେ ୮,୭୨,୨୪୩ ଖାଲି ପଦବୀ ରହିଥିଲା । ଦେଶର ତିନି ପ୍ରମୁଖ ଚୟନକାରୀ ସଂସ୍ଥା- SSC, UPSC, ଏବଂ Railway Board ୨୦୧୮-୧୯ ଏବଂ ୨୦୨୦-୨୧ ରେ ୨,୬୫,୪୬୮ ଭର୍ତ୍ତି କରାଇଛନ୍ତି । ଉଲ୍ଲେଖଯୋଗ୍ୟ, ବର୍ତ୍ତମାନ ଦେଶରେ ବେକାରୀ ସମସ୍ୟା ରାଜନୈତିକ ମୁଦ୍ଦା ପାଲିଟିଛି । ୨୦୧୯ ରୁ ଅଟକିଥିବା ରେଲୱେ ଭର୍ତ୍ତିକୁ ନେଇ ବଡ ଛାତ୍ର ଆନ୍ଦୋଳନ ବିହାର ଏବଂ ୟୁପି ର କିଛି ଅଞ୍ଚଳରେ ଦେଖିବାକୁ ମିଳିଥିଲା । ସେହିଭଳି ରାଜସ୍ଥାନ ଜରରଞ୍ଜ ପରୀକ୍ଷାକୁ ନେଇ ଛାତ୍ରଙ୍କ ପ୍ରଦର୍ଶନ ଜାରି ରହିଛି ।

## ବାଙ୍ଗାଲୋର ଓଡ଼ିଆ ସାହିତ୍ୟ ସମାଜ ତରଫରୁ ନୂତନବର୍ଷର ପ୍ରଥମ ସାହିତ୍ୟ ଆସର

ବାଙ୍ଗାଲୋର : ନିକଟରେ ବାଙ୍ଗାଲୋର ଓଡ଼ିଆ ସାହିତ୍ୟ ସମାଜ ତରଫରୁ ନୂତନ ବର୍ଷର ପ୍ରଥମ ସାହିତ୍ୟ ଆସରଟି ଆଭାସୀ ମାଧ୍ୟମରେ ଅନୁଷ୍ଠିତ ହୋଇ ଯାଇଛି । ଏହି ସାହିତ୍ୟ ଆସର ବାଙ୍ଗାଲୋର ସାହିତ୍ୟ ସମାଜର ଉଦ୍ୟୋକ୍ତା ତାପସ ରାଜ୍ ଏବଂ ବିଶ୍ୱଭାରତୀ ଗୋସ୍ୱାମୀଙ୍କ ସଂଯୋଜନାରେ ପରିଚାଳିତ ହୋଇଥିଲା । ଏଥିରେ ବିଶିଷ୍ଟ ସାହିତ୍ୟିକ ଶ୍ରୀ କ୍ଷୀରୋଦ ଚନ୍ଦ୍ର ବେହେରା, ଶ୍ରୀମତୀ ଅନୁରୂପା ସିଂ, ଶ୍ରୀମତୀ ଦୁର୍ଗେଶ ନନ୍ଦିନୀ ଓ ମାଲେସିଆରୁ ଯୋଡ଼ି ହୋଇଥିଲେ ଶ୍ରୀମତୀ ବୀଣାପାଣି ପ୍ରଧାନ । ଭକ୍ତି ସଂଗୀତ ପରିବେଷଣ ରୁ ଆରମ୍ଭ ହୋଇଥିବା ବେଳେ ଆଲୋଚନାର ବିଷୟ ବସ୍ତୁ "ସମୟ" କୁ ନେଇ ଏହି ଆସରଟି ଅନୁଷ୍ଠିତ ହୋଇଥିଲା । ଏହାକୁ ସଭାପତିତ୍ୱ କରିଥିଲେ ବିଶିଷ୍ଟ ବୈଜ୍ଞାନିକ ତଥା ବାଙ୍ଗାଲୋର ଓଡ଼ିଆ ସାହିତ୍ୟ ସମାଜର ପ୍ରାଣକର୍ତ୍ତା ତଥା ସଭାପତି କାର୍ତ୍ତିକ ସ୍ୱାଇଁ । ମୁଖ୍ୟ ଅତିଥି ଭାବରେ ବରିଷ୍ଠ ସାମ୍ବାଦିକ ତଥା "ଚଳାପଥ" ର ପ୍ରମୁଖ ଶ୍ରୀଯୁକ୍ତ ହଳଧର ଧୀର ଯୋଗଦେଇଥିବା ବେଳେ ବିଶିଷ୍ଟ ଗାଳ୍ପିକା ପାରମିତା ଷଡଙ୍ଗୀ ସମୀକ୍ଷକ ଭାବେ ଯୋଗ ଦେଇ ପତ୍ୟେକଟି ଗଳ୍ପ ଓ କବିତା ଗୁଡ଼ିକୁ




ପୁଙ୍ଖାନୁପୁଙ୍ଖ ଭାବରେ ଆଲୋଚନା କରିଥିଲେ । ବିଶ୍ୱଭାରତୀଙ୍କ ଜଣାଣରୁ ଆସରଟି ଆରମ୍ଭ ହୋଇଥିବା ବେଳେ କବି କାର୍ତ୍ତିକ ସ୍ୱାଇଁ, ପାରମିତା ଷଡଙ୍ଗୀ, ବାଲ୍ମୀକି ନାୟକ, ଗିରିଧାରୀ ଧଳ ଆଦି କବିତା ପାଠ କରିଥିଲେ ।






## ଡେଟଲ ପ୍ରୟୋଗ କରନ୍ତୁ, ଅନାବଶ୍ୟକ କେଶରୁ ମୁକ୍ତ ପାଆନ୍ତୁ

**ଅନେକ ଲୋକ ଅଦରକାରୀ ଜାଗାରେ ଉଠିଥିବା କେଶ ପାଇଁ ଚିନ୍ତିତ ହୋଇଥାଆନ୍ତି । ହାତ କିମ୍ବା ଗୋଡରେ ବହୁତ ପରିମାଣରେ ଚୁଟି ଉଠିଲେ ଏହା ଭାଲୁ ପରି ମଧ ଦେଖାଯାଇଥାଏ । ନିଜର ଏପରିସ୍ଥିତି ଅନ୍ୟ କୁ ଦେଖାଇବାକୁ ଲାଜ ଲାଗିଥାଏ । ଏଥିପାଇଁ ମାର୍କେଟରେ ବହୁତ ପ୍ରକାର ର କ୍ରୀମ୍ ମିଳୁଛି, ଯାହାକୁ ବ୍ୟବହାର କରି ଏପରି ଅନାବଶ୍ୟକ କେଶରୁ ମୁକ୍ତି ମଳିପାରିବ । ହେଲେ ଏହା କିଣିବା ସମସ୍ତଙ୍କ ପକ୍ଷରେ ସମ୍ଭବ ହୋଇନଥାଏ । କିଣିଲେ ମଧ ଏହାର ସାଇଡ୍ ଇଫେକ୍ଟର ଭୟ ମନରେ ଥାଏ । ଏସବୁକୁ ଦୃଷ୍ଟିରେ ରଖି କିଛି ସାଧାରଣ ଘରୋଇ ଉପଚାର ବିଷୟରେ କହିଛନ୍ତି ବିୟୁଟିସିଆନ୍ ମାନେ । ନା ଏଥିରେ ବେଶି ପଇସା ଖର୍ଚ୍ଚ ହୁଏ ନା ସାଇଡ ଇଫେକ୍ଟର ଭୟ ରହିଥାଏ । ଏହି ପ୍ରୟୋଗ ଡେଟଲ ଦ୍ୱାରା ହୋଇଥାଏ ।**

ଏଥିପାଇଁ ଆପଣଙ୍କୁ ନେବାକୁ ହେବ ଡେଟଲ, କଞ୍ଚା କ୍ଷୀର, ବେସନ ଓ ହଳଦୀ । ଏହିସବୁ ସାଧାରଣ ଜିନିଷ ଦ୍ୱାରା ଅନାବଶ୍ୟକ ଚୁଟି ସଫାହୋଇଯିବ ।

ଗୋଯେ ଗିନାରେ ଗୋଟେ ଚାମଚ ବେସନ ନିଅନ୍ତୁ, ସେଥିରେ ସାମାନ୍ୟ ହଳଦୀ ଗୁଣ୍ଡ ମିଶାଇ ଦେବେ । ଏଥିରେ ୩ ଚାମଚ କଞ୍ଚାକ୍ଷୀର ମିଶାଇବେ । ଏହାପରେ ଏହି ମିଶ୍ରଣରେ ୧୪-୧୫ ବୁନ୍ଦା ଡେଟଲ ମିଶାଇ ଫେଣ୍ଟିନେବେ । ଏବେ ଏହି ମିଶ୍ରଣକୁ ସବୁ ଅଦରକାରୀ ଚୁଟି ଉପରେ ଲଗାଇ ନେବେ । ଏହାକୁ ୧୦-୧୫ ମିନିଟ ଶୁଖିବାକୁ ଛାଡିଦେବେ । ଏହା ଶୁଖିଗଲାପରେ ଭଲଭାବରେ ଏହାକୁ ରଗଡି କି ଘସିନେବେ । ଦେଖିବେ ଅଦରକାରୀ ଚୁଟି ବାହାରି ଯିବ ।

## ପାଚିଲା କଦଳୀ କେତେ ଉପକାରୀ

**କଦଳୀ ଏକ ଗୁଣକାରୀ ଫଳ । ଏହାଠାରୁ ଆମକୁ କେବଳ ଶକ୍ତି ମିଳେ ନାହିଁ, ଏହା ଶରୀରକୁ ଫିଟ୍ ରଖବା ପାଇଁ ବେଶ ସାହାଯ୍ୟ କରେ । କେତେକ ସାମନ୍ୟ ରୋଗରୁ ବି କଦଳୀ ଆରେଗ୍ୟ କରିପାରେ । ପ୍ରତିଦିନ ଏହାର ସେବନ ଲାଭପ୍ରଦ ରହେ । ଗୋଟିଏ କଦଳୀ ନିରନ୍ତର ଶକ୍ତି ବର୍ଦ୍ଧକ ହୁଏ । କଦଳୀରେ ୩ଟି ପ୍ରାକୃତିକ ସୁଗାର ମିଳେ । ସୁକ୍ରୋଜ, ଫ୍ରକ୍ଟୋଜ, ଓ ଗ୍ଲୁକୋଜ ।**



କଦଳୀରେ ଥାଇମିନ୍, ରିବୋଫ୍ଲେଭିନ୍, ନିୟାସିନ୍ ଓ ଫାଲିକ ଏସିଡ ରୂପରେ ଭିଟାମିନ୍ ଏ ଓ ଭିଟାମିନ୍ ବି ପର୍ଯ୍ୟାପ୍ତ ମାତ୍ରାରେ ମିଳେ । ଏହା ବ୍ୟତିତ କଦଳୀ ଶକ୍ତିର ଭଲ ସ୍ରୋତ କୁହାଯାଏ । ଏଥିରେ ହାରାହାରି ୧୦୫ ପ୍ରତିଶତ କ୍ୟାଲୋରୀ ମିଳେ, ଯାହା ଶରୀରକୁ ସବୁ ପ୍ରକାର ଦୁର୍ବଳତାରୁ ବଞ୍ଚାଏ । ଯଦି ଆପଣ କସରତ କରିବା ପରେ ଥକି ଯାଉଛନ୍ତି, ତେବେ ତୁରନ୍ତ ଗୋଟିଏ କଦଳୀ ଖାଇ ଦିଅନ୍ତୁ । ଏହା ରକ୍ତରେ ଗ୍ଲୁକୋଜ ସ୍ତର ବଢାଇ ତୁରନ୍ତ ଆପଣଙ୍କୁ ଶକ୍ତି ଦେବ । କଦଳୀରେ ପୋଟାସିୟମ ର ମାତ୍ରା ଅଧିକ ଥାଏ ଓ ସୋଡିୟମର ମାତ୍ରା ବହୁତ କମଥାଏ । ଯାହାଫଳରେ ଏହା ଆପଣଙ୍କୁ ବ୍ଲଡ ପ୍ରେସରରୁ ନିବୃତି କରିଥାଏ । ଏହା ଶରୀରରେ ଜଳୀୟ ଅଂଶକୁ କେବେ କମି କରିବାକୁ ଦିଏ ନାହିଁ । ଶରୀରକୁ ହୃଦ୍‌ଘାତ ଓ ଷ୍ଟ୍ରୋକ୍ ରୁ ବଞ୍ଚାଏ । କଦଳୀରେ ଏପରି ବହୁତ ତତ୍ୱ ମିଳିଥାଏ ଯାହା ଅମ୍ଳତା ବା ଏସିଡିଟିରୁ ବଞ୍ଚାଏ, ଏହା ପେଟ ଭିତରେ ଏକ ପରସ୍ତ ରେ ରହି ଅଲସର ଆଶଙ୍କାକୁ ବି କମ କରିଥାଏ । କଦଳୀରେ ଫାଇବର ବି ଥାଏ । ଯାହାଦ୍ୱାରା ପାଚନ କ୍ରିୟା ମଜବୁତ ହୁଏ । ଗ୍ୟାଷ୍ଟ୍ରିକ୍ ରୋଗ ପାଇଁ କଦଳୀ ବେଶ ପ୍ରଭାବଶାଳୀ ଉପଚାର ଅଟେ ।



## ଡାର୍କ ସର୍କଲ ପାଇଁ

**ଆଖିତଳେ ପଡୁଥିବା କଳାଦାଗ ବା ଡାର୍କ-ସର୍କଲ , ଚେହେରାର ସବୁ ସୌନ୍ଦର୍ଯ୍ୟ ନଷ୍ଟ କରିଦିଏ । ଏଥିରୁ ଜଣା ଯାଏ ବ୍ୟକ୍ତି ଜଣକ ବହୁତ ଚିନ୍ତାଶୀଳ ରହୁଛି । ତା'ର ଖାଦ୍ୟ-ପାନୀୟ ଠିକ୍ ରହୁନି ଓ ସେ ବହୁ ଟେନସନରେ ଜୀବନ ଅତିବାହିତ କରୁଛି । ଡାକ୍ତର ବି ଏହି କଳାଦାଗକୁ ଖରାପ ସଂକେତ କହନ୍ତି । ଏହା ହେବା ବ୍ୟକ୍ତିର ଶରୀରରେ ନାକାରାତ୍ମକ ପରିବର୍ତ୍ତନର ଲକ୍ଷଣ କୁହାଯାଏ । ଏହି ଡାର୍କ ସର୍କଲର ଚିକତ୍ସା ପାଇଁ ବଡ ମାର୍କେଟ ତ ତିଆରି ହୋଇଯାଇଛି । ହେଲେ ଏହାର ଘରୋଇ ଉପଚାର କରିପାରିଲେ କିଛି ପାର୍ଶ୍ୱପ୍ରତିକ୍ରିୟା ନଥାଏ ।**

ଲେମ୍ବୁ ଓ ଟମାଟର ରୁ ତିଆରି ଲେପ ବା ମିଶ୍ରଣ, ଡାର୍କସର୍କଲକୁ ଦୂର କରିବାରେ ସାହାଯ୍ୟ କରେ ।

ସାମଗ୍ରୀ : ଟମାଟର ପ୍ୟୁରୀ,ଲେମ୍ବୁ ରସ ଓ ଅଟା ।

ବିଧି : ଗୋଟିଏ କଟୋରାରେ ଏକ ଚାମଚ ଲେମ୍ବୁରସ ନେଇ ସେଥିରେ ସମପରିମାଣର ଟମାଟର ରସ ମିଶାଇ ,ସେଥିରେ ଅଧାଚାମଚରୁ କମ ଅଟା ଫେଣ୍ଟି ଲେପ ତିଆରି କରନ୍ତୁ । ଯାହା କି ଗାଢା ହେବ ।

ଏବେ ଏହି ମିଶ୍ରଣକୁ ଆଖିତଳର କଳା ଜାଗାରେ ଲଗାଇ ଦେଇ ଛାଡିଦିଅନ୍ତୁ । ଲେପ ଲଗାଇବା ପୂର୍ବରୁ ପ୍ରଥମେ ଚେହେରାକୁ ଭଲ ଭାବରେ ଧୋଇ ନିଅନ୍ତୁ । ତଥାପି ଆଖିରେ କିଛି ଅସୁବିଧା ହେଲେ ଏହି ଲେପ ପରିବର୍ତ୍ତେ ଡାକ୍ତରଙ୍କୁ ଦେଖାଇବା ଉଚିତ । ଏହି ଲେପକୁ ୧୦-୧୫ ମିନିଟ ଯାଏ ଏହିପରି ରହିବାକୁ ଦିଅନ୍ତୁ, ତାପରେ ଥଣ୍ଡାପାଣିରେ ଧୋଇ ଦିଅନ୍ତୁ । ସପ୍ତାହରେ ୩ଥର ଏହାକୁ ଲଗାଇଲେ ଲାଭ ମିଳିଥାଏ । ଏହା ବ୍ୟତିତ ଏହି ଡାର୍କ ସର୍କଲକୁ କମ କରିବା ପାଇଁ ପ୍ରଚୁର ନିଦ ହେବା ବି ଉଚିତ ।

## ମହିଳାମାନଙ୍କ ପାଇଁ ଆବଶ୍ୟକୀୟ ଯୋଗାସନ

ସୁସ୍ଥ ରହିବା ପାଇଁ ଯୋଗ ଏକ ମହୌଷଧି ଅଟେ । ନିୟମିତ ରୂପେ ଏକ୍ସରସାଇଜ୍ କରିବା ଫଳରେ ଶରୀର ସୁସ୍ଥ ରହେ । ଯୋଗ କରିବା ଦ୍ୱାରା ଭବିଷ୍ୟତରେ ହେବାକୁ ଥିବା ସମସ୍ତ ରୋଗ ର ଆଶଙ୍କା ସମାପ୍ତ ହୋଇଯାଏ । ମହିଳା ମାନେ ସର୍ବଦା ସୁସ୍ଥ ରହିବାପାଇଁ ଯୋଗ କରିବା ଉଚିତ । ଯୋଗ କରିବା ଦ୍ୱାରା ମହିଳାଙ୍କର ଅନେକ ପ୍ରକାର ଶାରୀରୀକ ଓ ମାନସିକ ସମସ୍ୟାରୁ ମୁକ୍ତି ମିଳିଯାଏ । ୪୦ବର୍ଷ ପରେ ମହିଳାମାନଙ୍କୁ ନିଜ ଶରୀରରେ ହେବାକୁ ଥିବା କୌଣସି ବି ସମସ୍ୟାରୁ ମୁକ୍ତି ପାଇବା ପାଇଁ କିଛି ଖାସ୍ ଯୋଗାସନ ନିଶ୍ଚିୟ କରିବା ଉଚିତ । ଆଜି ଜାଣିବା କ'ଣ ସେହି ଯୋଗସନ ।

ସୁଖାସନ

ସୁଖାସନ ଅଭ୍ୟାସ କରିବା ଫଳରେ ଶରିରୀକ ଓ ମାନସିକ ଶାନ୍ତିର ଅନୁଭବ ହୋଇଥାଏ । ଏହି ଆସନକୁ ଯୋଗ ଆରମ୍ଭ କରିବା ପୂର୍ବରୁ କରାଯାଇଥାଏ । ଯାହା ଫଳରେ ଶ୍ୱାସ ନେବା ପ୍ରକ୍ରିୟାକୁ ନିୟନ୍ତ୍ରଣ କରାଯାଇପାରେ । ଏହି ଆସନକୁ କରିବା ପାଇଁ ଭୂମିରେ ଆସନ ବିଛାଇ ଚକା ପକାଇ ବସିଯାନ୍ତୁ । ଆଖି ବନ୍ଦ କରି ନିଜର ହାତକୁ ଆଣ୍ଠୁରେ ରଖନ୍ତୁ ଏବଂ ଗଭୀର ଶ୍ୱାସ ନିଅନ୍ତୁ ।

ତାଡାସନ

ଏହି ଆସନକୁ କରିବା ପାଇଁ ନିଜ ଗୋଡକୁ ଏକାଠି ରଖନ୍ତୁ ଏବଂ ସିଧା ଠିଆ ହୋଇଯାଆନ୍ତୁ । ଏବେ ନିଜ ହାତକୁ ସିଧା ଉପରକୁ ଉଠାନ୍ତୁ ଏବଂ ଗଭୀର ଶ୍ୱାସ ନେଇ ଆଖି ବନ୍ଦ କରନ୍ତୁ । କିଛି ସମୟ ଏହି ଅବସ୍ଥାରେ ରହିବା ପରେ ଧିରେ ଧିରେ ଶ୍ୱାସ ଛାଡନ୍ତୁ ଏବଂ ପୁଣି ପ୍ରଥମ ସ୍ଥିତିକୁ ଆସିଯାଆନ୍ତୁ ।

ଉତ୍ତାନାସନ

ଉତ୍ତନାସନ କରିବା ପାଇଁ ସିଧା ଠିଆ ହୋଇଯାଆନ୍ତୁ ।



ଏହାପରେ ଅଣ୍ଟାଠୁ ଉପର ଭାଗକୁ ପ୍ରଶ୍ୱାସ ନେଇ ପାଦ ଆଙ୍ଗୁଠିକୁ ଛୁଇଁବା ପାଇଁ ଚେଷ୍ଟା କରନ୍ତୁ । କିଛି ସମୟ ଏଭଳି ସ୍ଥିତିରେ ରହିବା ପରେ ନିଶ୍ୱାସ ଛାଡି ସାମାନ୍ୟ ମୁଦ୍ରାକୁ ଫେରି ଆସନ୍ତୁ । ଏହି ଆସନ କୁ କରିବା ସମୟରେ ଧ୍ୟାନ ରଖନ୍ତୁ ଯେମିତି ଆଣ୍ଠୁ ମୋଡି ହେବନି ।

## ଏହିସବୁ ଖାଦ୍ୟ ତୁରନ୍ତ ରକ୍ତ ବଢାଇଥାଏ

**ଆମ ଶରୀରରେ ରକ୍ତ କମ୍ କାହିଁକି ହୋଇଥାଏ । ଶରୀରରେ ରକ୍ତ କମ୍ ହେବାର କାରଣ କ'ଣ ? ପେଟରେ ଇନ୍‌ଫେକ୍ସନ ହେବା , ଖାଦ୍ୟରେ ପୋଷକତତ୍ତ୍ୱର କମ୍ ହେବା , ଶରୀରରୁ ଅଧିକ ମାତ୍ରାରେ ରକ୍ତ ବାହାରିଯିବା, ଏହିସବୁ କାରଣ ରକ୍ତ ଅଭାବ ପାଇଁ ଦାୟୀ ।**

ଶରୀରରେ ରକ୍ତ କମ୍ ହେଲେ ଥକା ଲାଗିବା, ଦୁର୍ବଳ ହୋଇଯିବା, ଚର୍ମ ହଳଦିଆ ପଡିଯିବା, ଗୋଡ ହାତ ଫୁଲିବା ଆଦି ଲକ୍ଷଣ ରକ୍ତ କମ୍ ହେବାର ଅଟେ । ତେବେ ଚାଲନ୍ତୁ ଜାଣିବା କ'ଣ ଏପରି ଖାଦ୍ୟ ରହିଛି ଯାହାର ସେବନରେ ରକ୍ତ ଅଭାବ ଦୂର ହୋଇଥାଏ । ପ୍ରଥମେ ଅଞ୍ଜିରା , ଏହି ଫଳ ସବୁ ଆଡେ ମିଳେ ନାହିଁ । ଯଦି ଆପଣ କେଉଁଆଡୁ ଏହାର ସଂଗ୍ରହ କରି ପାରନ୍ତି ତେବେ ତାକୁ ରାତିରେ ପାଣିରେ ପକାଇ ସକାଳେ ସେବନ କରନ୍ତୁ ଏହି ଜିନିଷ ଖାଇଲେ ଶରୀର ରେ ରକ୍ତ ଅଭାବ ପଣ ଦୂର ହୋଇଥାଏ । ଦ୍ୱିତୀୟରେ ହେଉଛି ବିଟ୍, ଆପଣ ଲାଲ ଲାଲ ବିଟ୍ ନିଶ୍ଚିତ ଦେଖିଥିବେ । ଏହି ବିଟ୍ ଖାଇଲେ ଶରୀରରେ ରକ୍ତ ଖୁବ୍ ଶିଘ୍ର ବଢିଥାଏ । ଏହି ବିଟ୍ ଶରୀର ପାଇଁ ଅତି ଉପାଦେୟ ଅଟେ ।ରକ୍ତ ହୀନତା ରୋଗୀଙ୍କୁ ବିଟ୍ ଖାଇବାକୁ ପରାମର୍ଶ ଦିଆଯାଏ । ତୃତୀୟ ଜିନିଷ ଟି ହେଉଛି ଡାଳିମ୍ବ , ଏହା ସମସ୍ତ ଙ୍କୁ ସବୁ ଫଳ ଦୋକାନରେ ମିଳି ପାରିବ । ଏହାର ଉପାଦେୟତା ବହୁତ । ଡାଳିମ୍ବ ଦ୍ୱାରା ଦେହରେ ଆଣ୍ଟିବଡି ବଢିବା ସହ ଏହା ଆମକୁ ରକ୍ତ ବଢାଇବାରେ ସାହାଯ୍ୟ କରେ ଏହାକୁ ଖାଇବା ଦ୍ୱାରା ରକ୍ତ ଅଭାବ ଦୂର ହୋଇଥାଏ ।



## ଶରୀରର ଜଳୀୟ ଅଂଶ ନିୟନ୍ତ୍ରଣ କରିପାରେ କାକୁଡି



ଶରୀରକୁ ବେଶି ଜଳୀୟଅଂଶ ଦରକାର ହୁଏ । ପାଣିର ଆବଶ୍ୟକତା ପୂରଣ ପାଇଁ ଆମେ କିଛି ସମୟ ବ୍ୟବଧାନରେ ପାଣି ପିଇଥାଉ । ହେଲେ ଏହି ସମୟରେ ଏପରି କିଛି ଫଳ ଓ ପରିବା ଥାଏ ଯାହା ଶରୀରକୁ ସଫିସେଣ୍ଟ ଜଳୀୟ ଅଂଶ ଯୋଗାଇ ପାରେ । ଏଥିରୁ ଗୋଟେ ହେଉଛି କାକୁଡି । ଯାହାକୁ ଲୋକ ମାନେ ସାରା ବର୍ଷ ଖାଇବାକୁ ପସନ୍ଦ କରନ୍ତି । ଏହା ଆମ ଶରୀର ପାଇଁ ବି ବହୁ ଉପକାରୀ ହୋଇଥାଏ । ଏଥିରେ ଜଳୀୟ ଭାଗ ବେଶି ଥିବାରୁ ଆମ ଶରୀର କୁ ଏହା ଶୀତଳ ରଖେ । କାକୁଡି ରେ ଭିଟାମିନ୍ ବି ପ୍ରଚୁର ପରିମାଣରେ ଥାଏ । ଏହା ଆମ ଶରୀର ପାଇଁ ବେଶ ଭଲ ହୋଇଥାଏ । କାକୁଡିର ଉପଯୋଗ କେବଳ ଖାଇବା ପାଇଁ ନୁହେଁ, ପରନ୍ତୁ ସୌନ୍ଦର୍ଯ୍ୟ ପ୍ରସାଧନ ପାଇଁ ବି କରାଯାଏ ।

କାକୁଡିକୁ ସାଲାଡ କରି ଖିଆ ଯାଏ ବା ସେମିତି ବି ଖିଆଯାଏ । କାକୁଡିକୁ ବ୍ରେଡରେ ସାଣ୍ଡୱିଚ ବନାଇ ବି ଖିଆଯାଏ । କେତେକ ଲୋକ କାକୁଡିର ଜୁସ୍ କୁ ବି ବେସି ପସନ୍ଦ କରନ୍ତି । ଜୁସ୍ ପିଇଲେ, ଏହାର ପୋଷକତତ୍ୱ ର ସିଧା ଲାଭ ମିଳିଥାଏ । କାକୁଡିରେ ୯୫% ପାଣି ଥିବାରୁ ଏହା ଡୀହାଇଡ୍ରେସନ ରୁ ରକ୍ଷା କରେ ।

କାକୁଡିରେ ଥିବା ପ୍ରୋଟିନ୍ ଆମ ଶରୀରରେ କ୍ୟାନ୍ସର ସହ ଲଢିବାର କ୍ଷମତା ବଢାଇଥାଏ । ଏହା କ୍ୟାନ୍ସର ଆଶଙ୍କା ବି କମ୍ କରେ । ଏହା ଟ୍ୟୁମରରେ କ୍ୟାନ୍ସର କୋଷିକା ର ବିକାଶ କୁ ରୋକିପାରେ । ତେଣୁ ଏହାକୁ କ୍ୟାନସର ବିରୋଧି ଫଳ ବି କୁହାଯାଏ ।

କାକୁଡି ରେ ଥିବା ଜଳୀୟଅଂଶ ଓ ଫାଇବର ଆମ ଶରୀର ର ପାଚନ କ୍ରିୟା ଠିକ୍ ରଖିଥାଏ । ଯଦି ଆପଣ ଗ୍ୟାସ , କବ୍ଜ ବା ପେଟ ପୋଡିବା ପରି ସମସ୍ୟା ଭୋଗୁ ଥାଆନ୍ତି ତେବେ ଏକ ଗ୍ଲାସ କାକୁଡିର ଜୁସ୍ ଆପଣଙ୍କର ଏହି ସମସ୍ୟା ର ସମାଧାନ କରିଦେବ ।

କାକୁଡି କୁ ଦାନ୍ତରେ ଚୋବାଇ କିଛି ସମୟ ପାଟିରେ ରଖିଲେ, ଶ୍ୱାସ ତାଜା ହୋଇଥାଏ । ଓ ମୁହଁର ଦୁର୍ଗନ୍ଧ ଦୂର ହୁଏ । କାକୁଡି ଚୋବାଇ ଖାଇଲେ, ପାଟିରୁ ଆସୁଥିବା ଦୁର୍ଗନ୍ଧ ପୁରା ଠିକ୍ ହୋଇଯାଏ । କାରଣ ଏହା ଦୁର୍ଗନ୍ଧକରୁଥିବା ବ୍ୟାକ୍ଟେରିଆକୁ ବିନାଶ କରିଦିଏ ।






# ୧୯ ବର୍ଷରୁ କମ୍ ବିଶ୍ୱ କପ୍: ପଞ୍ଚମ ଥର ପାଇଁ ଭାରତ ହେଲା ଚାମ୍ପିୟନ୍

ନର୍ଥ ସାଉଣ୍ଡ : ଭାରତୀୟ କନିଷ୍ଠ କ୍ରିକେଟ୍ ଦଳ ପୁଣି ଥରେ କମାଲ କରିଛି। ଦୀର୍ଘ ୨୪ ବର୍ଷ ପରେ ଫାଇନାଲ୍ ଖେଳିଥିବା ଇଂଲଣ୍ଡକୁ ଉତ୍କଣ୍ଠାପୂର୍ଣ୍ଣ ତଥା ନାଟକୀୟ ଫାଇନାଲ୍‌ରେ ୪ ୱିକେଟ୍‌ରେ ପରାସ୍ତ କରି ୧୯ ବର୍ଷରୁ କମ୍ କ୍ରିକେଟ୍ ବିଶ୍ୱକପ୍ ଜିତି ନେଇଛି। ଶନିବାର ଅଷ୍ଟମ ଥର ଫାଇନାଲ୍ ଖେଳି ସର୍ବାଧିକ ପଞ୍ଚମ ଥର ବିଶ୍ୱକପ୍ ଜିତିବାର ବିରଳ କୀର୍ତ୍ତିମାନ ସ୍ଥାପନ କରିଛି ଭାରତ। ପୂରା ପ୍ରତିଯୋଗିତାରେ ଅପରାଜେୟ ରହିବାର ଗୌରବ ସହ ନିଜ କ୍ରିକେଟ୍ ଇତିହାସରେ ସଫଳତାର ଆଉ ଏକ ସୁନେଲି ଫର୍ଦ୍ଦ ବି ଯୋଡିଛି ଜୁନିଅର ଟିମ୍ ଇଣ୍ଡିଆ। ତା ସହ ଦୁଇ ଥର ବରିଷ୍ଠ ସ୍ତରୀୟ ଏକଦିବସୀୟ, ଥରେ ଟ୍ୱେଣ୍ଟି-୨୦ ବିଶ୍ୱକପ୍ ଜିତିଥିବା ଭାରତ କିନ୍ତୁ କନିଷ୍ଠ କ୍ରିକେଟ୍‌ରେ ତାର ଆଧିପତ୍ୟ ଜାରି ରଖିଛି। ବିଶ୍ୱକପ୍‌ର ୬ ପ୍ରତିପକ୍ଷ ସହ କୋଭିଡ୍ ସଙ୍କଟ ମଧ୍ୟ ଭାରତର ବିଶ୍ୱବିଜୟକୁ ରୋକି ପାରି ନଥିଲା।

ଶନିବାରର ମେଗା ଫାଇନାଲ୍‌ରେ ରବି କୁମାର ଏବଂ ରାଜ୍ ବାୱାଙ୍କ ଘାତକ ବୋଲିଂ ବଳରେ ଦ୍ୱିତୀୟ ଥର ବିଶ୍ୱକପ୍ ଜିତିବା ଲକ୍ଷ୍ୟରେ ଥିବା ଉତ୍ସାହୀ ଇଂଲଣ୍ଡକୁ ଭାରତ ୪୪.୫ ଓଭରରେ ମାତ୍ର ୧୮୯ ରନ୍‌ରେ ଅଲଆଉଟ୍ କରି ଦେଇଥିଲା। ୧୯୦ ରନ୍‌ର ଛୋଟିଆ ଲକ୍ଷ୍ୟ ହୋଇଥିଲେ ବି ଭାରତର ପଶ୍ଚାତଧାବନ ପ୍ରଥମରୁ ବାଟ ହୁଡିଥିଲା। ଦ୍ୱିତୀୟ ବଲରେ ହିଁ ଓପନର ଅଙ୍ଗକ୍ରିଶ୍ ରଘୁବଂଶୀଙ୍କୁ ହରାଇ ସଙ୍କଟରେ ପଡିଥିଲା ଭାରତ। ସେପଟେ ଇଂଲଣ୍ଡ ନିୟମିତ ବ୍ୟବଧାନରେ ୱିକେଟ୍ ନେଇ ମ୍ୟାଚ୍‌ର ଗତିପଥ ବଦଳାଇବାକୁ ଆପ୍ରାଣ ଉଦ୍ୟମ କରିଥିଲା।




ତଥାପି ସାହସ ନହରାଇ ସେକ୍ ରସିଦଙ୍କ ଲଢୁଆ ଏବଂ ନିଶାନ୍ତ ସିନ୍ଧୁଙ୍କ ଦ୍ରୁତ ଅର୍ଦ୍ଧଶତକ ବଳରେ ୨.୨ ଓଭର ପୂର୍ବରୁ ବିଜୟର ମିଠା ମିଠା ସ୍ୱାଦ ଚାଖିଥିଲା। ଶେଷ ୩ ଓଭରରୁ ଭାରତକୁ ବିଜୟ ପାଇଁ ୧୨ ରନ୍‌ର ଦରକାର ଥିଲା ବେଳେ ୪୮ତମ ଓଭରର ତୃତୀୟ ଓ ଚତୁର୍ଥ ବଲ୍‌କୁ ଛକା ମାରି ୱିକେଟ୍ ରକ୍ଷକ ଦୀନେଶ ବାନା ଭାରତୀୟ ବିଜୟ ବାନା ଉଡାଇଥିଲେ। ଅଲରାଉଣ୍ଡ ପ୍ରଦର୍ଶନ ପାଇଁ ରାଜ୍ ବାୱା ( ୫/୩୧, ୩୫ ରନ୍) ମ୍ୟାଚ୍‌ର ଶ୍ରେଷ୍ଠ ଖେଳାଳି ବିବେଚିତ ହୋଇଥିଲେ। ସର୍ବାଧିକ ରନ୍ କରିଥିବା ଦକ୍ଷିଣ ଆଫ୍ରିକାର ଡିୱାଲ୍ଡ ବ୍ରେଭିସ୍ ପ୍ରତିଯୋଗିତାର ଶ୍ରେଷ୍ଠ ଖେଳାଳି ବିବେଚିତ ହୋଇଥିଲେ।

ଯଶ୍ ଧୂଲଙ୍କ ନେତୃତ୍ୱାଧୀନ ଭାରତୀୟ ଦଳ ୪ ବର୍ଷ ପରେ ଭାରତକୁ ୧୯ ବର୍ଷରୁ କମ୍ ବିଶ୍ୱକପ୍ ଆଣିବା ପରେ ସମଗ୍ର ଦେଶରେ ଖୁସିର ଲହରି ଖେଳି ଯାଇଛି। ଚାରିଆଡୁ ଭାରତୀୟ ଖେଳାଳିଙ୍କୁ ଶୁଭେଚ୍ଛା ଓ ଶୁଭକାମନାର ସୁଅ ଛୁଟିଛି। ଭାରତ ଏହା ପୂର୍ବରୁ ୨,୦୦୦, ୨୦୦୮, ୨୦୧୨ ଏବଂ ୨୦୧୪ରେ ୧୯ ବର୍ଷରୁ କମ୍ ବିଶ୍ୱକପ୍ ଜିତିବାର ଗୌରବ ହାସଲ କରିଥିଲା। ଦଳଗତ ଭାବେ ଭାରତ ୫ଥର ବିଶ୍ୱକପ୍ ଜିତି ନୂଆ କୀର୍ତ୍ତିମାନ ସ୍ଥାପନ କରିଥିଲା ବେଳେ ଅଧିନାୟକ ଧୂଲ୍ ବ୍ୟକ୍ତିଗତ ଭାବେ ଭାରତକୁ ବିଶ୍ୱବିଜୟୀ କରାଇଥିବା ମହମ୍ମଦ କୈଫ, ବିରାଟ କୋହଲି, ଉନ୍ମୁକ୍ତ ଚାନ୍ଦ ଏବଂ ପୃଥ୍ୱୀ ସ’ଙ୍କ ଏଲିଟ୍ କ୍ଲବ୍‌ରେ ସାମିଲ ହୋଇଛନ୍ତି। ସେହିଭଳି ଇଂଲଣ୍ଡ ବ୍ୟାଟିଂକ୍ରମକୁ ଧ୍ୱସ୍ତ ବିଧ୍ୱସ୍ତ କରିଥିବା ରାଜ୍ ବାୱା ୧୯ ବର୍ଷରୁ କମ୍ ବିଶ୍ୱକପ୍‌ର ଫାଇନାଲ୍‌ରେ ୫ ୱିକେଟ୍ ସଫଳତା ହାସଲ କରିବାରେ ପ୍ରଥମ ଭାରତୀୟ ହୋଇଛନ୍ତି। ଅନ୍ୟପକ୍ଷରେ ୧୯୯୮ ମସିହାରେ ପ୍ରଥମ ଥର ଫାଇନାଲ୍ ଖେଳି ବିଜେତା ହୋଇଥିବା ଇଂଲଣ୍ଡ ଏଥର ଫାଇନାଲ୍‌ରେ ପରାଜିତ ହୋଇ ଉପବିଜେତାରେ ସନ୍ତୁଷ୍ଟ ରହିଛି।

## ଅଷ୍ଟ୍ରେଲିଆ ମୁଖ୍ୟ ପ୍ରଶିକ୍ଷକ ଲାଙ୍ଗରଙ୍କ ଇସ୍ତଫା



ମେଲ୍‌ବର୍ଣ୍ଣ: ଅଷ୍ଟ୍ରେଲିଆ ଦଳର ମୁଖ୍ୟ ପ୍ରଶିକ୍ଷକ ଜଷ୍ଟିନ୍ ଲାଙ୍ଗର ନିକଟରେ ପଦ ଛାଡି ଦେଇଛନ୍ତି। ସେ କ୍ରିକେଟ୍ ଅଷ୍ଟ୍ରେଲିଆ କୁ ତାଙ୍କ ଇସ୍ତଫା ପତ୍ର ପ୍ରଦାନ କରିଛନ୍ତି ଏବଂ ଏହାକୁ ତତ୍କାଳ ଗ୍ରହଣ କରିନେବାକୁ କହିଛନ୍ତି। ଲାଙ୍ଗରଙ୍କ ଇସ୍ତଫା ସଂପର୍କରେ ତାଙ୍କ ମ୍ୟାନେଜମେଣ୍ଟ ଫାର୍ମ ସାଧାରଣରେ ପ୍ରକାଶ କରିଛି। ଗତ ସଂଧ୍ୟାରେ କ୍ରିକେଟ୍ ଅଷ୍ଟ୍ରେଲିଆର ପଦାଧିକାରୀଙ୍କ ସହ ଲମ୍ବା ଆଲୋଚନା ପରେ ଲାଙ୍ଗର ଇସ୍ତଫା ଦେଇଛନ୍ତି। ତାଙ୍କ ଚୁକ୍ତି ମିଆଦ ବୃଦ୍ଧି ନେଇ ବୋର୍ଡ ସହ ବୈଠକରୁ ସେଭଳି କିଛି ନିର୍ଯ୍ୟାସ ମିଳିନଥିଲା। ବୈଠକରେ ତାଙ୍କୁ ଏକ ସ୍ୱଳ୍ପକାଳୀନ କାର୍ଯ୍ୟକାଳ ବୃଦ୍ଧି ପାଇଁ ପ୍ରସ୍ତାବ ଦିଆଯାଇଥିଲା। ଏପରିକି ଚୂଡାନ୍ତ ନିଷ୍ପତ୍ତି ନିଆଯିବା ପୂର୍ବରୁ ଲାଙ୍ଗରଙ୍କ ସହ ଗୋପନ ଆଲୋଚନା ଜାରି ରହିବ ବୋଲି କ୍ରିକେଟ୍ ଅଷ୍ଟ୍ରେଲିଆ ସିଇଓ ନିକ୍ ହକ୍‌ଲେ କହିଥିଲେ। ହେଲେ ଏହି ପ୍ରସ୍ତାବକୁ ଗ୍ରହଣ ନକରି ଲାଙ୍ଗର ଇସ୍ତଫା ସମର୍ପି ଦେଇଥିଲେ।

ଏଥି ସହିତ ୨୦୧୮ ମେ’ ମାସରେ ଡାରେନ୍ ଲେମାନ୍‌ଙ୍କଠାରୁ ମୁଖ୍ୟ ପ୍ରଶିକ୍ଷକ ଦାୟିତ୍ୱ ଗ୍ରହଣ କରିଥିବା ଲାଙ୍ଗରଙ୍କ ୪ ବର୍ଷର ସଫଳ କାର୍ଯ୍ୟକାଳ ଶେଷ ହୋଇଯାଇଛି। ତାଙ୍କ କାର୍ଯ୍ୟକାଳ ଅବସରରେ ଅଷ୍ଟ୍ରେଲିଆ ୫-୦ରେ ଆସେସ୍ ମୂଳପୋଛ ବିଜୟ ହାସଲ କରିଥିଲା ବେଳେ ଟି-୨୦ ବିଶ୍ୱକପ୍ ବିଜେତା ମଧ୍ୟ ହୋଇଥିଲା। ଲାଙ୍ଗରଙ୍କ କାର୍ଯ୍ୟକାଳ ଅଷ୍ଟ୍ରେଲିଆ ଦଳ ପାଇଁ ଚମତ୍କାର ଥିଲା। ଦଳ ପ୍ରତି ତାଙ୍କର ଆସ୍ଥା ରହିଥିଲା ଏବଂ ତାଙ୍କ ଆଧିପତ୍ୟ ସ୍ୱାଗତଯୋଗ୍ୟ ଥିଲା ବୋଲି ହକ୍‌ଲେ କହିଛନ୍ତି। ଆମେ ତାଙ୍କ ସଫଳତା ପାଇଁ ଅତିମାତ୍ରାରେ ଗର୍ବିତ। ହେଲେ ପଦ ବଜାୟ ରଖିବା ବିରୋଧରେ ନିଷ୍ପତ୍ତି ନେଇଥିବାରୁ ବାସ୍ତବରେ ଦୁଃଖିତ। ତଥାପି ତାଙ୍କ ନିଷ୍ପତ୍ତିକୁ ସମ୍ମାନ ଜଣାଉଛୁ ଏବଂ ତାଙ୍କ ଉଜ୍ଜ୍ୱଳ ଭବିଷ୍ୟତ କାମନା କରୁଛି ବୋଲି ହକ୍‌ଲେ କହିଛନ୍ତି।

## ସରି ଆସୁଛି ଦାଦାଙ୍କ ବେଳକାଳ



ନୂଆଦିଲ୍ଲୀ : ଦୀର୍ଘ ୨୬ ମାସ ଧରି ବିସିସିଆଇ ସଭାପତି ଦାୟିତ୍ୱ ସମ୍ଭାଳିଥିବା ପୂର୍ବତନ ଅଧିନାୟକ ସୌରଭ ଗାଙ୍ଗୁଲିଙ୍କ ସମୟ ସରିସରି ଆସୁଛି। ଚଳିତ ବର୍ଷ ସେପ୍ଟେମ୍ବର ମାସରେ ତାଙ୍କ କାର୍ଯ୍ୟକାଳ ଶେଷ ହୋଇଯିବ। ଶୁକ୍ରବାର ଏକ ଖବର ସରବରାହ ସଂସ୍ଥାକୁ ଦେଇଥିବା ସାକ୍ଷାତକାରରେ ଗାଙ୍ଗୁଲି କହିଛନ୍ତି ବିସିସିଆଇରେ ଛାଡିଯାଉଥିବା ଉତ୍ତରଦାୟିତ୍ୱକୁ ମୁଁ ନୁହେଁ ଲୋକମାନେ ବିଚାର କରିବେ। କୋଭିଡ୍ ସଂକ୍ରମଣର ସବୁଠୁ ଆହ୍ୱାନଭରା ସମୟରେ ଗାଙ୍ଗୁଲିଙ୍କ କାର୍ଯ୍ୟକାଳ କେଉଁଠି ପ୍ରଶଂସା ତ କେଉଁଠି ସମାଲୋଚନାର ଶରବ୍ୟ ହୋଇଛି। ସବୁଗୁଡିକର ରୋକଠୋକ୍ ଉତ୍ତର ଦେଇଛନ୍ତି ଗାଙ୍ଗୁଲି। ଚୟନକର୍ତ୍ତାମାନଙ୍କୁ ପ୍ରଭାବିତ କରି ଖେଳାଳିଙ୍କୁ ଭାରତୀୟ ଦଳରେ ନେବାର ଅଭିଯୋଗ ହୁଏ। ସମ୍ପାଦକ ଜୟ ସାହାଙ୍କ ସହ ମତଭେଦ କଥା ହେଉ ଅବା ରଣଜୀ ଟ୍ରଫି ଗୋଟିଏ ବର୍ଷ ଖେଳାନଯିବା ନେଇ ମଧ୍ୟ ସେ ସମାଲୋଚିତ ହୋଇଥିଲେ। ଗାଙ୍ଗୁଲି କହିଛନ୍ତି, ‘ମୁଁ ଭାବୁଛି ଏସବୁ ଅଭିଯୋଗ ଭିତ୍ତିହୀନ, ଏ ସମ୍ପର୍କରେ ମୋତେ କାହାରିକୁ ଉତ୍ତର ଦେବାର ଆବଶ୍ୟକତା ନାହିଁ।

## କ୍ରିକେଟ୍ ଅଷ୍ଟ୍ରେଲିଆ ଶ୍ରେଷ୍ଠ ଟେଷ୍ଟ୍ ଏକାଦଶରେ କୋହଲି ବାଦ୍



ମେଲ୍‌ବର୍ଣ୍ଣ : କ୍ରିକେଟ୍ ଅଷ୍ଟ୍ରେଲିଆ୨୦୨୧ ବର୍ଷ ପାଇଁ ତା’ର ଶ୍ରେଷ୍ଠ ଟେଷ୍ଟ୍ ଏକାଦଶ ଘୋଷଣା କରିଛି। ଏହି ଦଳରେ ଭାରତର ୪ ଜଣ ସ୍ଥାନ ପାଇଥିଲେ ମଧ୍ୟ ଅଧିନାୟକ ବିରାଟ କୋହଲିଙ୍କୁ ସାମିଲ କରିନି। ୪ ଭାରତୀୟ ମଧ୍ୟରେ ରୋହିତ ଶର୍ମା, ଋଷଭ ପନ୍ତ, ରବିଚନ୍ଦ୍ରନ୍ ଅଶ୍ୱିନ୍ ଏବଂ ଅକ୍ଷର ପଟେଲ ସ୍ଥାନ ପାଇଥିଲା ବେଳେ ଶ୍ରୀଲଙ୍କାର ଦିମୁଥ କରୁଣାରତ୍‌ନେଙ୍କୁ ନେତୃତ୍ୱ ଭାର ଅର୍ପଣ କରିଛି। କରୁଣାରତ୍ନେଙ୍କ ସହିତ ରୋହିତଙ୍କୁ ଓପ୍‌ନର ଭାବେ ବାଛିଛି। ରୋହିତ ୨୦୧୯ରୁ ଟେଷ୍ଟ୍ ଓପ୍‌ନର ଭାବେ ଖେଳିଆସୁଥିଲା ବେଳେ ନିଜର ପ୍ରଥମ ଟେଷ୍ଟ୍ ଶତକ ବିଦେଶ ମାଟିରେ ଜମାଇଛନ୍ତି।

ସେହିପରି କରୁଣାରତ୍‌ନେଙ୍କ ପାଇଁ ୨୦୨୧ ଅତ୍ୟନ୍ତ ଶୁଭ ଥିଲା। ସେ ୱେଷ୍ଟଇଣ୍ଡିଜ୍ ବିପକ୍ଷ ଶୃଙ୍ଖଳାକୁ ୨-୦ରେ ଜିତିଥିଲେ। ୨୦୨୧ରେ ସେ ୭ ଟେଷ୍ଟ୍ ଖେଳି ୬୯.୩୮ ହାରରେ ୯୦୨ ରନ୍ କରିଛନ୍ତି। ସେଥିରେ ୨୪୪ ରନ୍ ତାଙ୍କର ସର୍ବୋଚ୍ଚ ବ୍ୟକ୍ତିଗତ ସ୍କୋର୍ ରହିଛି। ରୋହିତ ଓ କରୁଣାରତ୍ନେଙ୍କ ବ୍ୟତୀତ ଅଷ୍ଟ୍ରେଲିଆର ମାର୍ନସ ଲବୁସାନେ, ଇଂଲଣ୍ଡ ଅଧିନାୟକ ଜୋ ରୁଟ୍ ଓ ପାକିସ୍ତାନର ଫୱାଦ ଆଲାମଙ୍କୁ ମଧ୍ୟଭାଗ ଦାୟିତ୍ୱ ମିଳିଛି। ପନ୍ତଙ୍କୁ ୨୦୨୧ର ସର୍ବଶ୍ରେଷ୍ଠ ୱିକେଟ୍‌ରକ୍ଷକ ମାନ୍ୟତା ଦେଇଥିଲା ବେଳେ ସ୍ପିନ୍ ବିଭାଗ ପାଇଁ ଉଭୟ ଅଶ୍ୱିନ୍ ଓ ପଟେଲଙ୍କୁ ପସନ୍ଦ କରିଛି। ଚଳିତ ବର୍ଷ ଇଂଲଣ୍ଡ ବିପକ୍ଷରେ ଟେଷ୍ଟ୍ ପଦାର୍ପଣ କରିଥିବା ପଟେଲ ୫ ଥର ୫ ୱିକେଟ୍ ସଫଳତା ବଳରେ ମୋଟ ୩୬ ୱିକେଟ୍ କରାୟତ କରିଛନ୍ତି। ଅନ୍ୟପକ୍ଷରେ ଅଶ୍ୱିନ୍ ୯ ଟେଷ୍ଟ୍‌ରୁ ୫୪ ୱିକେଟ୍ ଦଖଲ କରିଛନ୍ତି। ଅଶ୍ୱିନ୍ ମଧ୍ୟ ଚଳିତ ବର୍ଷ ପ୍ରାରମ୍ଭରେ ଚେପକ୍‌ରେ ଇଂଲଣ୍ଡ ବିପକ୍ଷରେ ଶତକ ଜମାଇଥିଲେ। ଶେଷରେ ଅଷ୍ଟ୍ରେଲିଆର କାଇଲ ଜାମିସନ୍, ପାକିସ୍ତାନର ହାସନ ଅଲ୍ଲୀ ଏବଂ ସାହିନ ସାହ ଆଫ୍ରିଦିଙ୍କୁ ବିଶେଷଜ୍ଞ ଦ୍ରୁତ ବୋଲର ଭାବେ ସାମିଲ କରିଛି।

## ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ

### ଦୁଃଖ ପ୍ରକାଶ ପାଇଁ...

ବିୟୋଗରେ ଶୋକ ପ୍ରକାଶ କରିଛନ୍ତି। ସେ କହିଛନ୍ତି, ଲତାଜୀଙ୍କ ବିୟୋଗ ବିଶ୍ୱର କୋଟି କୋଟି ଜନତାଙ୍କ ପରି ମୋ ପାଇଁ ବି ହୃଦୟ-ବିଦାରକ। ତାଙ୍କର ଗୀତ ଭାରତର ସୌନ୍ଦର୍ଯ୍ୟ ଏବଂ ନିର୍ଯାସ ପରିବେଶଣ କରେ, ପିଢ଼ି ପରେ ପିଢ଼ି ସେଥିରୁ ନିଜ ଅନ୍ତରତମ ଆବେଗର ପରିପ୍ରକାଶ ପାଆନ୍ତି। ଭାରତ ଅନ୍ୟତମ ରତ୍ନ ଲତାଜୀଙ୍କର କୃତିତ୍ୱ ଅତୁଳନୀୟ।କେନ୍ଦ୍ର ଗୃହମନ୍ତ୍ରୀ ଅମିତ ଶାହ ମଧ୍ୟ ଲତାଙ୍କ ବିୟୋଗରେ ଶୋକବ୍ୟକ୍ତ କରି କହିଛନ୍ତି, ସଙ୍ଗୀତ ଜଗତ୍ ପାଇଁ ତାଙ୍କର ଅବଦାନକୁ ଭାଷାରେ ପ୍ରକାଶ କରିବା ସମ୍ଭବପର ନୁହେଁ। ତାଙ୍କର ମୃତ୍ୟୁ ମୋ ପାଇଁ ବ୍ୟକ୍ତିଗତ କ୍ଷତି। କେନ୍ଦ୍ରମନ୍ତ୍ରୀ ନୀତୀନ୍ ? ଗଡକରୀ, କେନ୍ଦ୍ର ଅର୍ଥମନ୍ତ୍ରୀ ନିର୍ମଳା ସୀତାରମଣଙ୍କ ସମେତେ ବହୁ ରାଜନେତା ଏବଂ ବହୁ ବିଶିଷ୍ଟ ବ୍ୟକ୍ତିବିଶେଷ ଲତାଙ୍କ ବିୟୋଗରେ ଶୋକ ପ୍ରକାଶ କରିଛନ୍ତି।

### ଉତ୍କଳଗୌରବ ମଧୁସୂଦନଙ୍କୁ ...

୧୯୩୪ ମସିହା ଫେବ୍ରୁଆରୀ ୪ ତାରିଖରେ ମଧୁବାବୁ ଇହଲୀଳା ତ୍ୟାଗ କରିଥିଲେ। ତାଙ୍କର ଅସାଧାରଣ ବୁଦ୍ଧି,ବଦାନ୍ୟତା, ମାତୃଭାଷା ପ୍ରେମ,ରାଜ୍ୟ ସ୍ୱତନ୍ତ୍ରତା ପାଇଁ ପ୍ରଚେଷ୍ଟା ଓ ଶିଳ୍ପାୟନ ଉଦ୍ୟମକୁ ସର୍ବଦା ସ୍ମରଣୀୟ ହୋଇ ରହିବ।

### ସଙ୍ଗୀତ ହିଁ ତାଙ୍କୁ ...

ଆମର ସାମଗ୍ରିକ ଚେତନାରେ ଏକ ଶୂନ୍ୟସ୍ଥାନ ଛାଡିଯାଇଛି। ସେ ଅନନ୍ତକାଳ ପାଇଁ ନିଜ ସଙ୍ଗୀତ ମାଧ୍ୟମରେ ବଞ୍ଚି ରହିବେ। ମୋର ଚିନ୍ତାଧାରା ଏବଂ ପ୍ରାର୍ଥନା ଶୋକସନ୍ତପ୍ତ ପରିବାର ଏବଂ ତାଙ୍କ ଅଗଣିତ ପ୍ରଶଂସକଙ୍କ ସହିତ ଅଛି। ସେହିପରି ରାଜ୍ୟପାଳ ପ୍ରଫେସର ଗଣେଶୀ ଲାଲ୍ ଗଭୀର ଶୋକ ପ୍ରକାଶ କରି ନିଜର ଟୁଇଟରରେ ଲେଖିଛନ୍ତି, ଲତାଜୀଙ୍କ ବିୟୋଗରେ ଏକ ଯୁଗର ଅନ୍ତ ଘଟିଛି। ତାଙ୍କର ଶ୍ରୁତିମଧୁର କଣ୍ଠସ୍ୱର ଆମ ହୃଦୟ ରହିଛି ଏବଂ ତାଙ୍କୁ ଆଗାମୀ ପୀଢି ପାଖରେ ସ୍ମରଣୀୟ କରି ରଖିବ। ଏଣେ କେନ୍ଦ୍ର ଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ମଧ୍ୟ ଲତା ମଙ୍ଗେସକରଙ୍କ ବିୟୋଗରେ ଗଭୀର ଶୋକ ପ୍ରକାଶ କରିବା ସହ ଶୋକସନ୍ତପ୍ତ ପରିବାର ଓ ବନ୍ଧୁବର୍ଗଙ୍କୁ ସମବେଦନା ଜଣାଇଛନ୍ତି। ବିଜେପି ରାଷ୍ଟ୍ରୀୟ ଉପସଭାପତି ବୈଜୟନ୍ତ ପଣ୍ଡା ଗଭୀର ଶୋକ ପ୍ରକାଶ କରିଛନ୍ତି। ସେ ନିଜର ଟୁଇଟରରେ ଲେଖିଛନ୍ତି, କୋଟି କୋଟି ଲୋକଙ୍କୁ ମନ୍ତ୍ରମୁଗ୍ଧ କରିଥିବା ସ୍ୱର ଆଉ ନାହିଁ। ସେ ଆମ ଚେତନାକୁ ଏତେ ଦଶନ୍ଧି ଧରି ଶାସନ କଲେ ଯାହା ତାଙ୍କୁ ଯୁଗ ଯୁଗ ଧରି ଅମର କରିରଖିବ।

### ୨୬,୫୦୦ ଏକର ...

ଅନୁଷ୍ଠାନକୁ ଜମିପଟ୍ଟା ପ୍ରଦାନ କରାଯିବ। ଏହି ସମ୍ପର୍କିତ ଏକ ସମୀକ୍ଷା ବୈଠକରେ ରାଜସ୍ୱ ଓ ବିପର୍ଯ୍ୟାୟ ପରିଚାଳନା ବିଭାଗର ଅତିରିକ୍ତ ମୁଖ୍ୟ ଶାସନ ସଚିବ ସତ୍ୟବ୍ରତ ସାହୁ ଅତିରିକ୍ତ ଜିଲ୍ଲାପାଳମାନଙ୍କୁ ଏପରି ନିର୍ଦ୍ଦେଶ ଦେଇଛନ୍ତି। ଭିଡିଓ କନ୍‌ଫରେନ୍ସିଂ ଜରିଆରେ ଆୟୋଜିତ ଏହି ସମୀକ୍ଷା ବୈଠକରେ ଅତିରିକ୍ତ ଜିଲ୍ଲାପାଳଙ୍କ ସମେତ ରାଜସ୍ୱ ବିଭାଗର ବରିଷ୍ଠ ଅଧିକାରୀ, ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗର ନିର୍ଦ୍ଦେଶକ ଓ ଉଚ୍ଚଶିକ୍ଷା ବିଭାଗର ନିର୍ଦ୍ଦେଶକଙ୍କ ସମେତ ଜାତୀୟ ରାଜପଥ କର୍ତ୍ତୃପକ୍ଷ ଓ ସ୍ୱତନ୍ତ୍ର ଅଧିଗ୍ରହଣ ଅଧିକାରୀମାନେ ଯୋଗଦେଇଥିଲେ। ରେଲୱେ, ଜାତୀୟ ରାଜପଥ, ରାଜ୍ୟ ରାଜପଥ ପରି ରାଜ୍ୟରେ ବିଭିନ୍ନ ପ୍ରକାର ଉନ୍ନତିମୂଳକ ତଥା ଭିତିଭୂମି ଉନ୍ନୟନ ପ୍ରକଳ୍ପ ନିମନ୍ତେ ଜମି ଅଧିଗ୍ରହଣ କାର୍ଯ୍ୟକୁ ତ୍ୱରାନ୍ୱିତ କରିବା ପାଇଁ ଜମି ହସ୍ତାନ୍ତର କାର୍ଯ୍ୟକୁ ଅଗ୍ରାଧିକାର ଭିତିରେ ସମାପନ କରିବାକୁ ଅତିରିକ୍ତ ଜିଲ୍ଲାପାଳମାନଙ୍କୁ ଶ୍ରୀ ସାହୁ ନିର୍ଦ୍ଦେଶ ଦେଇଥିଲେ। ଲଘୁ ଖଣିଜ ପଦାର୍ଥ ଉତ୍ସଗୁଡିକୁ ନିୟମିତ ରାଜସ୍ୱ ଆଦାୟ, ବେଆଇନ ଉଠାଣ ଓ ଚୋରି ରୋକିବା ସହ ଲଘୁ ଖଣିଜ ଉତ୍ସଗୁଡିକର ସ୍ଥାୟୀ ପରିଚାଳନା ସୁନିଶ୍ଚିତ କରିବା ପାଇଁ ଆବଶ୍ୟକୀୟ ପଦକ୍ଷେପ ନେବାକୁ ନିର୍ଦ୍ଦେଶ ଦିଆଯାଇଥିଲା। ଏଠାରେ ସୂଚନାଯୋଗ୍ୟ ଯେ ରାଜସ୍ୱ ଓ ବିପର୍ଯ୍ୟାୟ ପରିଚାଳନା ବିଭାଗ ପକ୍ଷରୁ ନିୟମିତ ଭାବେ ସମୀକ୍ଷା ବୈଠକ କରି ନିର୍ଦ୍ଧାରିତ ସମୟସୀମା ମଧ୍ୟରେ ପ୍ରକଳ୍ପଗୁଡିକର କାର୍ଯ୍ୟ ତ୍ୱରାନ୍ୱିତ କରିବା ଦିଗରେ ଗୁରୁତ୍ୱାରୋପ କରାଯାଇଛି।

### ‘ଆତ୍ମନିର୍ଭର ଅର୍ଥବ୍ୟବସ୍ଥା’ ଆର୍ଥିକ ...

ସବ୍‌କା ବିକାଶ, ସବ୍‌କା ବିଶ୍ୱାସ, ସବ୍‌କା ପ୍ରୟାସ’କୁ ପାଥେୟ କରି ଯଶସ୍ୱୀ ପ୍ରଧାନମନ୍ତ୍ରୀ ଶ୍ରୀ ନରେନ୍ଦ୍ର ମୋଦିଙ୍କ ନେତୃତ୍ୱରେ କେନ୍ଦ୍ର ସରକାର ଗତ ୧ ତାରିଖ ଦିନ ଉପସ୍ଥାପନା କରିଥିବା “ବଜେଟ-୨୦୨୨”କୁଦେଶବ୍ୟାପୀ ପ୍ରଶଂସା ମିଳିଛି । କେନ୍ଦ୍ରୀୟ ବଜେଟରେ ଓଡିଶାକୁ ବିପୁଳ ମାତ୍ରାରେ ଅର୍ଥ ପ୍ରଦାନ କରାଯାଇଥିବାରୁ ପ୍ରଧାନମନ୍ତ୍ରୀ ଶ୍ରୀ ନରେନ୍ଦ୍ରମୋଦି ଏବଂ ଏଥିରେ ବଡ ଭୂମିକା ଗ୍ରହଣ କରିଥିବା କେନ୍ଦ୍ରମନ୍ତ୍ରୀ ଶ୍ରୀ ଧର୍ମେନ୍ଦ୍ର ପ୍ରଧାନଙ୍କୁ କେନ୍ଦ୍ରମନ୍ତ୍ରୀ ଶ୍ରୀ ବୈଷ୍ଣବ ଧନ୍ୟବାଦ ଜ୍ଞାପନ କରିଛନ୍ତି ।ରାଜ୍ୟରେ ଟେଲିକମ ସେକ୍ଟରକୁ ସୁଦୃଢ କରିବା ପରିପ୍ରେକ୍ଷୀରେ ଏବଂ ଯେପରି ଗୋଟିଏ ବି ଗାଁ ଇଂଟରନେଟ ସେବା ପାଇବାରୁ ବଂଚତି ନହୁଏ ସେଥି ସକାଶେ ନୂଆ ଟାୱାର ସ୍ଥାପନ ପାଇଁ ୩୯୩୩ଟି ସ୍ଥାନ ଚିହ୍ନଟ କରାଯାଇଛି । ୟୁପିଏ ସରକାରଙ୍କତୃଟିପୂର୍ଣ୍ଣ ନିଷ୍ପତି କାରଣରୁ ବିଏସଏନାଲ ଭଳି ସଂସ୍ଥା ଦେବାଳିଆ ହୋଇଯାଇଥିଲା । ମୋଦି ସରକାର ଶାସନ କ୍ଷମତାକୁ ଆସିବା ପରେବ୍ୟାପକ ସଂସ୍କାର ଆଣିବା ପରେ ଗତବର୍ଷ ବିଏସଏନଏଲ ଲାଭଜନକ ସଂସ୍ଥା ହୋଇପାରିଛି । ଭାରତବର୍ଷର ନିଜସ୍ୱ ଜ୍ଞାନକୌଶଳରେ୪-ଜି ଏବଂ ୫-ଜି ନେଟୱାର୍କର ବିକାଶ ପାଇଁ କାର୍ଯ୍ୟ ଚାଲିଛି ଏବଂ ଅତିଶୀଘ୍ର ଦେଶବାସୀ ଏହି ସେବା ପାଇବେ ।ଚାଷୀ, ଗରିବ ବାସହୀନଙ୍କୁ ଘର, ପାନୀୟ ଜଳ ଯୋଗାଣ, ରୋଜଗାର ସୃଷ୍ଟି ଆଦି ପାଇଁ ଚଳିତ ବଜେଟରେ ରେକର୍ଡପରିମାଣର ଅନୁଦାନ ପ୍ରଦାନ କରାଯାଇଛି । ଧାର୍ଯ୍ୟ ସର୍ବନିମ୍ନ ସହାୟକ ମୁଲ୍ୟ ଟଙ୍କା ଯେପରି ଚାଷୀମାନେ ପାଇପାରିବେ, ସେଥି ପାଇଁଡିବିଟି ଜରିଆରେ ଉକ୍ତ ଟଙ୍କାକୁ ଚାଷୀଙ୍କ ବ୍ୟାଂକ ଖାତାକୁ ପଠାଯବି ।ର ବ୍ୟବସ୍ଥା କରାଯାଇଛି ।ମୋଦି ସରକାର ଶାସନ କାଳରେ ଖଣି କ୍ଷେତ୍ରରେ ବ୍ୟାପକ ମାତ୍ରରେ ସଂସ୍କାର ଆସିଥିବାରୁ ଆଜି ଓଡିଶା ରାଜ୍ୟର ଖଣି ଅଧୁଷିତଜିଲ୍ଲାମାନଙ୍କରେ ୩ ରୁ ୪ ହଜାର କୋଟି ପର୍ଯ୍ୟନ୍ତ ଟଙ୍କା ଗଚ୍ଛିତ ଅଛି । ଏହି ଅର୍ଥର ସଠିକ ଭାବେ ବିନିଯୋଗ ହେବାର ଆବଶ୍ୟକତାଅଛି ବୋଲି ଶ୍ରୀ ବୈଷ୍ଣବ କହିଛନ୍ତି । କେନ୍ଦ୍ର ବଜେଟରେ ରେଳ ମନ୍ତ୍ରଣାଳୟକୁ ୧,୪୦,୩୬୭.୧୩କୋଟି ଟଙ୍କା ମିଳିଛି। ଏହା ପୂର୍ବ ଆର୍ଥିକ ବର୍ଷର ସଂଶୋଧିତବଜେଟ ତୁଳନାରେ ୨୦, ୩୧୧କୋଟି ଅଧିକ। ରେଳପଥ ସମେତ ରେଳ ଯାତ୍ରୀଙ୍କ ସୁରକ୍ଷା ଓ ଗମନାଗମନ, ରକ୍ଷଣବେକ୍ଷଣବ୍ୟବସ୍ଥାକୁ ମଧ୍ୟ ସୁଦୃଢ କରିବା ମୋଦି ସରକାର କାର୍ଯ୍ୟରତ । ବଜେଟରେ ରେଳ ଲାଇନର ନବୀକରଣ ପାଇଁ ୧୩,୩୩୫.୪୭କୋଟି,ଗଜ କନଭରସନ ପାଇଁ ୨,୮୫୦କୋଟି, ଦୋହରୀକରଣ ପାଇଁ ୧୨,୧୦୮କୋଟି ଟଙ୍କା ଦିଆଯାଇଛି। ଅତିରିକ୍ତ ଭାବେ ଡିଏଫସିଭାବେ ୧୫,୭୧୦.୪୪କୋଟି ଦିଆଯାଇଛି। ନୂଆ ରେଳ ଲାଇନ ପାଇଁ ମଧ୍ୟ ୨୫,୨୪୩କୋଟି ଟଙ୍କା ଆବଂଟିତ କରାଯାଇଛି। ସାରା ଦେଶ ପାଇଁ ଆସନ୍ତା ୩ ବର୍ଷରେ ୪୦୦ଟି ବନ୍ଦେ ଭାରତ ଟ୍ରେନ ଚାଲିବ । ରାଜ୍ୟରେ ୯୮.୭କିମିର ଅନୁଗୋଳ - ସୁକିନ୍ଦା ରୋଡ୍ ଲାଇନ ପାଇଁ ୪୭୫କୋଟି ଟଙ୍କା, ୮୨କିମି ହରିଦାସପୁର - ପାରାଦ୍ୱୀପ ରେଳ ଲାଇନ ପାଇଁ ୮୫କୋଟି ଟଙ୍କା, ତାଳଚେର – ବିମଳାଗଡ ୧୫୪କିମି ରେଳ ଲାଇନ ପାଇଁ ୨୫୦କୋଟି ଟଙ୍କା, ଭଦ୍ରକ – ନର୍ଗୁଣ୍ଡି ତୃତୀୟ ଲାଇନ ପାଇଁ ୨୫୧କୋଟି, ଖୋର୍ଦ୍ଧା – ବାରଙ୍ଗ ତୃତୀୟ ଲାଇନ ପାଇଁ ୧୬୪କୋଟି, ସମ୍ବଲପୁର – ଟିଟିଲାଗଡ ୧୮୨.୧୧କିମି ରେଳ ଲାଇନ ଦୋହରିକରଣ ପାଇଁ ୯୯କୋଟି ଟଙ୍କା, ସମ୍ବଲପୁର – ତାଳଚେର ରେଳ ଲାଇନର ଦୋହରିକରଣ ପାଇଁ ୧୭୨କୋଟି ଟଙ୍କା, ଝାରସୁଗୁଡା – ବିଳାସପୁର ଚତୁର୍ଥ ଲାଇନ ପାଇଁ ୭୧୭କୋଟି ଟଙ୍କା ଦିଆଯାଇଛି, ଜୟପୁର – ମାଲକାନଗିରି ୧୩୦କିମି ପାଇଁ ୧୩କୋଟି ଟଙ୍କା, ଜୟପୁର - ନବରଙ୍ଗପୁର ପାଇଁ ୮୧କୋଟି ଟଙ୍କା ଦିଆଯାଇଛି।




## ଯୁବ ବ୍ୟବସାୟୀ ବରୁନ୍ ବାଙ୍ଗେରାଙ୍କୁ ବିବାହ କଲେ କରିସ୍ମା

ଦୂରଦର୍ଶନର ପରିଚିତ ତାରକା କରିସ୍ମା ତାନ୍ନା ଚଳିତ ମାସ ୫ ତାରିଖରେ ଯୁବ ବ୍ୟବସାୟୀ ବରୁନ୍ ବାଙ୍ଗେରାଙ୍କୁ ବିବାହ କରିଛନ୍ତି। ବିବାହ ପୂର୍ବରୁ କରିସ୍ମା ଓ ବରୁନଙ୍କ ପାଇଁ ଉଭୟ ପରିବାର ପକ୍ଷରୁ ଏକ ହଳଦୀ ଉତ୍ସବର ଆୟୋଜନ ହୋଇଥିଲା। କରିସ୍ମା ସମ୍ପୂର୍ଣ୍ଣ ସଫେଦ ପୋଷାକ ପରିହିତା ହୋଇଥିଲେ। ସେ ତାଙ୍କ ଅଙ୍ଗରେ ପିନ୍ଧିଥିବା ଗହଣା ଫୁଲ ପରି ସୁଶୋଭିତ ହେଉଥିଲା। ଏହି ଫଟୋକୁ କରିସ୍ମା ତାଙ୍କ ଇନ୍‌ଷ୍ଟାଗ୍ରାମ୍‌ରେ ପୋଷ୍ଟ କରିବା ସହ ଫଟୋ ତଳେ କ୍ୟାପ୍‌ସନ୍ ଲେଖିଛନ୍ତି- ‘ପ୍ରତୀକ୍ଷାର ଅନ୍ତ ଘଟିଛି, ଆଜିର ଏ ଖୁସି ମୋ ହସରୁ ହିଁ ଆପଣ ଜାଣିପାରିବେ’।

ଗତବର୍ଷ ନଭେମ୍ବର ମାସରେ ବରୁନ ଓ କରିସ୍ମାଙ୍କ ମଧ୍ୟରେ ବିବାହ ପୂର୍ବରୁ ନିର୍ବନ୍ଧ ହେଇଥିଲା। ସେମାନେ ନିଜ ସମ୍ପର୍କୀୟ କାହିଁକି, ଏପରିକି ନିଜ ବନ୍ଧୁ ଓ ପ୍ରଶଂସକମାନଙ୍କୁ ବି ପରସ୍ପର ଭିତରେ ଗଢ଼ିଉଠିଥିବା ପ୍ରେମ ସମ୍ପର୍କ ବାବଦରେ ଆଦୌ ପ୍ରକାଶ କରି ନ ଥିଲେ। ଯେତେବେଳେ ସେମାନଙ୍କର ଜଣେ ବିଶ୍ୱସ୍ତ ବନ୍ଧୁ ଦୁହିଁଙ୍କ ମଧ୍ୟରେ ବିବାହସ୍ଥିର ହେଇସାରିଥିବା କଥା ପ୍ରଘଟ କଲେ, ସେତେବେଳେ ଅନ୍ୟ ସମସ୍ତେ ବରୁନ-କରିସ୍ମାଙ୍କ ନିବିଡ଼ତା



ବିଷୟରେ ଜାଣିବାକୁ ପାଇଲେ। ଏହାପରେ ଉଭୟଙ୍କ ପ୍ରଶଂସକମାନେ ଏ ଦୁହିଁଙ୍କୁ ଶୁଭେଚ୍ଛା ଜଣାଇଥିଲେ। ପ୍ରଯୋଜିକା ଏକ୍‌ତା କପୁର ମଧ୍ୟ ଉଭୟଙ୍କ ଦାମ୍ପତ୍ୟ ଜୀବନକୁ ଅଭିନନ୍ଦନ ଜଣାଇଛନ୍ତି।

ଟେଲି ଧାରାବାହିକ ‘କ୍ୟୁଁ କୀ ଶାଶ୍ ଭି କଭି ବୋହୂ ଥି’ରୁ କରିସ୍ମା ନିଜ ଅଭିନୟ ଯାତ୍ରା ଆରମ୍ଭ କରିଥିଲେ। ପରେ ସେ ‘ପ୍ୟାର୍ କେ ଦୋ ନାମ: ଏକ୍ ରାଧା, ଏକ୍ ଶ୍ୟାମ’, ‘ଅଦାଲତ’, ‘ବଲ୍‌ବୀର’ ଓ ‘କୟାମତ କୀ ରାତ’ ଆଦିରେ ପ୍ରମୁଖ ଭୂମିକାରେ ଅବତୀର୍ଣ୍ଣ ହେଇ ଦର୍ଶକଙ୍କୁ ବିମୋହିତ କରିଛନ୍ତି।



## ନୋରା ଫତେହିଙ୍କ ଭାରତପ୍ରୀତି

ବିଦେଶରେ ଜନ୍ମ ନେବା ସହ ବିଦେଶୀ ସଂସ୍କୃତିରେ ପ୍ରତିପାଳିତ ହୋଇ ସୁଦ୍ଧା ଭାରତୀୟ ଦର୍ଶକଙ୍କ ପାଇଁ ନିଜକୁ ଉତ୍ସର୍ଗ କରିଥିବା ଅଭିନେତ୍ରୀ, ନୃତ୍ୟାଙ୍ଗନା, ଗାୟିକା ମଡେଲ୍ ତଥା ପ୍ରଯୋଜିକା ନୋରା ଫତେହିଙ୍କ ଭାରତପ୍ରୀତିକୁ ତାରିଫ କରିବାକୁ ହେବ। ବିଶେଷ କରି ଭାରତୀୟ ସିନେମା ସହ ଜଡ଼ିତ ରହି ହିନ୍ଦୀ, ତାମିଲ, ତେଲୁଗୁ ଓ ମାଲାୟଲୀ ଭାଷାର ସିନେମାରେ ଅଭିନୟ ସାଙ୍ଗକୁ ବିଭିନ୍ନ ଟିଭି ରିଅଲିଟି ଧାରାବାହିକ ଓ ସଂଗୀତ ଭିଡିଓ ମାଧ୍ୟମରେ ପ୍ରଶଂସକମାନଙ୍କ ମନରେ ଏକ ସ୍ୱତନ୍ତ୍ର ସ୍ଥାନ ଦଖଲ କରିଥିବା ନୋରାଙ୍କ ସୁଦୀର୍ଘ ଅଭିଜ୍ଞତା ଅନ୍ୟମାନଙ୍କ ପାଇଁ ପ୍ରେରଣାଦାୟୀ ହେବ ନିଶ୍ଚୟ। ମାତ୍ର ୭ ବର୍ଷର ମନୋରଞ୍ଜନ ପେସା ଭିତରେ ଏ ଯାବତ୍ ବିଭିନ୍ନ ଭାଷାର କୋଡ଼ିଏରୁ ଅଧିକ ସିନେମା ସାଙ୍ଗକୁ ଦଶରୁ ଅଧିକ ଟିଭି ଧାରାବାହିକ ଓ ସମାନ ସଂଖ୍ୟକ ସଂଗୀତ ଆଲବମ୍‌ରେ ଅଭିନୟ କରି ନୋରା ଭାରତୀୟ ଗ୍ଲେମର ଦୁନିଆଁରେ ସକ୍ରିୟ ରହିବା ସହ ପ୍ରଶଂସକଙ୍କ ସଂଖ୍ୟା ବଢ଼ାଇବାରେ ଲାଗିଛନ୍ତି।

# ପ୍ରଯୁକ୍ତି ଭିତ୍ତିକ ଅଭିବୃଦ୍ଧି ଉପରେ ଗୁରୁତ୍ୱକୁ ନବୀନଙ୍କ ପ୍ରଶଂସା



ଭୁବନେଶ୍ୱର, (ସଂଦେଶ ବ୍ୟୁରୋ): ମୁଖ୍ୟମନ୍ତ୍ରୀ ଶ୍ରୀ ନବୀନ ପଟ୍ଟନାୟକ ଆଜି କେନ୍ଦ୍ର ସରକାରଙ୍କ ୨୦୨୨-୨୩ ବର୍ଷ ପାଇଁ ଆଗତ ବଜେଟ୍ ସମ୍ପର୍କରେ ନିଜର ପ୍ରତିକ୍ରିୟା ରଖି ମଧ୍ୟମ ଓ ଗରୀବ ଶ୍ରେଣୀର ଜନସାଧାରଣଙ୍କ ପାଇଁ ବଜେଟରେ କୌଣସି ବ୍ୟବସ୍ଥା ନାହିଁ ବୋଲି ମତ ପ୍ରକାଶ କରିଛନ୍ତି। ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ ମୁଦ୍ରାସ୍ଫୀତି ଓ ଦରବୃଦ୍ଧି ଯୋଗୁଁ ମଧ୍ୟବିତ୍ତ ଓ ଗରୀବ ଶ୍ରେଣୀ ଲୋକମାନେ ଗଭୀର ଭାବେ ପ୍ରଭାବିତ ହୋଇଥିବାବେଳେ ବଜେଟରେ ଏ ସମସ୍ୟା ସମ୍ପର୍କରେ କୌଣସି ବ୍ୟବସ୍ଥା କରାଯାଇନାହିଁ। ଏହା ସହିତ LPG Gas ରେ ଦିଆଯାଇଥିବା ରିହାତି ଅତିରିକ୍ତ ଭାବେ ହ୍ରାସ ପାଇଛି। ଏହା ସାଧାରଣ ଘରୋଇ ଅର୍ଥନୀତିକୁ ଭୟଙ୍କର ଭାବେ ପ୍ରଭାବିତ କରିବ। ବିଶେଷ କରି ମହିଳାମାନଙ୍କୁ ଖଚଏ ଦରବୃଦ୍ଧିର ପରିଣାମ ଭୋଗିବାକୁ ପଡିବ ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି। ଏହା ସହିତ ମହାମାରୀ ସମୟରେ ନରେଗା କାର୍ଯ୍ୟକ୍ରମକୁ କମ ଅର୍ଥ ବଂଟନ ଗରୀବ ଲୋକମାନଙ୍କ ପାଇଁ ଆହୁରି ଅସୁବିଧା କରିବ ବୋଲି ସେ କହିଛନ୍ତି। କୃଷି, କୃଷକ କଲ୍ୟାଣ, ଉଚ୍ଚଶିକ୍ଷା, ଶ୍ରମ ବିକାଶ, ମହିଳା ଓ ଶିଶୁ କଲ୍ୟାଣ ପରି ବିଭିନ୍ନ ଜରୁରୀ କ୍ଷେତ୍ରକୁ ଆବଂଟନ ହ୍ରାସ ଦ୍ୱାରା ଅନ୍ତର୍ଭୁକ୍ତ ଭିତିକ ଅଭିବୃଦ୍ଧି ପ୍ରଭାବିତ ହେବ ବୋଲି ମଧ ସେ ଆଶଙ୍କା କରିଛନ୍ତି। ଏହା ଦ୍ୱାରା ଶସ୍ୟ ଉଠାଣରେ ଅନେକ ସମସ୍ୟା ରହିଛି ବୋଲି ପ୍ରକାଶ କରି ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ ଏହାଦ୍ୱାରା ଧାନ ସଂଗ୍ରହ ପ୍ରଭାବିତ ହେଉଛି। ଏହା ସହିତ ଜାତୀୟ ଖାଦ୍ୟ ସୁରକ୍ଷା ଯୋଜନାରେ ଖାଦ୍ୟ ରିହାତି ହ୍ରାସ ଦ୍ୱାରା ଚାଷୀମାନେ ଗମ୍ଭୀର ସମସ୍ୟାରେ ପଡିବେ ଏବଂ ଏହାର ପୁର୍ନବିଚାର ଆବଶ୍ୟକତା ରହିଛି ବୋଲି ମତପ୍ରକାଶ କରିଛନ୍ତି। ସେହିପରି କେନ୍ଦ୍ରୀୟ କର ବ୍ୟବସ୍ଥା ସେସ୍ ଓ ସରଚାର୍ଜର କ୍ରମାଗତ ବୃଦ୍ଧି ଦ୍ୱାରା ରାଜ୍ୟମାନେ କେନ୍ଦ୍ରୀୟ କରରୁ ତାଙ୍କର ନ୍ୟାୟୋଜିତ ଭାଗ ପାଇବାରୁ ବଂଚିତ ହେଉଛନ୍ତି ବୋଲି ପ୍ରକାଶ କରି ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ କେନ୍ଦ୍ରୀୟ କରର ୨୦ ପ୍ରତିଶତରୁ ଅଧିକ ଅଂଶ ସେସ୍ ଓ ସରଚାର୍ଜ ଦ୍ୱାରା ଆଦାୟ କରିବାକୁ ପ୍ରସ୍ତାବ ରହିଛି। ଏହା ସହଭାଗୀ ସଂଘୀୟ ବ୍ୟବସ୍ଥାର ବିରୁଦ୍ଧାଚରଣ କରୁଛି ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି। ତେଣୁ ଜଳଜୀବନ ମିଶନ, ପ୍ରଧାନମନ୍ତ୍ରୀ ଆବାସ ଯୋଜନା ଆଦି କାର୍ଯ୍ୟକ୍ରମକୁ ଗୁରୁତ୍ୱ ଦେଇ ଅଧିକ ଆବଂଟନର ବ୍ୟବସ୍ଥାକୁ ମୁଖ୍ୟମନ୍ତ୍ରୀ ସ୍ୱାଗତ କରିଛନ୍ତି। କିନ୍ତୁ ଗ୍ରାମ୍ୟ ଗୃହ ନିର୍ମାଣ କ୍ଷେତ୍ରରେ ଓଡିଶା ବାସୀଙ୍କ ନ୍ୟାର୍ଯ୍ୟ ଦାବୀକୁ ଉପେକ୍ଷା କରାଯାଇବେଳେ ତାଙ୍କର ଦାବୀକୁ ବାରଣ କରାଯାଇଛି। ଏହା ଜନସାଧାରଣଙ୍କୁ ଆଶ୍ଚର୍ଯ୍ୟଜନିତ କରିଛି। ଓଡିଶା ଗରୀବ ଓ ଆଦିବାସୀଙ୍କ ପ୍ରତି ହେଉଥିବା ଏହି ଅନ୍ୟାୟକୁ ଦୂର କରି କେନ୍ଦ୍ର ନିଜର ଭୁଲ ସୁଧାରିବ ବୋଲି ମୁଖ୍ୟମନ୍ତ୍ରୀ ଆଶା ପ୍ରକାଶ କରିଛନ୍ତି। ଓଡ଼ିଶା ହେଉଛି ଦେଶର ଏକମାତ୍ର ରାଜ୍ୟ ଯାହା ବାରମ୍ବାର ପ୍ରାକୃତିକ ବିପର୍ଯ୍ୟୟ ଦ୍ୱାରା କ୍ଷତିଗ୍ରସ୍ତ ହେଉଛି। ତେଣୁ ଓଡ଼ିଶା ପାଇଁ କିଛି ସ୍ୱତନ୍ତ୍ର ବ୍ୟବସ୍ଥା ରହିବ ବୋଲି ଆଶା କରାଯାଉଥିଲା କିନ୍ତୁ ବଜେଟରେ ଓଡ଼ିଶା ପାଇଁ କୌଣସି ସ୍ୱତନ୍ତ୍ର ବ୍ୟବସ୍ଥା ରଖାଯାଇନାହିଁ। ପୁଞ୍ଜି ସୁରକ୍ଷା ଓ ଚାଷୀଙ୍କ ରୋଜଗାର ବୃଦ୍ଧିରେ ଓଡ଼ିଶା ମିଲେଟ ମିଶନ ଏକ ଚମତ୍କାରୀ ଭୂମିକା ଗ୍ରହଣ କରିଛି ବୋଲି ପ୍ରକାଶ କରି ୨୦୨୩କୁ ଜାତିସଂଘ ପକ୍ଷରୁ ଆନ୍ତର୍ଜାତିକ ମିଲେଟ୍ ଭାବେ ପାଳନ କରାଯାଉଥିବା ପରିପ୍ରେକ୍ଷୀରେ କେନ୍ଦ୍ରୀୟ ବଜେଟରେ ମିଲେଟ୍ କୁ ଗୁରୁତ୍ୱ ଦିଆଯାଇଥିବାରୁ ମୁଖ୍ୟମନ୍ତ୍ରୀ ଖୁସି ପ୍ରକାଶ କରିଛନ୍ତି। ବଜେଟରେ ପ୍ରଯୁକ୍ତ ଓ ଭିତିଭୂମି ଭିତିକ ଅଭିବୃଦ୍ଧି ଉପରେ ଗୁରୁତ୍ୱ ଦିଆଯାଇଥିବାରୁ ଏହାର ଅନୁକୂଳ ପ୍ରଭାବ ପଡିବ ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି। ସ୍ୱାସ୍ଥ୍ୟ ଓ ଶିକ୍ଷାରେ ପ୍ରସ୍ତାବିତ ପ୍ରଯୁକ୍ତବିଦ୍ୟାଭିତିକ ଅଭିବୃଦ୍ଧି ମହାମାରୀ ସମୟରେ ଦେଶପାଇଁ ଉପଯୋଗୀ ସାବ୍ୟସ୍ତ ହେବ ବୋଲି ସେ କହିଛନ୍ତି। ଚଉଦଟି କ୍ଷେତ୍ରରେ ଉତ୍ପାଦନ ଭିତିକ ପ୍ରୋତ୍ସାହନ ଓ ଜରୁରୀ ନିଶ୍ଚିତ ସହାୟତା ଯୋଜନା ବ୍ୟବସାୟ କ୍ଷେତ୍ରରେ ଯୋଗାଣ ସମସ୍ୟାକୁ ଦୂର କରିବ ବୋଲି ସେ ଆଶା ପ୍ରକାଶ କରିଛନ୍ତି।

# ଉତ୍କଳଗୌରବ ମଧୁସୂଦନ ଦାସଙ୍କ ଶ୍ରାଦ୍ଧଦିବସ ଅବସରରେ ରାଜ୍ୟ ସୂଚନା ଓ ଲୋକସମ୍ପର୍କ ବିଭାଗ ତରଫରୁ ଭକ୍ତିପୂତ ଶ୍ରଦ୍ଧାଞ୍ଜଳି



ଭୁବନେଶ୍ୱର,(ସଂଦେଶ ବ୍ୟୁରୋ): ଓଡ଼ିଆ ଅସ୍ମିତା ଓ ସ୍ୱାଭିମାନର ପ୍ରତୀକ ଉତ୍କଳଗୌରବ ମଧୁସୂଦନ ଦାସ ଥିଲେ ଓଡ଼ିଆ ଜାତୀୟତାର ଜନକ ତଥା ନବଜାଗରଣର ପ୍ରବର୍ତକ ମଧୁବାବୁଙ୍କର ବଳିଷ୍ଠ ନେତୃତ୍ୱ ଏ ଜାତିର ଜୀବନଧାରାକୁ ସଂଜୀବିତ କରି ଏହାକୁ ସଂଗ୍ରାମର ମାର୍ଗ ପ୍ରଦର୍ଶନ କରାଇଥିଲା। ତାଙ୍କରି ଉତ୍ସର୍ଗୀକୃତ କାର୍ଯ୍ୟ ଯୋଗୁଁ ଭାଷାଭିତିରେ ସ୍ୱତନ୍ତ୍ର ଓଡ଼ିଶା ପ୍ରଦେଶ ଗଠନ ସମ୍ଭବ ହୋଇଥିଲା। ଧୈର୍ଯ୍ୟ-ସହିଷ୍ଣୁତା, ସଂଗ୍ରାମ-ସାଧନାକୁ ପାଥେୟ କରି ଜାତିପ୍ରେମ ବହ୍ନି ପ୍ରଜ୍ୱଳିତ ପୂର୍ବକ ଓଡ଼ିଆ ଜାତିକୁ ବିଶ୍ୱ ଦରବାରରେ ପରିଚିତ କରାଇବା ପାଇଁ ମଧୁବାବୁ ସଦା ଚେଷ୍ଟିତ ଥିଲେ। ସମାଜ, ସାହିତ୍ୟ, ଶିକ୍ଷା, ଅର୍ଥନୀତି ଓ ରାଜନୀତି ଆଦି ବିଭିନ୍ନ କ୍ଷେତ୍ରରେ ଏହି ଜନନାୟକଙ୍କର ପ୍ରେରଣା ଉତ୍କଳୀୟ ଜୀବନରେ ନବସୂର୍ଯ୍ୟୋଦୟ ସମ୍ଭବ କରାଇଥିଲା। ଯଥାର୍ଥରେ ଉତ୍କଳ ମାଟିର ଯୋଗ୍ୟତମ ସନ୍ତାନ, ଉତ୍କଳୀୟ ଜାତୀୟତାର ମନ୍ତ୍ରଦାତା, ଶତାବ୍ଦୀରେ ସୂର୍ଯ୍ୟ ଉତ୍କଳଗୌରବ ମଧୁସୂଦନ ଦାସ ପ୍ରତ୍ୟେକ ଓଡ଼ିଆ ପାଇଁ ଚିରବନ୍ଦନୀୟ । ଭୁବନେଶ୍ୱରସ୍ଥିତ ରାଜଭବନ ଛକରେ ଉତ୍କଳଗୌରବ ମଧୁସୂଦନ ଦାସଙ୍କ ଶ୍ରାଦ୍ଧଦିବସ ଅବସରରେ ସୂଚନା ଓ ଲୋକସମ୍ପର୍କ ବିଭାଗ ତରଫରୁ ଶ୍ରଦ୍ଧାଞ୍ଜଳି ଅର୍ପଣ କରାଯାଇଛି। ବିଭାଗ ତରଫରୁ ପ୍ରତିମୂର୍ତି ସ୍ଥଳରେ ଆକର୍ଷଣୀୟ ସାଜସଜ୍ଜା କରାଯାଇ କୋଭିଡ୍ ମାର୍ଗଦର୍ଶିକାର ଅନୁପାଳନ ସହିତ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ସୂଚନା ଓ ଲୋକସମ୍ପର୍କ ବିଭାଗର ନିର୍ଦ୍ଦେଶକ ଇନ୍ଦ୍ରମଣି ତ୍ରିପାଠୀ, ନିର୍ଦ୍ଦେଶକ (ବୈଷୟିକ) ନିରଞ୍ଜନ ସେଠୀ, ଉତ୍କଳ ପ୍ରସଙ୍ଗ ଓ ଓଡ଼ିଶା ରିଭ୍ୟୁର ସମ୍ପାଦକ ଡ. ଲେନିନ୍ ମହାନ୍ତି ଉପସ୍ଥିତ ରହି ଶ୍ରଦ୍ଧାସୁମନ ଅର୍ପଣ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ବିଭାଗର ଯୁଗ୍ମ ନିର୍ଦ୍ଦେଶକ ସନ୍ତୋଷ କୁମାର ଦାସ ଓ ମାନସ ରଂଜନ ଖୁଂଟିଆ ଓ ସହକାରୀ ନିର୍ଦ୍ଦେଶକ ସୁଚେତା ପ୍ରିୟଦର୍ଶିନୀ ତଥା ଅନ୍ୟ ଅଧିକାରୀମାନେ ଉପସ୍ଥିତ ରହି ଶ୍ରଦ୍ଧାଞ୍ଜଳି ନିବେଦନ କରିଥିଲେ।

# ଘରେ ଘରେ ମୋଦି ସରକାରଙ୍କ ବାର୍ତ୍ତା ପହଞ୍ଚାଅ: ଧର୍ମେନ୍ଦ୍ର




ଭୁବନେଶ୍ୱର, (ସଂଦେଶ ବ୍ୟୁରୋ): ତ୍ରିସ୍ତରୀୟ ପଂଚାୟତ ନିର୍ବାଚନ ପରିପ୍ରେକ୍ଷୀରେ ରାଜ୍ୟ ବିଜେପି ପକ୍ଷରୁ ରାଜ୍ୟ ସଭାପତି ସମୀର ମହାନ୍ତିଙ୍କ ଅଧ୍ୟକ୍ଷତାରେ ଗୁରୁବାର ଆୟୋଜିତ ଭର୍ଚୁଆଲ ବୈଠକରେ ରାଜ୍ୟ ପଦାଧିକାରୀ, ସାଂସଦ ଏବଂ ସାଂସଦ ପ୍ରାର୍ଥୀ, ବିଧାୟକ ଏବଂ ବିଧାୟକ ପ୍ରାର୍ଥୀ, ଜିଲ୍ଲା ସଭାପତି, ସମସ୍ତ ଜିଲ୍ଲା ପରିଷଦ ପ୍ରାର୍ଥୀମାନଙ୍କୁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଜୀଙ୍କ ଡୋର୍ ଟୁ ଡୋର୍ ଓ ଫୋନ୍ ଟୁ ଫୋନ୍ କ୍ୟାମ୍ପେନ ମାଧ୍ୟମରେ ଲୋକଙ୍କ ପାଖରେ ପହଁଚାଇବାକୁ ପ୍ରାଥମିକତା ଦେବାକୁ ହେବ ବୋଲି କହିଛନ୍ତି କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ।

କେନ୍ଦ୍ରମନ୍ତ୍ରୀ ଶ୍ରୀ ପ୍ରଧାନ କହିଛନ୍ତି ଯେ ଓଡ଼ିଶାରେ ତୃଣମୂଳ ସ୍ତରରେ ଦଳକୁ ଆହୁରି ସଦୃଢ଼ କରିବାରେ ପଂଚାୟତ ନିର୍ବାଚନ ଏକ ସୁଯୋଗ ଆଣିଛି। ଏଥିପାଇଁ କାର୍ଯ୍ୟକର୍ତାମାନେ ନିର୍ବାଚନ ପାଇଁ ଡୋର୍ ଟୁ ଡୋର୍ କ୍ୟାମ୍ପେନ୍ ଦ୍ୱାରା ଲୋକ ସମ୍ପର୍କକୁ ଗୁରୁତ୍ୱ ଦେବାକୁ ପଡ଼ିବ। ଏହା ସହ ଫୋନ ଟୁ ଫୋନ୍ କ୍ୟାମ୍ପେନ ଉପରେ ପ୍ରାଥମିକତା ଦେବାକୁ ପଡ଼ିବ। ଆଜି ସମୟରେ ପ୍ରତ୍ୟେକ ଲୋକ ବିଶେଷ ଭାବରେ ଯୁବବର୍ଗଙ୍କ ପାଖରେ ମୋବାଇଲ ରହିଛି। ପ୍ରତ୍ୟେକ ମୋବାଇଲରେ ଫେସବୁକ୍, ଟ୍ୱିଟର ଏବଂ ବିଭିନ୍ନ ମାଧ୍ୟମରେ ବିଜେପିର ବିକାଶର ବାର୍ତା, ବିଗତ ବର୍ଷରେ ମୋଦି ସରକାରଙ୍କ ଜନକଲ୍ୟାଣକାରୀ ଯୋଜନା ଏବଂ ଓଡ଼ିଶା ପାଇଁ ପ୍ରଧାନମନ୍ତ୍ରୀ ମୋଦିଙ୍କ ପ୍ରତିବଦ୍ଧତାକୁ ଲୋକମାନଙ୍କ ପାଖରେ ପହଁଚାଇବାକୁ ହେବ। ତେବେ ଯାଇ ଆମେ ଦଳର ରାଜନୈତିକ ଲକ୍ଷ୍ୟକୁ ହାସଲ କରିପାରିବା । ଓଡିଶାରେ ବିଜେପି ଦୀର୍ଘ ଦଶନ୍ଧି ଧରି ନିଜ ପରିଶ୍ରମ ଓ ଜନଆଶୀର୍ବାଦ ବଳରେ ବିରୋଧୀ ଦଳ ଭାବରେ ଆଜି ପ୍ରତିଷ୍ଠିତ ହୋଇପାରିଛି। ଆମ ଦଳର ଲକ୍ଷ୍ୟକୁ ହାସଲ କରିବା ପାଇଁ ଲୋକଙ୍କ ପାଖରେ ଦଳ ବିଜେପି କୋରନା ନିୟମକୁ ମାନି କ୍ଷୁଦ୍ର କ୍ଷୁଦ୍ର ସଂଗଠନ ମାଧ୍ୟମରେ ଘରେ ଘରେ ବିଜେପିର ବାର୍ତା ପହଁଚାଇବାକୁ ହେବ। ବର୍ତମାନ ସମୟରେ ଦଳର ପ୍ରସଙ୍ଗ ରହିଛି କେନ୍ଦ୍ରର ପ୍ରତିଟି କ୍ଷେତ୍ରରେ ବିପୁଳ ଅର୍ଥ ଅନୁଦାନ ପରେ ମଧ୍ୟ ରାଜ୍ୟରେ ଏହି ଟଙ୍କା ହରିଲୁଟ ହେଉଛି । ଶିକ୍ଷା କ୍ଷେତ୍ରକୁ ପ୍ରାଧାନ୍ୟ ଦେଇ ଚଳିତ କେନ୍ଦ୍ର ବଜେଟରେ ଗରିବ ଓଡିଆ ପିଲାକୁ ଓଡିଆ ଭାଷାରେ ଗୁଣାତ୍ମକ ଶିକ୍ଷା ଦେବା ପାଇଁ ୱାନ କ୍ଲାସ- ୱାନ ଟିଭି ଚ୍ୟାନେଲ ଅନ୍ତର୍ଗତ ୧୨ରୁ ୨୦୦ ଟିଭି ଚ୍ୟାନେଲର ବ୍ୟବସ୍ଥା ସହ ଶିକ୍ଷା ବିଭାଗ ପାଇଁ ଇତିହାସରେ ପ୍ରଥମ ଥର ପାଇଁ ୧ ଲକ୍ଷ ୪ ହଜାର ୨୭୭ କୋଟିରୁ ଅଧିକ ଟଙ୍କାର ବ୍ୟବସ୍ଥା ହୋଇଛି । ରେଳବାଇ କ୍ଷେତ୍ରରେ ଗୋଟିଏ ଷ୍ଟ୍ରୋକରେ ୯ ହଜାର ୭୩୪ କୋଟି ଅନୁଦାନ ପୂର୍ବୋଦୟ ମିଶନରେ ମୋଦି ସରକାରଙ୍କ ଓଡିଶା ଗରିବ କଲ୍ୟାଣର ପ୍ରୟୋଗଶାଳା ହେବାର ନାରାକୁ ପ୍ରତିପାଦିତ କରୁଛି। ଏ ସବୁ କଥାକୁ ଆମକୁ ଭୋଟର ଭାଇ ଭଉଣୀ ମାନଙ୍କୁ ବୁଝାଇବାକୁ ପଡିବ।ମୋଦି ସରକାରଙ୍କ ମୂଳମନ୍ତ୍ର ହେଉଛି ସବକା ସାଥ୍, ସବକା ବିକାଶ ଏବଂ ସବକା ବିଶ୍ୱାସ। ଏହି ମନ୍ତ୍ରରେ ଆମକୁ ନିର୍ବାଚନ ଲଢ଼ିବାକୁ ହେବ। ବିଜେପି କେବଳ ପ୍ରାର୍ଥୀ ଜିତାଇବା ପାଇଁ ମଇଦାନକୁ ଓହ୍ଲାଇବ ନାହିଁ ବରଂ ଆଗାମୀ ନିର୍ବାଚନ ସମୟବଦ୍ଧ ଯୋଜନା ଓ ଦୂରଦୃଷ୍ଟି ସମ୍ପନ୍ନ ବିକାଶର ନକ୍ସା ଆଧାରରେ ଯିବ ବୋଲି ସେ କହିଛନ୍ତି। ଏହାବ୍ୟତିତ ରାଜ୍ୟ ସରକାରଙ୍କ ଅବ୍ୟବସ୍ଥା, କେନ୍ଦ୍ର ସରକାରଙ୍କ ଟଙ୍କାର ହରିଲୁଟ, ଶାସକ ଦଳର ଗୁଣ୍ଡାରାଜକୁ ବରଦାସ୍ତ କରାଯିବ ନାହିଁ ବୋଲି ଶ୍ରୀ ପ୍ରଧାନ କହିଛନ୍ତି।ଏହି କାର୍ଯ୍ୟକ୍ରମରେ ରାଜ୍ୟର ବରିଷ୍ଠ ନେତା, ରାଜ୍ୟ ପଦାଧିକାରୀ, ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ, ସାଂସଦ, ସାଂସଦ ପ୍ରାର୍ଥୀ, ବିଧାୟକ ଏବଂ ବିଧାୟକ ପ୍ରାର୍ଥୀ, ଜିଲ୍ଲା ପ୍ରଭାରିଗଣ, ଜିଲ୍ଲା ସଭାପତି ଏବଂ ସମସ୍ତ ଜିଲ୍ଲା ପରିଷଦ ପ୍ରାର୍ଥୀଙ୍କ ସହ କେନ୍ଦ୍ରମନ୍ତ୍ରୀ ଆଲୋଚନା କରିଥିଲେ।

# ଶିକ୍ଷାନୁଷ୍ଠାନରେ କୋଭିଡ୍ ନିୟମ କଡାକଡି ଭାବେ ପାଳନ କରିବା ପାଇଁ ମୁଖ୍ୟ ଶାସନ ସଚିବଙ୍କ ନିର୍ଦ୍ଦେଶ



ଭୁବନେଶ୍ୱର, (ସଂଦେଶ ବ୍ୟୁରୋ): ରାଜ୍ୟରେ କରୋନା ସ୍ଥିତିର ଅନୁଧ୍ୟାନ କରି ସ୍କୁଲ୍, କଲେଜ୍ ଖୋଲିବା ବିଷୟରେ ସରକାର ଆଜି ବଡ଼ ନିଷ୍ପତ୍ତି ନେଇଛନ୍ତି । ଏ ବିଷୟରେ ସୂଚ଼ନା ଦେଇ ମୁଖ୍ୟ ଶାସନ ସଚ଼ିବ ଶ୍ରୀ ସୁରେଶ ଚ଼ନ୍ଦ୍ର ମହାପାତ୍ର କହିଛନ୍ତି ଯେ ଗତ ୧ ମାସ ମଧ୍ୟରେ ରାଜ୍ୟରେ କରୋନାର ତୃତୀୟ ଲହର ନିୟନ୍ତ୍ରଣାଧିନ ଅଛି । କରୋନା ନମୁନା ପରୀକ୍ଷା ଏବଂ ପଜିଟିଭ ହାର କମ ଅଛି । ଇତି- ମଧ୍ୟରେ ୧୫ ରୁ ୧୮ ବର୍ଷ ବୟସ୍କ ବହୁ ସଂଖ୍ୟକ ପିଲାଙ୍କୁ ଟିକା ଦିଆଯାଇଛି । କରୋନା ଯୋଗୁ ଗତ ଦୁଇବର୍ଷରେ ପିଲାମାନଙ୍କ ଶିକ୍ଷା ବହୁ ପରିମାଣରେ ପ୍ରଭାବିତ ହୋଇଥିବାରୁ ବର୍ତ୍ତମାନ କୋଭିଡ୍ ନିୟମ ଅନୁପାଳନ ସହ ଶିକ୍ଷାନୁଷ୍ଠାନ ଖୋଲିବାପାଇଁ ସରକାର ନିଷ୍ପତ୍ତି ନେଇଛନ୍ତି ।

ଶ୍ରୀ ମହାପାତ୍ର କହିଥିଲେ ଯେ ଚ଼ଳିତ ଫେବୃଆରୀ ୭ ତାରିଖ ସୋମବାରଠାରୁ ୮ ରୁ ୧୦ମ ସମସ୍ତ ବିଦ୍ୟାଳୟ, ମହାବିଦ୍ୟାଳୟ ଏବଂ ବିଶ୍ୱବିଦ୍ୟାଳୟ ଖୋଲିବ । ସମସ୍ତ ବୈଷୟିକ ଶିକ୍ଷାନୁଷ୍ଠାନ ଏବଂ ଛାତ୍ର/ଛାତ୍ରୀ ନିବାସ ଖୋଲିବ ।

ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ, ଅନୁସୂଚ଼ୀତ ଜନଜାତି ଓ ଜାତି ଉନ୍ନୟନ, କୌଶଳ ବିକାଶ ଏବଂ ବୈଷୟିକ ତାଲିମ୍, କୃଷି କୃଷକ ସଶକ୍ତିକରଣ, ଏବଂ ସାମାଜିକ ସୁରକ୍ଷା ଓ ଦିବ୍ୟାଙ୍ଗ ସଶକ୍ତିକରଣ ଆଦି ବିଭାଗ ଅଧିନ ସମସ୍ତ ଶିକ୍ଷାନୁଷ୍ଠାନ ଖୋଲିବ । ଉଭୟ ଅନ୍-ଲାଇନ୍ ଏବଂ ଅଫ୍-ଲାଇନ୍ ମୋଡ୍‌ରେ ପାଠପଢ଼ା ହେବ । ନିଜ ନିଜ ବିଭାଗରେ ବିଦ୍ୟାଳୟ ଶିକ୍ଷାଦାନ ଓ ପରୀକ୍ଷା ଆଦି ବିଷୟରେ ସଂପୃକ୍ତ ବିଭାଗମାନେ ଗାଇଡ୍ଲାଇନ୍ ଜାରି କରିବେ । ଶ୍ରୀ ମହାପାତ୍ର ଆହୁରି ମଧ କହିଥିଲେ ଯେ ୨ୟ ପର୍ଯ୍ୟାୟରେ ଫେବୃଆରୀ ୧୪ ତାରିଖରୁ ପ୍ରାରମ୍ଭ/ କେ.ଜି. ରୁ ୭ମ ଶ୍ରେଣୀ ପର୍ଯ୍ୟନ୍ତ ବିଦ୍ୟାଳୟ ଖୋଲିବା ପାଇଁ ମଧ ନିଷ୍ପତି ନିଆଯାଇଛି ।

# ଓଡିଶାରେ ଚ଼ାଲିବ 'ବନ୍ଦେ ଭାରତ' ଟ୍ରେନ୍ : ଅଶ୍ୱିନୀ



ଭୁବନେଶ୍ୱର, (ସଂଦେଶ ବ୍ୟୁରୋ): ଓଡିଶାକୁ ରେଳ ବଜେଟ ଅନୁଦାନ ନେଇ ପ୍ରତିକ୍ରିୟାର ରଖିଛନ୍ତି ରେଳମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ । ପ୍ରେସମିଟ୍ ଜରିଆରେ ପ୍ରତିକ୍ରିୟା ରଖିଛନ୍ତି ରେଳମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ । ରେଳମନ୍ତ୍ରୀ କହିଛନ୍ତି ଇତିହାସରେ ପ୍ରଥମ ଥର ସର୍ବାଧିକ ଅନୁଦାନ ଦେଇଛନ୍ତି ପ୍ରଧାନମନ୍ତ୍ରୀ । ୨୦୧୪ ପରଠାରୁ ପ୍ରତ୍ୟେକ ଆର୍ଥିକ ବର୍ଷରେ ଅନୁଦାନ ବଢ଼ିଛି । ୨୦୧୪ ରୁ ୧୯ ପର୍ଯ୍ୟନ୍ତ ମୋଦି ହାରାହାରି ବାର୍ଷିକ ୪୧୨୬ କୋଟି ଦେଇଥିଲେ, ୨୦୧୯-୨୦ ରେ ୪୫୬୮, ୨୦୨୧-୨୨ ରେ ପ୍ରଥମେ ୫୯୨୧ କୋଟି ଓ ପରେ ୫୫୦ କୋଟି, ସମୁଦାୟ ୬୪୭୧ କୋଟି ଦିଆଯାଇଛି । ସେ ଆହୁରି କହିଛନ୍ତି ଚ଼ଳିତ ବର୍ଷ ୯୭୨୩ କୋଟି ଦେଇଛନ୍ତି, ଯାହା ପୂର୍ବ ୟୁପିଏ ସରକାର ତୁଳନାରେ ୧୦ ଗୁଣ ଅଧିକ । କଂଗ୍ରେସ ସମୟରେ ୨୦୦୯ ରୁ ୧୪ ପର୍ଯ୍ୟନ୍ତ ବାର୍ଷିକ ହାରାହାରି ୮୩୪ କୋଟି ମିଳୁଥିଲା ।ରେଳମନ୍ତ୍ରୀ ଆହୁରି କହିଛନ୍ତି ରେଳ ପାଇଁ ବିକାଶ ପାଣ୍ଠିର ଅଭାବ ରହିବ ନାହିଁ । କଳାହାଣ୍ଡି ରେଳ ୱାଗନ ଫ୍ୟାକ୍ଟ୍ରି ସଂପର୍କରେ ସୂଚ଼ନା ଦେଇ ରେଳମନ୍ତ୍ରୀ କହିଛନ୍ତି ଯେ ଏଯାଏଁ ୫୦% ଜମି ଅଧିଗ୍ରହଣ ହୋଇଛି, ରାଜ୍ୟ ଜମି ଦେଲେ କାର୍ଯ୍ୟ ଆରମ୍ଭ ହେବ । 'ବନ୍ଦେ ଭାରତ' ଓଡିଶାରେ ବି ଚ଼ାଲିବ, ଏହା ସାରା ଦେଶ ପାଇଁ ଘୋଷଣା ହୋଇଛି, ଓଡିଶାରେ ବି ଏହା ଚ଼ାଲିବ ବୋଲି କହିଛନ୍ତି ଅଶ୍ୱିନୀ ବୈଷ୍ଣବ । ସୂଚ଼ନାଯୋଗ୍ୟ, ୨୦୨୨-୨୩ ଆର୍ଥିକ ବର୍ଷ ପାଇଁ ୯,୭୩୪ କୋଟିର ରେଳ ବଜେଟ ଘୋଷଣା ପାଇଁ ସର୍ବାଧିକ ୮୯୧ କୋଟିର ବ୍ୟୟବରାଦ ହୋଇଛି । ଏହା ବ୍ୟତୀତ ଅନୁଗୁଳ ସୁକିନ୍ଦା ରେଳ ଲାଇନ ପାଇଁ ୪୭୫ କୋଟି ମଞ୍ଜୁର କରାଯାଇଛି । ହରିଦାସପୁର-ପାରାଦୀପ ରେଳ ଲାଇନ ପାଇଁ ୮୫ କୋଟି ଟଙ୍କାର ବ୍ୟୟବରାଦ କରାଯାଇଛି । ତାଳଚେର ବିମଳାଗଡ ରେଳ ଲାଇନ ପାଇଁ ୨୫୦ କୋଟି ଟଙ୍କା ବ୍ୟୟ ବରାଦ କରାଯାଇଛି । ଜୟପୁର-ମାଲକାନଗିରି ପାଇଁ ୧୩ କୋଟି ୮୦ ଲକ୍ଷ ଟଙ୍କାର ବ୍ୟୟବରାଦ କରାଯାଇଛି । ନୌପଡା-ଗୁଣପୁର-ଥେରୁବାଲି ପାଇଁ ୧୦ କୋଟି ଟଙ୍କାର ଅନୁଦାନ ବ୍ୟବସ୍ଥା କରାଯାଇଛି ।

# ରେଳବାଇ କ୍ଷେତ୍ରରେ ସର୍ବକାଳୀନ, ସର୍ବାଧିକ ଅର୍ଥ ଦେଇଛନ୍ତି ମୋଦି ସରକାର : ସମୀର



ଭୂବନେଶ୍ୱର, (ସଂଦେଶ ବ୍ୟୁରୋ): ଓଡିଶାର ରେଳବାଇ ବିକାଶ କ୍ଷେତ୍ରରେ ମୋଦି ସରକାର ଆଗାମୀ ୨୦୨୨-୨୩ ଆର୍ଥୀକ ବର୍ଷ ପାଇଁ ୯୭୩୪ କୋଟି ଟଙ୍କା ବ୍ୟୟବରାଦ କରିଛନ୍ତି। ଯାହାକି ସର୍ବକାଳୀନ ସର୍ବାଧିକ ବୋଲି ରାଜ୍ୟ ସଭାପତି ଶ୍ରୀ ସମୀର ମହାନ୍ତି ଖୁସି ବ୍ୟକ୍ତ କରି କହିଛନ୍ତି। ଏଥି ସହ ରେକର୍ଡ ପରିମାଣର ଅର୍ଥ ବରାଦ ପାଇଁ ପ୍ରଧାନମନ୍ତ୍ରୀ ଶ୍ରୀ ନରେନ୍ଦ୍ର ମୋଦି, କେନ୍ଦ୍ର ଅର୍ଥମନ୍ତ୍ରୀ ଶ୍ରୀମତୀ ନିର୍ମଳା ସିଥାରମଣ ଏବଂ କେନ୍ଦ୍ର ରେଳମନ୍ତ୍ରୀ ଶ୍ରୀ ଅଶ୍ୱନୀ ବୈଷ୍ଣବଙ୍କୁ ରାଜ୍ୟବାସୀଙ୍କ ତରଫରୁ ଶ୍ରୀ ମହାନ୍ତି ଆନ୍ତରିକ ଧନ୍ୟବାଦ ଜ୍ଞାପନ କରିଛନ୍ତି ।ଅତୀତରେ କଂଗ୍ରେସ ସରକାର ଅମଳରେ ଓଡିଶା ରାଜ୍ୟ ସର୍ବଦା ଅବହେଳିତ ହୋଇଆସୁଥିଲା । ପୂର୍ବୋଦ୍ୟୋୟର ବିକାଶକୁ ସର୍ବଦା ପ୍ରାଧାନ୍ୟ ଦେଇ ଆସୁଥିବା ମୋଦି ସରକାର ଚଳିତ ବର୍ଷ ବଜେଟରେ ଓଡିଶାକୁ ରେଳବାଇ କ୍ଷେତ୍ରରେ ବିକାଶ ପାଇଁ ଅଗ୍ରାଧିକାର ଦେଇଛନ୍ତି। ଗତ ୭ ବର୍ଷ ଭିତରେ ବହୁ ପୁରୁଣା ରେଳ ପ୍ରକଳ୍ପର ପୁନଃ କାର୍ଯ୍ୟକ୍ରମ କରିବା ସହିତ ବହୁ ସଂଖ୍ୟାରେ ନୂତନ ପ୍ରକଳ୍ପର ଆରମ୍ଭ ହୋଇଛି। ରାଜ୍ୟରେ ରେଳ ସଂଯୋଗୀକରଣରୁ ବଂଚିତ ରହିଥିବା ଜିଲ୍ଲାମାନେ ଆଜି ରେଳ ସେବା ପାଇବାକୁ ଯାଉଛନ୍ତି । ଦେଶ ସ୍ୱାଧୀନତାର ୭୫ ବର୍ଷ ପୂର୍ତ୍ତି ଅମୃତ ମହୋତ୍ସବ ପାଳନ ଅବସରରେ ମୋଦି ସରକାର ଓଡିଶାକୁ ଯେଉଁ ପ୍ରାଥମିକତା ଦେଇଛନ୍ତି, ସେହି କାରଣରୁ ଓଡିଶାବାସୀଙ୍କ ଆସ୍ଥା ପ୍ରଧାନମନ୍ତ୍ରୀ ଶ୍ରୀ ମୋଦିଙ୍କ ପ୍ରତି ବୃଦ୍ଧି ପାଇଛି ବୋଲି ଶ୍ରୀ ମହାନ୍ତି କହିଛନ୍ତି । ରାଜ୍ୟ ସରକାର ଚଳିତ ବର୍ଷ ରେଳ ବଜେଟରେ ୭୬୦୦ କୋଟି ଟଙ୍କା ପ୍ରଦାନ କରିବାକୁ ଦାବୀ କରିଥିବାବେଳେ ମୋଦି ସରକାର ୯୭୩୪ କୋଟି ଟଙ୍କା ବ୍ୟୟବରାଦ କରିଛନ୍ତି, ଯାହାକି ୨୮ ପ୍ରତିଶତ ଅଧିକ ।

# ଶ୍ରୀଜୀଉଙ୍କୁ ଦର୍ଶନ ସହ ନିର୍ମାଣ କାର୍ଯ୍ୟ ତଦାରଖ କଲେ ୫ଟି ସଚିବ



ପୁରୀ , (ସଂଦେଶ ବ୍ୟୁରୋ): ନିକଟରେ ୫ଟି ସଚିବ ଭି.କେ ପାଣ୍ଡିଆନ ଶ୍ରୀମନ୍ଦିର ଯାଇ ଶ୍ରୀଜୀଉଙ୍କୁ ଦର୍ଶନ କରିଛନ୍ତି । ଶ୍ରୀମନ୍ଦିର ପରିକ୍ରମା ମାର୍ଗ ନିର୍ମାଣ କାର୍ଯ୍ୟର ଅଗ୍ରଗତି ସମ୍ପର୍କରେ ସମୀକ୍ଷା କରିଥିବା ଜଣାପଡ଼ିଛି । ପଶ୍ଚିମଦ୍ୱାର ପଟେ ଆରମ୍ଭ ହୋଇଥିବା ନିର୍ମାଣ କାର୍ଯ୍ୟକୁ ସେ ବୁଲି ଦେଖିଥିଲେ ।ପରେ ସେ ଭୁବନେଶ୍ୱର ପ୍ରତ୍ୟାବର୍ତ୍ତନ କରିଥିବା ଜଣାପଡିଛି । ତେବେ ସେ ସପରିବାର ସହ ପୁରୀ ଆସି ଶ୍ରୀଜୀଉଙ୍କ ଦର୍ଶନ କରିଥିବା ଜଣାପଡିଛି ।

Printed, Published , Owned by Puspanjali Das and Printed by her at Mayur Offset Printers, D1/1 Mancheswar Industrial Estate, Bhubaneswar,751010 and Published at EB-672, Badagada Brit Colony, Bhubaneswar - 751018, Dist - Khurda, Odisha, **City Office:** 3R-5(F), Paradip Colony, Unit-8, Bhubaneswar-751012,Ph - 0674-2564429, 8895182352(M), 6370382637, e-mail : odishasandesh.news@gmail.com
ସମ୍ପାଦକ: ଅଜୟ ଦାସ
**Chief Editor : Harendra Kishor Das**
**Editor :Ajay Das**